

ଯା ଦେବୀ ସର୍ବଭୂତେଷୁ............

ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net
email: pratidhwani.dhwani@gmail.com

ବାଲେଶ୍ୱର ■ ରବିବାର ୦୯ ଏପ୍ରିଲ ୨୦୨୩ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ SUNDAY 09 APRIL 2023
Vol.No. 34 ■ No. 93 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore(Odisha)/005/2019



ଅସରନ୍ତି ଶୁଭେଚ୍ଛା ସହ...
ସାଗରିକା
ଯୋଗାଯୋଗ କରନ୍ତୁ :
ମୁଖ୍ୟ ସମ୍ପାଦକ ସାଗରିକା
ଜେଲ ରୋଡ, ବାଲେଶ୍ୱର-୭୫୬୦୦୧


## ଇତିହାସ ରଚିଲେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ

### ଭାରତ-ଚୀନ ସୀମା ଆକାଶରେ ଉଡ଼ିଲେ, ସୁଖୋଇ ଯୁଦ୍ଧ ବିମାନରେ ୩୦ ମିନିଟର ଉଡ଼ାଣ



ନୂଆଦିଲ୍ଲୀ, ୦୮/୦୪ : ବାୟୁସେନା ପୋଷାକରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ । ଆସାମର ତେଜପୁର ବାୟୁସେନା ଘାଟିରୁ ଉଡାଣ ଭରିବା ପାଇଁ ପ୍ରସ୍ତୁତ ଦେଶର ପ୍ରଥମ ନାଗରିକ । ତିନି ସେନାର ସୁପ୍ରିମ କମାଣ୍ଡର ଭାବରେ, ଦେଶର ସାମରିକ ଶକ୍ତି, ଅସ୍ତ୍ରଶସ୍ତ୍ର ଓ ରଣନୀତି ବାବଦରେ ରାଷ୍ଟ୍ରପତିଙ୍କୁ ଅବଗତ କରାଯାଏ । ସେହିକ୍ରମରେ ୩ ଦିନିଆ ଆସମ ଗସ୍ତରେ ଥିବା ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଶନିବାର ତେଜପୁର ଏୟାରଫୋର୍ସ ଷ୍ଟେସନରୁ ସୁଖୋଇ-୩୦ ଏମକେଆଇ ଯୁଦ୍ଧ ବିମାନରେ ଉଡିଛନ୍ତି । ବାୟୁସେନାର ଗ୍ରୁପ କ୍ୟାପଟେନ୍ ନବୀନ କୁମାର ତିୱାରୀ ତାଙ୍କୁ ସୁଖୋଇ ଯୁଦ୍ଧ ବିମାନରେ ବସାଇ ଭାରତ-ଚୀନ ସୀମା ଆକାଶରେ ଉଡାଇଛନ୍ତି । ଭାରତର ଏକ ଦୁର୍ଦ୍ଧର୍ଷ ଯୁଦ୍ଧ ବିମାନ ସୁଖୋଇରେ ବସି ଯେତେବେଳେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଚୀନ ସୀମାର ଅତି ନିକଟରେ ଉଡୁଥିଲେ, ସେହି ଦୃଶ୍ୟ ପ୍ରତିଟି ଓଡ଼ିଆଙ୍କ ମନରେ ଅସୀମ ଗର୍ବ ଆଣିଦେଇଥିଲା । ଯଦିଓ ଚତୁର୍ଥ ରାଷ୍ଟ୍ରପତି ଭାବେ ଦ୍ରୌପଦୀ ମୁର୍ମୁ ଯୁଦ୍ଧ ବିମାନରେ ଉଡିଛନ୍ତି ତଥାପି ଏହା ବିଭିନ୍ନ ଦୃଷ୍ଟିକୋଣରୁ ଭିନ୍ନ । ସୁଖୋଇ-୩୦ ଏମକେଆଇ ଯୁଦ୍ଧ ବିମାନରେ ବ୍ରହ୍ମପୁତ୍ର ନଦୀ ଓ ତେଜପୁର ଘାଟି ଦେଇ ପୁଣି ତେଜପୁର ଏୟରଫୋର୍ସ ଷ୍ଟେସନରେ ପହଂଚିଥିଲେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ । ବିମାନଟି ସମୁଦ୍ର ପତନର ପ୍ରାୟ ୨ କିଲୋମିଟର ଉଚ୍ଚତାରେ ଉଡାଣ ଭରିବା ସହ ଘଂଟା ପ୍ରତି ଏହାର ବେଗ ଥିଲା ୮୦୦ କିଲୋମିଟର । ରୁଷିଆ ନିର୍ମିତ ସୁଖୋଇ-୩୦ ଏମକେଆଇ ଯୁଦ୍ଧ ବିମାନ ୨୦୦୨ରେ ଭାରତୀୟ ବାୟୁସେନାରେ ସାମିଲ ହୋଇଥିଲା । ଭାରତୀୟ ବାୟୁସେନାରେ ପ୍ରାୟ ୨୬୦ଟି ସୁଖୋଇ-୩୦ ଯୁଦ୍ଧ ବିମାନ ଥିବା ସୂଚନା ମିଳିଛି । ସର୍ବାଧିକ ୨ ହଜାର ୧୨୦ କିମି ବେଗରେ ଗତି କରିପାରେ ସୁଖୋଇ-୩୦ ଯୁଦ୍ଧ ବିମାନ । ଆକଶରେ ପ୍ରାୟ ୩ ହଜାର କିଲୋମିଟର ଉପରକୁ ଉଡ଼ାଣ ଭରିପାରେ । ଆକଶରୁ ଆକାଶକୁ ଓ ଆକାଶରୁ ଭୂ-ପୃଷ୍ଠକୁ ମାଡ଼ କରିପାରେ ମିଜାଇଲ । ଆଂଟି ସିପ୍ ଓ ଆଂଟି ରେଡିଏସନ ମିଜାଇଲ ମାଡ କରିବାର କ୍ଷମତା ସୁଖୋଇ-୩୦ ଯୁଦ୍ଧ ବାମିନ ନିକଟରେ ରହିଛି । ଯାତ୍ରା ଶେଷ କରିବା ପରେ ରାଷ୍ଟ୍ରପତି ଭିଜିଟର୍ସ ବୁକ୍ରେ ଲେଖିଛନ୍ତି, 'ସୁଖୋଇ ଲଢୁଆ ବିମାନରେ ଉଡ଼ାଣ ଭରିବା ମୋ ପାଇଁ ରୋମାଂଚଭରା ଅନୁଭୂତି ଥିଲା । ଏହା ଗର୍ବର ବିଷୟ ଯେ, ଭାରତର ପ୍ରତିରକ୍ଷା ସାମର୍ଥ୍ୟ ଜଳ, ସ୍ଥଳ ଓ ବାୟୁ ସବୁ ଦିଗକୁ ସମ୍ପ୍ରସାରିତ ହୋଇଛି । ଏହି ଉଡ଼ାଣ ପାଇଁ ବାୟୁସେନା ଓ ତେଜପୁର ବାୟୁସେନା ଘାଟିର ପୂରା ଟିମକୁ ଅଭିନନ୍ଦନ ।

## ଝାରସୁଗୁଡା ଉପନିର୍ବାଚନ ହେଭିୱେଟ୍ ତାଲିକାରୁ ବାଦ୍ ପଡିଲେ ସୁଶାନ୍ତ ସିଂ



ଭୁବନେଶ୍ୱର, ୦୮/୦୪ (ନି.ପ୍ର): ଝାରସୁଗୁଡା ଉପନିର୍ବାଚନ ପାଇଁ ପୂରା ଦମରେ ଲାଗିପଡିଛି ବିଜେଡି । କେଉଁ ଅଞ୍ଚଳ କିଏ ସମ୍ଭାଳିବ, କିଏ କେଉଁ ଦାୟିତ୍ୱରେ ରହିବେ, ଗୋଟି ଗୋଟି କରି ନେତାଙ୍କୁ ଦାୟିତ୍ୱ ଦେଉଛି ଦଳ । ନେତା ଏବେ ନିର୍ବାଚନୀ ମୈଦାନ ମୁହାଁ ହେଲେଣି । ହେଲେ ଝାରସୁଗୁଡାରେ ପଶ୍ଚିମ ଓଡିଶାରେ ବିଜେଡିର ଅନ୍ୟତମ ଟାଣୁଆ ନେତା ସୁଶାନ୍ତ ସିଂଙ୍କ ଅନୁପସ୍ଥିତିକୁ ନେଇ ଚର୍ଚ୍ଚା ଆରମ୍ଭ ହୋଇଛି । ପଦ୍ମପୁର, ବିଜେପୁର, ବ୍ରଜରାଜନଗର – ବରଗଡ ସଂସଦୀୟ କ୍ଷେତ୍ରରେ ଥିବା ଏହି ତିନି ନିର୍ବାଚନ ମଣ୍ଡଳୀର ଉପ ନିର୍ବାଚନ ପ୍ରଚାରର ଆଗରେ ଥିଲେ ପଶ୍ଚିମ ଓଡିଶାର ଟାଣୁଆ ନେତା ସୁଶାନ୍ତ ସିଂ । ଦଳୀୟ ପ୍ରାର୍ଥୀଙ୍କୁ ଜିତାଇବା ପାଇଁ ଆଗରେ ରହି ପ୍ରଚାର କରୁଥିଲେ ସୁଶାନ୍ତ । ଏମିତିକି ସେ ସମୟରେ ସୁଶାନ୍ତଙ୍କୁ ମଞ୍ଚ ଉପରେ ପାଖରେ ବସାଇ ଭିନ୍ନ ବାର୍ତ୍ତା ଦେଇଥିଲେ ସୁପିମୋ । ସେ ସମୟରେ ସୁଶାନ୍ତଙ୍କୁ କୁହାଯାଉଥିଲା ସିଂ ଇଜ୍ କିଙ୍ଗ୍ । ଆଉ ସୁଶାନ୍ତ ବି ଦଳର ଭରସାକୁ ବଜାୟ ରଖିବାରେ ସକ୍ଷମ ହୋଇଥିଲେ । ତିନୋଟି ଯାକ ଉପନିର୍ବାଚନରେ ବିଜୟୀ ହୋଇଥିଲା ଦଳ । କିନ୍ତୁ ଏବେ ସେହି ବରଗଡ ସଂସଦୀୟ କ୍ଷେତ୍ରରେ ଥିବା ଝାରସୁଗୁଡା ବିଧାନସଭା ଆସନ ପାଇଁ ଉପନିର୍ବାଚନ ହେବାକୁ ଯାଉଥିବାବେଳେ, ସୁଶାନ୍ତଙ୍କ ଦେଖାମିଳୁନାହିଁ । ▶▶ପୃଷ୍ଠା ୭

## ସିକନ୍ଦରାବାଦ- ତିରୁପତି ବନ୍ଦେ ଭାରତ ଏକ୍ସପ୍ରେସ୍ ଟ୍ରେନର ଶୁଭାରମ୍ଭ କଲେ ପ୍ରଧାନମନ୍ତ୍ରୀ ମୋଦୀ



ନୂଆଦିଲ୍ଲୀ, ୦୮/୦୪ : ବିଜେପି ଫୋକୋସରେ ତେଲେଙ୍ଗାନା । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏବଂ ଗୃହ ମନ୍ତ୍ରୀ ଅମିତ ଶାହା ବାରମ୍ବାର ତେଲେଙ୍ଗାନା କରୁଛନ୍ତି । ଶନିବାର ପ୍ରଧାନମନ୍ତ୍ରୀ ମୋଦି ତେଲେଙ୍ଗାନାରେ ସିକନ୍ଦ୍ରାବାଦ- ତିରୁପତି ବନ୍ଦେ ଭାରତ ଏକ୍ସପ୍ରେସ୍ ଟ୍ରେନର ଶୁଭାରମ୍ଭ କରିଛନ୍ତି । ତିନି ମାସ ଭିତରେ ଦ୍ୱିତୀୟ ବନ୍ଦେ ଭାରତ ଟେନ ତେଲେଙ୍ଗାନାରେ ଆରମ୍ଭ ହୋଇଛି । ପ୍ରଧାନମନ୍ତ୍ରୀ ମୋଦୀ ମୋଟ ଉପରେ ତେଲେଙ୍ଗାନାରେ ୧୧ ହଜାର ୩୦୦ କୋଟିର ବିଭିନ୍ନ ପ୍ରକଳ୍ପର ଉଦଘାଟନ କରିଛନ୍ତି । ଯେଉଁଥିରେ ସିକନ୍ଦ୍ରାବାଦ ରେଳ ଷ୍ଟେସନ ପୁନଃବିକାଶ ରହିଛି । ଏଥିପାଇଁ ୭୨୦ କୋଟି ଟଙ୍କା ଖର୍ଚ୍ଚ ହେବ । ବିଭିନ୍ନ ପ୍ରକଳ୍ପର ଉଦଘାଟନ କରି ମୋଦୀ କହିଛନ୍ତି, ଆପଣମାନେ ତେଲେଙ୍ଗାନା ପୁନଃବିକାଶ ପାଇଁ ଦେଖୁଥିବା ସ୍ୱପ୍ନକୁ ପୁରା କରିବା କେନ୍ଦ୍ରର ଦାୟୀତ୍ୱ । ତେଲେଙ୍ଗାନାରେ ହାଇୱେ ନେଟୱାକ୍ ବିକାଶର କରିବା ସହ ୫ ହଜାର କିଲୋମିଟର ନୂଆ ଜାତୀୟ ରାଜପଥ ନିର୍ମାଣ କରାଯିବ । ତେବେ ଅନେକ କେନ୍ଦ୍ରୀୟ ପ୍ରକଳ୍ପ ବିଳମ୍ବ ରାଜ୍ୟ ସରକାରଙ୍କ ଯୋଗୁ ହେଉଛି । ରାଜ୍ୟ ସରକାର ସହଯୋଗ କରୁନଥିବାରୁ ପ୍ରକଳ୍ପରେ ବିଳମ୍ବ ହେଉଛି । ଏହା ତେଲେଙ୍ଗାନାର ଲୋକଙ୍କ କ୍ଷତି । ତେଣୁ ତେଲେଙ୍ଗାନା ସରକାରକୁ ବିକାଶମୂଳକ କାର୍ଯ୍ୟରେ ବାଧା ସୃଷ୍ଟି ନ କରିବାକୁ କହିଛନ୍ତି ପ୍ରଧାନମନ୍ତ୍ରୀ ମୋଦି ।

## ବିବାଦ ଭିତରେ କମିନି ଡୋନାଲ୍ଡ ଟ୍ରମ୍ପଙ୍କ କ୍ରେଜ୍ !



ନୂଆଦିଲ୍ଲୀ, ୦୮/୦୪ : ବାଦ ବିବାଦ ଭିତରେ କମିନି ଆମେରିକାର ପୂର୍ବତନ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ କ୍ରେଜ୍ । ରଏଟର୍ସ ସର୍ଭେ କହୁଛି ଆଗାମୀ ରାଷ୍ଟ୍ରପତି ନିର୍ବାଚନରେ ଡେମୋକ୍ରେଟିକ ଦଳକୁ କଡ଼ା ଟକ୍କର ଦେଇପାରେ ଟ୍ରମ୍ପଙ୍କ ରିପବ୍ଲିକାନ ଦଳ । ଅର୍ଥାତ ଟ୍ରମ୍ପ ଓ ବାଇଡେନ ମଧ୍ୟରେ କଡ଼ା ଟକ୍କର ସମ୍ଭାବନା ରହିଛି । ସର୍ଭେ କହୁଛି ଟ୍ରମ୍ପଙ୍କୁ ଏବେ ବି ୪୭% ଜନତାଙ୍କ ସମର୍ଥନ ରହିଛି । ନିର୍ବାଚନରେ ଏମାନଙ୍କ ମଧ୍ୟରୁ ୪୦% ଭୋଟ ଦେଇପାରନ୍ତି । ତାଙ୍କ ଉପରେ ଲାଗିଥିବା ଅଭିଯୋଗକୁ କେବଳ ୧୬% ଲୋକ ସତ ମାନିବା ସହ ଅଧିକାଂଶ ଏହାକୁ ଖାରଜ କରୁଛନ୍ତି । ତେଣୁ ନିର୍ବାଚନରେ ପୁଣି ଚମକ ଦେଖାଇପାରନ୍ତି ଡୋନାଲ୍ଡ ଟ୍ରମ୍ପ । କିଛି ଦିନ ପୂର୍ବରୁ ପର୍ଣ୍ଣଷ୍ଟାର ଷ୍ଟୋମି ଡାନିଏଲଙ୍କୁ ଲାଞ୍ଚ ଦେବା ମାମଲାରେ ଟ୍ରମ୍ପ ଫସିବା ଯୋଗୁଁ ପ୍ରଥମେ ଗିରଫ ଓ ପରେ ଜାମିନ ପାଇଥିଲେ । ତାଙ୍କ ଉପରେ ମୋଟ ୩୬ଟି ଅଭିଯୋଗ ରହିଛି । ରାଷ୍ଟ୍ରପତି ପଦରେ ରହିସାରିଥିବା କୌଣସି ରାଜନେତା ଏଭଳି ମାମଲାରେ ଫଶିବା, ଗିରଫ ହେବା ଘଟଣା ଆମେରିକା ରାଜନୀତିରେ ବିରଳ ଥିଲା । ଏତେ ବଡ ବିବାଦରେ ଫଶିବା ସତ୍ୱେ ଟ୍ରମ୍ପଙ୍କ କେଜ୍ର କମ ହୋଇନି ।

## ଜେପିସି ତଦନ୍ତର ଆବଶ୍ୟକତା ନାହିଁ : ଶରଦ ପାୱାର



ନୂଆଦିଲ୍ଲୀ, ୦୮/୦୪ : ଆଦାନୀ ପ୍ରସଙ୍ଗରେ ଜେପିସି ତଦନ୍ତ ପାଇଁ କଂଗ୍ରେସ ସମେତ ବିରୋଧୀ ଦାବି କରିଆସୁଥିବା ବେଳେ ଏବେ ଏନସିପି ସୁପ୍ରିମୋ ଶରଦ ପାୱାର ଏହାକୁ ନେଇ ଭିନ୍ନ ମତ ଦେଇଛନ୍ତି । ସେ ଆଦାନୀ ଗ୍ରୁପକୁ ସମର୍ଥନ କରିବା ସହ ଏହି ମାମଲାରେ ଜେପିସି ତଦନ୍ତର ଆବଶ୍ୟକ ନାହିଁ ବୋଲି କହିଛନ୍ତି । ଶରଦ ପାୱାରଙ୍କ ଏହି ମନ୍ତବ୍ୟ ପରେ ବିରୋଧୀଙ୍କ ଏକତାକୁ ନେଇ ପ୍ରଶ୍ନ ଉଠୁଥିବା ବେଳେ ବିଜେପି କଂଗ୍ରେସକୁ ସମାଲୋଚନା କରିଛି । କେନ୍ଦ୍ରମନ୍ତ୍ରୀ କିରଣ ରିଜିଜୁ କହିଛନ୍ତି, ବର୍ତ୍ତମାନ ଏହି ମାମଲାରେ ସୁପ୍ରିମକୋର୍ଟରେ ବିଚାରଧୀନ ଅଛି । କିନ୍ତୁ କଂଗ୍ରେସ, ରାହୁଲ ଗାନ୍ଧୀଙ୍କ କ୍ୟାରିୟରକୁ ଚମକାଇବା ପାଇଁ ଏହାକୁ ପ୍ରସଙ୍ଗ କରୁଛି । ସେପେଟ କଂଗ୍ରେସ ମଧ୍ୟ ଏହାକୁ ନେଇ ପ୍ରତିକ୍ରିୟା ରଖିଛନ୍ତି । କଂଗ୍ରେସ ଏହାକୁ ଶରଦ ପାୱାରଙ୍କ ବ୍ୟକ୍ତିଗତ ବିଚାରଧାରା କହିଛି । ଏହାସହ ଆଦାନୀ ପ୍ରସଙ୍ଗରେ ଏନସିପି ସହ ୨୦ ବିରୋଧୀ ଦଳ ଏକଜୁଟ ଥିବା କଂଗ୍ରେସ ଦାବି କରିଛି । ଶୁକ୍ରବାର ଏକ ସାକ୍ଷାତକାରରେ ଶରଦ ପାୱାର ଆଦାନୀ ଗ୍ରୁପ ସମ୍ପର୍କିତ ପ୍ରଶ୍ନର ଉତ୍ତରରେ ପାୱାର ଗୌତମ ଆଦାନୀଙ୍କୁ ସମର୍ଥନ କରି କହିଥିଲେ ଯେ ଏକ ଶିଳ୍ପସଂସ୍ଥାକୁ ଟାର୍ଗେଟ୍ କରାଯାଉଛି । ଆଦାନୀ ପ୍ରସଙ୍ଗରେ ଜେପିସି ତଦନ୍ତ ଦାବି ସମ୍ପୂର୍ଣ୍ଣ ବ୍ୟର୍ଥ ବୋଲି ମଧ୍ୟ କହିଥିଲେ । ଏହାସହ ହିଣ୍ଡେନବର୍ଗ ରିପୋର୍ଟକୁ ମଧ୍ୟ ସେ ସମାଲୋଚନା କରିବା ସହ ହିଣ୍ଡେନବର୍ଗର ବ୍ୟାକଗ୍ରାଉଣ୍ଡ କ'ଣ, ତାହା ଜାଣିବା ଆଗ ଦରକାର ବୋଲି କହିଥିଲେ ।

## 'ହେଲଦି ଲାଇଫ' ପକ୍ଷରୁ ଜାତୀୟସ୍ତରୀୟ ଯୋଗ ପ୍ରତିଯୋଗିତା 'ବିନ୍ୟାସ – ୨୦୨୩' ଉଦ୍‌ଘାଟିତ




ବାଲେଶ୍ୱର,୮।୩(ନି.ପ୍ର): ରାଜ୍ୟ ସରକାରଙ୍କ କ୍ରୀଡ଼ା ଓ ଯୁବ ବ୍ୟାପାର ବିଭାଗ ସହଯୋଗରେ ବାଲେଶ୍ୱରର ଇନଷ୍ଟିଚ୍ୟୁଟ ଅଫ ନେଚର କିୟର ଏଣ୍ଡ ଯୋଗିକ୍ ସାଇନ୍‌ସ ଦ୍ୱାରା ପରିଚାଳିତ 'ହେଲଦି ଲାଇଫ ଯୋଗ ମହାବିଦ୍ୟାଳୟ' ପକ୍ଷରୁ ଜାତୀୟସ୍ତରୀୟ ଯୋଗ ପ୍ରତିଯୋଗିତା 'ବିନ୍ୟାସ - ୨୦୨୩' ସ୍ଥାନୀୟ ବ୍ରିଟ କଲ୍ୟାଣ ମଣ୍ଡପ ପରିସରରେ ଶନିବାର ଉଦଘାଟିତ ହୋଇଯାଇଛି । ମୁଖ୍ୟଅତିଥି ଭାବେ ପୌରାଧକ୍ଷା ସବିତା ସାହୁ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ ସହ ବାଲେଶ୍ୱରରେ ଜାତୀୟ ସ୍ତରୀୟ ପ୍ରତିଯୋଗିତା ଆୟୋଜନକୁ ନେଇ ହେଲଦି ଲାଇଫ କର୍ତ୍ତୃପକ୍ଷଙ୍କୁ ସାଧୁବାଦ ଜଣାଇଥିଲେ। ଆଧୁନିକ ଯୁଗରେ ଚିକିତ୍ସା ପ୍ରଣାଳୀ ଯେତେ ଆଗେଇଥିଲେ ବି ମାନବ ସମାଜ ପାଇଁ ଭାରତୀୟ ସଂସ୍କୃତି ଉପରେ ଆଧାରିତ ପ୍ରାକୃତିକ ଚିକିତ୍ସା ଏବଂ ଯୋଗାଭ୍ୟାସ ଏକାନ୍ତ ଆବଶ୍ୟକ ବୋଲି ଶ୍ରୀମତୀ ସାହୁ କହିଥିଲେ । ଦୈନିକ ଓଡ଼ିଆ ଖବର କାଗଜ 'ଧ୍ୱନି ପ୍ରତିଧ୍ୱନି'ର ମୁଖ୍ୟ ସମ୍ପାଦକ ସୃଷ୍ଟିଧର ପରିଡ଼ା, ସମିତି ସଭ୍ୟା ଶାନ୍ତା ଦାସ, ବିଶିଷ୍ଟ ସ୍ତ୍ରୀ ଓ ପ୍ରସୂତି ରୋଗ ବିଶେଷଜ୍ଞ ଜ୍ଞାନରଞ୍ଜନ ବେହେରା ପ୍ରମୁଖ ଏଥିରେ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଶରୀର ଏବଂ ମନ ମଧ୍ୟରେ ସମନ୍ୱୟ ରକ୍ଷା, ମାନସିକ ଶାନ୍ତି ଓ ନିରୋଗ ସ୍ୱାସ୍ଥ୍ୟ ପାଇଁ ଯୋଗାଭ୍ୟାସ କରିବା ଉଚିତ ବୋଲି କହିଥିଲେ । ୫ବର୍ଷରୁ ୮୦ବର୍ଷ ପର୍ଯ୍ୟନ୍ତ ସବୁବର୍ଗର ଲୋକେ ନିୟମିତ ଯୋଗାଭ୍ୟାସ କଲେ ନିରୋଗ ଭାରତ ନିର୍ମାଣ ହୋଇପାରିବ। ବିଶେଷ କରି କୋଭିଡ କାଳରେ ଯୋଗାଭ୍ୟାସ ଓ ପ୍ରାଣାୟମର ମହତ୍ୱ ସମଗ୍ର ବିଶ୍ୱକୁ ନୂଆ ଦିଶା ଦେଇଥିଲା। ▶▶ପୃଷ୍ଠା ୭

## ୧୮ ଜିଲ୍ଲାକୁ ୟେଲୋ ୱାର୍ଣ୍ଣିଂ ଜାରି

ଭୁବନେଶ୍ୱର, ୦୮/୦୪ : ପଶ୍ଚିମା ଝଡ ପ୍ରଭାବରେ ଆସନ୍ତା ୨୪ ଘଂଟା ମଧ୍ୟରେ ରାଜ୍ୟର ବିଭିନ୍ନ ଜିଲ୍ଲାରେ ବିଜୁଳି ଘଡଘଡି ସହ ବର୍ଷା ହେବାର ସମ୍ଭାବନା ରହିଛି। ଏହାସହ ଘଂଟା ପ୍ରତି ୩୦ରୁ ୪୦ କିମି ବେଗରେ ପବନ ମଧ୍ୟ ବହିପାରେ। ଏଥିପାଇଁ ଭୁବନେଶ୍ୱର ସ୍ଥିତ ଆଂଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ୧୮ ଟି ଜିଲ୍ଲାକୁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି। ଏହି ଜିଲ୍ଲାଗୁଡିକ ହେଲା କେନ୍ଦୁଝର, ମୟୁରଭଂଜ, ବାଲେଶ୍ୱର, ଦେବଗଡ, ସୁନ୍ଦରଗଡ, ଝାରସୁଗୁଡା, ଅନୁଗୁଳ, ଢେଙ୍କାନାଳ, ଯାଜପୁର, ସମ୍ବଲପୁର, ବରଗଡ, ଭଦ୍ରକ, କନ୍ଧମାଳ, କୋରାପୁଟ, ରାୟଗଡା, ଗଜପତି, କଟକ ଓ ନୟାଗଡ। ସେହିପରି ଆସନ୍ତାକାଲି ବାଲେଶ୍ୱର , କେନ୍ଦୁଝର, ମୟୁରଭଂଜ, ଭଦ୍ରକ, ଯାଜପୁର, ସୁନ୍ଦରଗଡ, ସମ୍ବଲପୁର, ଦେବଗଡ, ଝାରସୁଗୁଡା, ଅନୁଗୁଳ, ଢେଙ୍କାନାଳ, ମାଲକାନଗିରି, କୋରାପୁଟ ଓ ରାୟଗଡା ଜିଲ୍ଲାର ଗୋଟିଏ ଦୁଇଟି ସ୍ଥାନରେ ବିଜୁଳି ଘଡଘଡି ସହ ବର୍ଷା ହୋଇପାରେ। ଏହି ଜିଲ୍ଲାଗୁଡିକୁ ମଧ୍ୟ ୟେଲୋ ୱାର୍ଣ୍ଣିଂ ଜାରି କରିଛି ପାଣିପାଗ ବିଭାଗ।

# ବିନା ନିଲାମରେ ଉଠୁଛି ବାଲି : ଗଭୀର ହେଉଛି କୋଏଲ



ରାଉରକେଲା,୮/୦୪ (ନି.ପ୍ର): ବେଆଇନ ବାଲି ଉଠାଣ ଓ ଚୋରା ଚାଲାଣକୁ ରୋକି ପାରୁନି ପ୍ରଶାସନ। ତହସିଲର ବିଭାଗୀୟ ଅଧିକାରୀ ଓ ବାଲିମାଫିଆଙ୍କ ଭିତିରି ସଲାସୁତୁରାରେ ଲୁଟ୍ ହେଉଛି ଦୈନିକ ଶହ ଶହ ଟ୍ରାକ୍ଟର ବାଲି। ବାରମ୍ବାର ଅଭିଯୋଗ ହେଉଛି। ହେଲେ କାର୍ଯ୍ୟାନୁଷ୍ଠାନ ଶୂନ। ଏମିତି ଅଭିଯୋଗ ଆସିଛି ବିଶ୍ରା ତହସିଲ ଅନ୍ତର୍ଗତ କୋଏଲନଦୀ ଜାମସେରା ବାଲିଘାଟ (୧)ରୁ। ଫଳରେ କୋଏଲ ଗଭୀର ହେବାରେ ଲାଗିଛି। ବିଶ୍ରା ତହସିଲ ଜଗଦା ଆରଆର ସର୍କଲ ଅନ୍ତର୍ଗତ ଜାମସେରା ଗ୍ରାମରେ କୋଏଲନଦୀ ଉପରେ ଦୁଇଟି ବାଲି ଘାଟ ରହିଛି। ଗୋଟିଏ ହେଉଛି ଜାମସେରା -୧ ଓ ଅନ୍ୟଟି ଜାମସେରା- ୨। ଦୀର୍ଘଦିନ ଧରି ଜାମସେରା -୧ରେ ବାଲିଘାଟର ଟେଣ୍ଡର ଅବଧି ଶେଷ ହୋଇସାରିଛି। ପ୍ରଶାସନ ଆଖିରେ ଆଙ୍ଗୁଠି ଗେଞ୍ଜି ସେହି ଘାଟରୁ ପ୍ରତିଦିନ ଶହ ଶହ ଟ୍ରାକ୍ଟର ଓ ଟ୍ରକ ବାଲି ଚୋରାରେ ଚାଲାଣ ହେଉଛି। ଆଶ୍ଚର୍ଯ୍ୟର କଥା,ବିନା ଟେଣ୍ଡରରେ ଜାମସେରା ୧ ରୁ ଦୀର୍ଘଦିନ ହେବ ଦିନ ଦ୍ୱିପହରେ ଝିରପାଣି ମୁଖ୍ୟରାସ୍ତା ଦେଇ ବାଲି ଚୋରାଚାଲାଣ ହେଉଛି। ସବୁ ଜାଣି ସ୍ଥାନୀୟ ପୁଲିସ ଓ ବିଶ୍ରା ତହସିଲ କର୍ତ୍ତୃପକ୍ଷ ନିରବଦ୍ରଷ୍ଟା ସାଜିଥିବା ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଛି। ସେପଟେ ବୀରମିତ୍ରପୁର ତହସିଲ ଖୁଟଗାଁ ଆର. ଆଇ. ଅଧୀନରେ ଥିବ ମିଟକୁନ୍ଦୁରି ଗ୍ରାମ ନିକଟସ୍ଥ କୋଏଲସେତୁ ନିକଟରୁ ମଧ ପ୍ରତିଦିନ ଶହ ଶହ ଗାଡି ବାଲିଚୋରି ହେଉଛି।

ଯଦିଓ ବୀରମିତ୍ରପୁର ତହସିଲ ରେକର୍ଡରେ ମିଟକୁନ୍ଦୁରି ବୋଲି ବାଲିଘାଟ ନାହିଁ। ହେଲେ ଯେଉଁ ଜାଗାରୁ ବାଲି ଉଠାଯାଉଛି ତାହା ବୀରମିତ୍ରପୁର ତହସିଲ ଅଧୀନରେ ରହିଛି। ଗତ ବର୍ଷ ଏହିଭଳି ଝିରପାଣି ଅଞ୍ଚଳର କିଛି ବାଲିମାଫିଆ ବୀରମିତ୍ରପୁର ତହସିଲ ସୀମାରୁ ବାଲି ଚୋରି କରି ଲକ୍ଷ ଲକ୍ଷ ଟଙ୍କା ରୋଜଗାର କରୁଛନ୍ତି। ଅବଶ୍ୟ ଏହି ବେଆଇନ କାମ ପାଇଁ ସେମାନଙ୍କ ଠାରୁ ପ୍ରାୟ ଏକ ଲକ୍ଷ ଟଙ୍କା ଜରିମାନା ଆଦାୟ କରାଯାଇଥିଲା। ଜରିମାନା ଆଦାୟ ମଧ ବୀରମିତ୍ରପୁର ତହସିଲ କର୍ତ୍ତୃପକ୍ଷ କରିଥିଲେ।

ତତ୍କାଳୀନ ତହସିଲଦାର ନଦୀ ଗର୍ଭରେ ସୀମା ନିର୍ଦ୍ଧାରଣ କରିଥିଲେ। ବାଲିମାଫିଆଙ୍କୁ ବୀରମିତ୍ରପୁର ସୀମାରୁ ବାଲି ନ ଉଠେଇବାକୁ ତାଗିଦ ମଧ କରାଯାଇଥିଲା। ବୀରମିତ୍ରପୁର ତହସିଲଦାରଙ୍କ ବଦଳି ପରେ ବାଲିମାଫିଆ ପୁଣି ଖୋଲାଖୋଲି ବୀରମିତ୍ରପୁର ତହସିଲ ସୀମାରୁ ବାଲି ବେଆଇନ ଚୋରା ଚାଲାଣ କରୁଛନ୍ତି। ଲୋକ ଅଭିଯୋଗ ପରେ ବାଲିମାଫିଆଙ୍କ ଠାରୁ ଏକ ଲକ୍ଷ ଟଙ୍କା ଜରିମାନା ଆଦାୟ କରାଯାଇଛି। ତଥାପି ଚୋରା ବାଲି ଚାଲାଣ ବନ୍ଦ ହେଉନି। ସେପଟେ ରାଜ୍ୟ ସରକାର ଲକ୍ଷ ଲକ୍ଷ ଟଙ୍କା ରାଜସ୍ୱ ହରାଉଥିଲେ ହେଁ ଭିତିରି ସଲାସୁତୁରା ଯୋଗୁ କାର୍ଯ୍ୟାନୁଷ୍ଠାନ ନେବା ପରିବର୍ତ୍ତେ ଚୁପ୍ ବସୁଛି। ଅଭିଯୋଗ ହେଲେ କାଁ ଭାଁ ଜରିମାନା କାଟି କାମ ସାରି ଦେଉଛି। ପାନପୋଷ ଉପଜିଲ୍ଲାପାଳ ବେଆଇନ ବାଲି ଚାଲାଣକୁ ବନ୍ଦ କରିବାକୁ ସ୍ଥାନୀୟ ଅଞ୍ଚଳବାସୀ ଦାବି କରିଛନ୍ତି।

# ସହରାଚଂଳ ସ୍ୱାସ୍ଥ୍ୟକେନ୍ଦ୍ର ଓ ଶାସ୍ତ୍ରୀ ନଗର ପକ୍ଷରୁ ବିଶ୍ୱ ସ୍ୱାସ୍ଥ୍ୟ ଦିବସ ପାଳନ

ବଲାଙ୍ଗିର,୮/୦୪ (ନି.ପ୍ର): ସହରାଚଂଳ ସ୍ୱାସ୍ଥ୍ୟକେନ୍ଦ୍ର, ଶାସ୍ତ୍ରୀ ନଗର ତରଫରୁ ଚଉସ୍ତରି ତମ ବିଶ୍ୱ ସ୍ୱାସ୍ଥ୍ୟ ଦିବସ ପାଳନ କରାଯାଇଛି । ସ୍ୱାସ୍ଥ୍ୟ ମଣିଷର ଏକ ମୌଳିକ ଆବଶ୍ୟକତା ଓ ଅଧିକାର ମଧ। ଦେହ ଓ ମନ ଭଲ ନରହିଲେ, ମଣିଷ ଠିକ୍ ଭାବରେ ଜୀବନ ଧାରଣ କରିପାରିବ ନାହିଁ । ସ୍ୱାସ୍ଥ୍ୟ କେବଳ ଶାରିରୀକ ସୁସ୍ଥତାକୁ ବୁଝାଏ ନାହିଁ, ମାନସିକ ଓ ସାମାଜିକ ସୁସ୍ଥତାକୁ ମଧ ବୁଝାଏ ଏହାପାଇଁ ସରକାରଙ୍କ ଉଦ୍ଦିଷ୍ଟ ସ୍ୱାସ୍ଥ୍ୟ ନିୟମାବଳୀକୁ ପାଳନ କଲେ ଜୀବନ ଧାରଣ ସଠିକ ହେବା ସଂଗେ ସଂଗେ ଆମ ସମାଜରେ ଘଟୁଥିବା ବିଭିନ୍ନ ସଂକ୍ରମଣ ଓ ଅଣସଂକ୍ରମଣ ରୋଗର ମୁକାବିଲା କରାଯାଇ ପାରିବ ବୋଲି ସହରାଚଂଳର ମେଡିକାଲ ଅଫିସର ଡା. ଆଶିଷ ବିଶ୍ୱାସ ଉଦବୋଧନ ଦେଇଥିଲେ। 'ଆମ ପୃଥିବୀ, ଆମ ସ୍ୱାସ୍ଥ୍ୟ' ନିର୍ଦ୍ଦିଷ୍ଟ ବିଷୟ ଉପରେ ସ୍ୱାସ୍ଥ୍ୟକେନ୍ଦ୍ରର ସ୍ୱାସ୍ଥ୍ୟ ନିରୀକ୍ଷିକା ମାମୀ ସିଂଦେଓ, ରୋଜାଲିନା ହୋତା ଉପସ୍ଥିତ ସମସ୍ତ ଜନ ସାଧାରଣଙ୍କୁ ଅବଗତ କରାଇ ଥିବା ବେଳେ ଅନୁଷ୍ଠାନର ସୂର୍ଯ୍ୟଂସୀ ହୋତା ସୁଷମ ଓ ନିରାପଦ ଖାଦ୍ୟ ମଣିଷ ପାଇଁ ଏକ ଅପରିହାର୍ଯ୍ୟ, ତେଣୁ ଯଥେଷ୍ଟ ପରିମାଣର ଅର୍ଥ ସ୍ୱାସ୍ଥ୍ୟ ରକ୍ଷା ପାଇଁ ଏବଂ ପ୍ରଦୂଷଣ କମ୍ କରିବା ପାଇଁ ଖର୍ଚ୍ଚ ହେବା ଆବଶ୍ୟକ। ଯାହାଦ୍ୱାରା ପରିବେଶ ଭଲ ରହିଲେ ହିଁ ଆମ ସ୍ୱାସ୍ଥ୍ୟ ମଧ ଭଲ ରହିବ ବୋଲି ଜଣାଇଥିଲେ।

ସରକାର ଉଭୟ କେନ୍ଦ୍ର ଓ ରାଜ୍ୟ କରୋନା ଆକ୍ରାନ୍ତଙ୍କ ମାଗଣା ଚିକିତ୍ସାଠାରୁ ଆରମ୍ଭ କରି ସମୁହ ଟିକାକରଣ ଯାଏଁ ଅଭିଯାନ ଚଳାଇଛନ୍ତି । ସ୍ୱାସ୍ଥ୍ୟ ଭିତିଭୂମିକୁ ସଜାଡିବା ପାଇଁ ପ୍ରତିବର୍ଷ ସ୍ୱାସ୍ଥ୍ୟ ବଜେଟରେ ଅନେକ ବ୍ୟୟବରାଦ ମଧ କରାଯାଉଛି । ତେବେ ନିଜର ଏବଂ ନିଜ ପରିବାରର ସ୍ୱାସ୍ଥ୍ୟ କିପରି ସଠିକ ରହିବ ସେନେଇ ନିଜେ ହିଁ ସଜାଗ ହେବା ଆବଶ୍ୟକ ବୋଲି ଅନୁଷ୍ଠାନର ନିର୍ଦ୍ଦେଶକ ଓ ଚେୟାରମ୍ୟାନ ସତ୍ୟ ରଞ୍ଜନ ମିଶ୍ର ଓ ରବି ରଞ୍ଜନ ପୂଜାରୀ ସଭିଙ୍କୁ ବାର୍ତା ଦେଇଥିଲେ।

# ଖେମାସୁଲି ଓ କୁସ୍ତାଓ୍ୱର ଷ୍ଟେସନରେ ଜନ ଆନ୍ଦୋଳନ: ଆଜି ୧୨ ଟ୍ରେନ୍ ବାତିଲ୍

ଭୁବନେଶ୍ୱର ,୮/୦୪ (ନି.ପ୍ର): ଦକ୍ଷିଣ ପୂର୍ବ ରେଳପଥ ଅନ୍ତର୍ଗତ ଖଡଗପୁର ରେଳମଣ୍ଡଳର ଖଡଗପୁର-ଟାଟା ରେଳ ସେକ୍ସନ ମଧ୍ୟରେ ଖେମାସୁଲି ଷ୍ଟେସନ ଓ ଆଦ୍ରା-ଚାଣ୍ଡିଲ ରେଳ ସେକ୍ସନର କୁସ୍ତାଓ୍ୱର ଷ୍ଟେସନରେ ଜନଆନ୍ଦୋଳନକୁ ଦୃଷ୍ଟିରେ ରଖି ପୂର୍ବତଟ ରେଳପଥରୁ ଛାଡୁଥିବା ଏବଂ ଏହା ମଧକୁ ଆସୁଥିବା ୧୨ଟି ଟ୍ରେନ୍ ୮ ତାରିଖ ପାଇଁ ବାତିଲ୍ ହୋଇଛି।

ସେଗୁଡ଼ିକ ହେଲା ଭିଲୁପୁରମ୍-ପୁରୁଲିଆ ଏକ୍ସପ୍ରେସ୍(୨୨୬୦୬), ତମ୍ବାରାମ୍-ଯଶିଡ଼ିହି ଏକ୍ସପ୍ରେସ୍(୧୨୩୭୫), ପୁରୀ-ନୂଆଦିଲ୍ଲୀ ପୁରୁଷୋତ୍ତମ ଏକ୍ସପ୍ରେସ୍(୧୨୮୦୧), ନୂଆଦିଲ୍ଲୀ-ପୁରୀ ପୁରୁଷୋତ୍ତମ ଏକ୍ସପ୍ରେସ୍(୧୨୮୦୨), ଟିଟିଲାଗଡ଼-ହାଓ୍ୱଡା ଇସ୍ପାତ୍ ଏକ୍ସପ୍ରେସ୍(୧୨୮୭୧), ହାଓ୍ୱଡା-କଣ୍ଟାବାଂଝି ଇସ୍ପାତ୍ ଏକ୍ସପ୍ରେସ୍(୨୨୮୬୨), ଜଗଦଲପୁର-ହାଓ୍ୱଡା ସମଲେଶ୍ୱରୀ ଏକ୍ସପ୍ରେସ୍(୧୮୦୦୬), ହାଓ୍ୱଡା-ଜଗଦଲପୁର ସମଲେଶ୍ୱରୀ ଏକ୍ସପ୍ରେସ୍(୧୮୦୦୫), ନୂଆଦିଲ୍ଲୀ-ପୁରୀ ରାଜଧାନୀ ଏକ୍ସପ୍ରେସ୍(୨୨୮୨୪), ଭୁବନେଶ୍ୱର-ନୂଆଦିଲ୍ଲୀ ରାଜଧାନୀ ଏକ୍ସପ୍ରେସ୍(୨୦୮୧୭) ଏବଂ ଅଲ୍ଲିପି-ଧାନବାଦ ଏକ୍ସପ୍ରେସ୍(୧୩୩୫୨)। ଏହାବ୍ୟତୀତ ଆସନ୍ତା ୯ ତାରିଖ ପାଇଁ ମୁମ୍ବାଇ ଏଲ୍‌ଟିଟି-ପୁରୀ ଏକ୍ସପ୍ରେସ୍(୧୨୧୪୫), ୧୧ ତାରିଖରେ ପୁରୀ-ଏଲ୍‌ଟିଟି ଏକ୍ସପ୍ରେସ୍(୧୨୧୪୬), ୧୦ ତାରିଖରେ ନ୍ୟୁ ତିନ୍‌ସୁକିଆ-ତମ୍ବାରାମ ଏକ୍ସପ୍ରେସ୍(୧୫୯୩୦), ୭ ତାରିଖରେ ସିଲଘାଟ ଟାଉନ୍-ତମ୍ବାରାମ୍ ଏକ୍ସପ୍ରେସ୍(୧୫୬୩୦), ୧୦ ତାରିଖରେ ତମ୍ବାରାମ୍-ସିଲଘାଟ ଏକ୍ସପ୍ରେସ୍(୧୫୬୨୯) ବାତିଲ୍ ହୋଇଛି। ୮ ତାରିଖରେ ପୁରୀ-ଋଷିକେଶ-ପୁରୀ କଳିଙ୍ଗ ଉତ୍କଳ ଏକ୍ସପ୍ରେସ୍(୧୮୪୭୭/୧୮୪୭୮) ଉଭୟ ପାର୍ଶ୍ୱରୁ ସମ୍ବଲପୁର ସିଟି-ଝାରସୁଗୁଡ଼ା ରୋଡ-ଆଇବି ଷ୍ଟେସନ ଦେଇ ଚଳାଚଳ କରିବ ବୋଲି ପୂର୍ବତଟ ରେଳ ପକ୍ଷରୁ ସୂଚନା ଦିଆଯାଇଛି।

# ଏବର୍ଷ ୧୦ଟି ନୂତନ ଆଇଟିଆଇ: ୮୦ ହଜାର ସିଟ୍‌ରେ ହେବ ନାମଲେଖା



ଭୁବନେଶ୍ୱର ,୮/୦୪ (ନି.ପ୍ର): ୨୦୨୩-୨୪ ଶିକ୍ଷାବର୍ଷରେ ରାଜ୍ୟରେ ଆଉ ୧୦ଟି ନୂତନ ସରକାରୀ ଆଇଟିଆଇରେ ନାମଲେଖା ହେବାକୁ ଯାଉଛି। ପୂର୍ବରୁ ରାଜ୍ୟରେ ୫୦ଟି ଆଇଟିଆଇ ଥିବା ବେଳେ ଏବର୍ଷ ବାଲୁଗାଁ, ଭଞ୍ଜନଗର, କରଞ୍ଜିଆ, କପ୍ତିପଦା, ରୁଆ, ଓଳାଭର, ଆଠମଲ୍ଲିକ, ଜୁନାଗଡ଼, ପାଟଣାଗଡ଼ ଓ ବଂଶପାଳଠାରେ ନୂତନ ଆଇଟିଆଇ ଖୋଲିଛି। ଚଳିତ ଶିକ୍ଷାବର୍ଷ ପାଇଁ ଉକ୍ତ ଆଇଟିଆଇଗୁଡ଼ିକ ନୂଆଦିଲ୍ଲୀସ୍ଥିତ ଏନ୍‌ସିଭିଇଟି ସହବନ୍ଧିତ ହୋଇଛି ଏବଂ ଏହାଦ୍ୱାରା ବୈଷୟିକ ଶିକ୍ଷାରେ ଛାତ୍ରଛାତ୍ରୀଙ୍କୁ ଦକ୍ଷ କରାଯାଇପାରିବ ବୋଲି ରଜ୍ୟ ସରକାର ଆଶାବ୍ୟକ୍ତ କରିଛନ୍ତି।

ଉକ୍ତ ୧୦ଟି ନୂତନ ଆଇଟିଆଇକୁ ମିଶାଇ ରାଜ୍ୟର ମୋଟ ୪୭୫ଟି ଶିକ୍ଷାନୁଷ୍ଠାନର ୮୦ ହଜାର ୨୫୬ ସିଟ୍‌ରେ ଚଳିତ ଶିକ୍ଷାବର୍ଷରେ ନାମଲେଖା ହେବ। ସେଥିମଧ୍ୟରୁ ୬୦ଟି ସରକାରୀ ଆଇଟିଆଇରେ ୧୫ ହଜାରରୁ ଅଧିକ ସିଟ୍ ରହିଛି। ଛାତ୍ରଛାତ୍ରୀଙ୍କ ଆଗ୍ରହକୁ ନଜରରେ ରଖି ଏଥର କେତେକ ଆଇଟିଆଇର ସିଟ୍ ସଂଖ୍ୟା ମଧ ବୃଦ୍ଧି କରାଯାଇଛି। ବ୍ରହ୍ମପୁର ଆଇଟିଆଇରେ ସର୍ବାଧିକ ୧୮୮୦ ସିଟ୍ ଥିବା ବେଳେ କଟକ ଆଇଟିଆଇରେ ୧୫୯୨, ସୁନ୍ଦରଗଡ଼ ଜିଲ୍ଲାର ରାଉରକେଲା ଆଇଟିଆଇରେ ୧୦୭୨, ସମ୍ବଲପୁର ଜିଲ୍ଲା ହୀରାକୁଦ ଆଇଟିଆଇରେ ୭୯୨, ବାଲେଶ୍ୱରର ୭୦୮, ହିଞ୍ଜିଳିକାଟୁରେ ୭୦୪, କେନ୍ଦୁଝର ଜିଲ୍ଲା ବଡବିଲ୍‌ରେ ୭୦୦, କୋରାପୁଟ ଜିଲ୍ଲାର ଗୋପବନ୍ଧୁ ଆମ୍ବାଗୁଡ଼ା ଆଇଟିଆଇର ୬୭୨, ଗଞ୍ଜାମ ଜିଲ୍ଲାର ପୁରୁଷୋତ୍ତମପୁରରେ ୬୫୬, ମୟୂରଭଞ୍ଜ ଜିଲ୍ଲା ଟିଟିଆଇ ଟାକଟପୁରରେ ୬୬୪, ଭୁବନେଶ୍ୱର ଆଇଟିଆଇରେ ୬୦୦ ସିଟ୍ ରହିଛି। ୪୧୫ଟି ବେସରକାରୀ ଆଇଟିଆଇରେ ପ୍ରାୟ ୬୫ ହଜାର ସିଟ୍ ରହିଥିବା ବୈଷୟିକ ଶିକ୍ଷା ବିଭାଗ ପକ୍ଷରୁ କୁହାଯାଇଛି। ଗତବର୍ଷଗୁଡ଼ିକରେ ଆଇଟିଆଇରେ ୫୦% ସିଟ୍ ଖାଲି ପଡୁଥିବା ବେଳେ ଗତବର୍ଷ ସାମାନ୍ୟ କମ୍ ଥିଲା।

ଛାତ୍ରଛାତ୍ରୀଙ୍କ ସୁବିଧାକୁ ଦୃଷ୍ଟିରେ ରଖି ଏଥର ଆଉ ମାଟ୍ରିକ୍ ପରୀକ୍ଷା ଫଳ ପ୍ରକାଶ ପର୍ଯ୍ୟନ୍ତ ଅପେକ୍ଷା କରାଯାଇ ନାହିଁ। ପରୀକ୍ଷା ସରିବା କ୍ଷଣି ଅନ୍‌ଲାଇନ୍‌ରେ ଆବେଦନ ପ୍ରକ୍ରିୟା ଆରମ୍ଭ ହୋଇଛି। ୨୦୨୩-୨୪ ଶିକ୍ଷାବର୍ଷରେ ରାଜ୍ୟର ସରକାରୀ ଓ ବେସରକାରୀ ଆଇଟିଆଇରେ ସାମ୍ସ ମାଧ୍ୟମରେ କେନ୍ଦ୍ରୀୟ ଅନ୍‌ଲାଇନ୍ ପଦ୍ଧତିରେ ନାମ ଲେଖା ହେଉଛି। ୧୪ବର୍ଷ କିମ୍ବା ତା'ଠାରୁ ଅଧିକ ବୟସର କୌଣସି ବି ଛାତ୍ରଛାତ୍ରୀ ନାମଲେଖା ଲାଗି ଆବେଦନ କରିପାରିବେ। ବିଭିନ୍ନ ଇଞ୍ଜିନିୟରିଂ ଓ ଇଞ୍ଜିନିୟରିଂ ଟ୍ରେଡ୍ ପାଇଁ ସର୍ବନିମ୍ନ ଶିକ୍ଷାଗତ ଯୋଗ୍ୟତା ଯଥାକ୍ରମେ ଦଶମ ଶ୍ରେଣୀ କିମ୍ବା ୮ମ ଶ୍ରେଣୀ ପାସ୍ ଧାର୍ଯ୍ୟ ହୋଇଛି। ସାମ୍ସ ପୋର୍ଟାଲ www.samsodisha.gov.in ଓ www.dtetodisha.gov.in ରେ ଏ ସମ୍ପର୍କରେ ସବିଶେଷ ତଥ୍ୟ ଉପଲବ୍ଧ ରହିଛି। ଦଶମ ଶ୍ରେଣୀ ପରୀକ୍ଷା ଫଳ ପ୍ରକାଶ ପରେ ଆବେଦନକାରୀମାନେ ସେମାନଙ୍କ ମାର୍କ ଓ ଆବଶ୍ୟକ ପ୍ରମାଣପତ୍ରର ବିବରଣୀ ସାମ୍ସ ପୋର୍ଟାଲରେ ଅପଲୋଡ୍ କରିପାରିବେ ବୋଲି ବୈଷୟିକ ଶିକ୍ଷା ଓ ତାଲିମ ନିର୍ଦ୍ଦେଶାଳୟ ପକ୍ଷରୁ ସୂଚନା ଦିଆଯାଇଛି।

# ଆନ୍ତଃ ଜିଲ୍ଲା ଲନବଲସ ପ୍ରତିଯୋଗିତାରେ ବଲାଙ୍ଗିର ଚମ୍ପିଆନ୍

ବଲାଙ୍ଗିର,୮/୦୪ (ନି.ପ୍ର): ଆନ୍ତଃ ଜିଲ୍ଲା ଲନବଲସ ପ୍ରତିଯୋଗିତାରେ ବଲାଙ୍ଗିର ଜିଲ୍ଲାକୁ ୫ଟି ସ୍ୱର୍ଣ୍ଣ ଓ ଦୁଇଟି ରୌପ୍ୟ ଏବଂ ଗୋଟିଏ କାଂସ୍ୟ ପଦକ ମିଳିଛି। ଏହି ପ୍ରତିଯୋଗିତାରେ ଓଡିଶାର ୧୭ ଟି ଜିଲ୍ଲାର ୨୫୦ ରୁ ଅଧିକ ଖେଳାଳି ଭାଗ ନେଇଥିଲେ। ବଲାଙ୍ଗିର ଜିଲ୍ଲା ଲନବଲସ ସଂଘ ତରଫରୁ ସାତଜଣ ମହିଳା ଏବଂ ସାତଜଣ ପୁରୁଷ ଏହି ରାଜ୍ୟ ଲନ ବଲସ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ। ବଲାଙ୍ଗିର ଆର.ଏନ. ସିଂ ଦେଓ ସ୍ପୋର୍ଟ୍ସ କଂପ୍ଲେକ୍ସରେ କୋଚ୍ କୈଳାଶ ମାଝୀଙ୍କ ପ୍ରଶିକ୍ଷଣରେ ଏହି ଖେଳାଳିମାନେ ପ୍ରତିଦିନ ଅଭ୍ୟାସ କରନ୍ତି। ପଦକ ହାସିଲ କରିଥିବା ଖେଳାଳି ହେଲେ ପୁରୁଷ ସିଙ୍ଗଲରେ ରୌପ୍ୟରେ ନରସିଂହ ରାଣା, ପିଆରରେ ସ୍ୱର୍ଣ୍ଣ କୈଳାଶ ମାଝୀ, ସୋରଫ ରଞ୍ଜନ ମହାରଣ ଟ୍ରିପଲରେ ସ୍ୱର୍ଣ୍ଣ, ନରସିଂହ ରାଣା, ଦୀନେଶ ନନ୍ଦ, ଲଳିତ ଶର୍ମା, ଫୋରସରେ କାଂସ୍ୟ, କୈଳାଶ ମାଝୀ, ସୋରଫ ରଞ୍ଜନ ମହାରଣା, ଲଳିତ ଶର୍ମା, ରିକୁ ନାଏକ, ମହିଳା ସିଙ୍ଗଲରେ ସ୍ୱର୍ଣ୍ଣ ଶ୍ୱେତଲିନା ବକ୍ସି, ପିଆରରେ ସ୍ୱର୍ଣ୍ଣ, ପଦ୍ମଶିନୀ ପୁଟେଲ, ରୋଶନୀ ସାହୁ ଟ୍ରିପଲରେ କାଂସ୍ୟ, ଶ୍ୱେତଲିନା ବକ୍ସି, ରାଜେଶ୍ୱରୀ ସେଠ, ରୋହିଣୀ ନାଏକ, ଫୋରସରେ ସ୍ୱର୍ଣ୍ଣ, ସାଇନା ନାଏକ, ବିଷ୍ଣୁପ୍ରିୟା ବହିଦାର, ପ୍ରତିମା ସେଠ, ପଦ୍ମସିନି ପୁଟେଲ ରୌପ୍ୟ ପଦକ ହାସଲ କରିଛନ୍ତି।

# ଏମ୍‌ସିସି, ଏମ୍‌ଆରଏଫ୍‌ରେ କ୍ୟାମେରା ଲାଗିବ: କମାଣ୍ଡ ସେଣ୍ଟରରେ ନଜର ରଖିବେ ଅଧିକାରୀ

ଭୁବନେଶ୍ୱର ,୮/୦୪ (ନି.ପ୍ର): ଏମ୍‌ସିସି(ମାଇକ୍ରୋ କମ୍ପୋଷ୍ଟିଂ ସେଣ୍ଟର) ଓ ଏମ୍‌ଆରଏଫ୍(ମ୍ୟାଟେରିଆଲ ରିକଭରି ଫ୍ୟାସିଲିଟି)ରେ କ୍ୟାମେରା ଲଗାଇବ ବିଏମ୍‌ସି। ଏହାକୁ ବିଏସ୍‌ସିଏଲ୍(ଭୁବନେଶ୍ୱର ସ୍ମାର୍ଟ ସିଟି ଲିମିଟେଡ୍)କମାଣ୍ଡ ସେଣ୍ଟର ସହ ସଂଯୁକ୍ତ କରାଯିବ। ସେଠାରୁ ବିଏମ୍‌ସି ଏହି ସେଣ୍ଟରଗୁଡ଼ିକ ଉପରେ ନଜର ରଖିବ। ଫଳରେ କର୍ମଚାରୀ ଆଉ ଠକି ପାରିବେ ନାହିଁ। ଉଚିତ ସମୟରେ ସେଣ୍ଟର ଆସିବେ ଓ ଉଚିତ୍ ସମୟରେ ଯିବେ। ତେବେ କେବଳ କର୍ମଚାରୀଙ୍କ ପାଇଁ ନୁହେଁ, ବରଂ ଆବର୍ଜନା ନେଇ ଆସୁଥିବା ଗାଡ଼ି କେତେବେଳେ ପହଞ୍ଚିଲା ଓ କେତେବେଳେ ବାହାରିଲା ତାହା ଉପରେ ମଧ ଏହି କ୍ୟାମେରା ଜରିଆରେ ନଜର ରଖିବ ବିଏମ୍‌ସି। ସେହିଭଳି ଭୁଆସୁଣି ଡମ୍ପିଂୟାର୍ଡରେ ମଧ କ୍ୟାମେରା ଲାଗିବ। ଏଠାରେ ଆରମ୍ଭ ହେବାକୁ ଥିବା ବାୟୋମାଇନିଂ ସହ ଆବର୍ଜନା ନେଇ ଆସୁଥିବା ଗାଡ଼ି ଉପରେ ମଧ ନଜର ରଖାଯିବ।

ପ୍ରାଥମିକ ପର୍ଯ୍ୟାୟରେ ୧୫୦ କ୍ୟାମେରା ଲାଗିବାକୁ ଯାଉଛି। ଏହା ପରେ ମେଗା ଏମ୍‌ସିସି ଓ ଏମ୍‌ଆରଏଫ୍ କାର୍ଯ୍ୟକ୍ଷମ ହେଲେ ସେଗୁଡ଼ିକୁ ମଧ କ୍ୟାମେରା ଲେନ୍ସରେ ନଜର ରଖାଯିବ ବୋଲି ବିଏମ୍‌ସି ପକ୍ଷରୁ ସୂଚନା ମିଳିଛି। ଏ ନେଇ ଟେଣ୍ଡର କରାଯାଇଛି। କ୍ୟାମେରା ଯୋଗାଇବା ସଂସ୍ଥାଙ୍କ ପାଇଁ ଆବେଦନର ଶେଷ ତାରିଖ ଆସନ୍ତା ମାସ ୧୭ ଧାର୍ଯ୍ୟ କରାଯାଇଛି। ସମସ୍ତ ଆବେଦନପତ୍ର କେବଳ ଅନ୍‌ଲାଇନ୍‌ରେ ପଠାଇବାକୁ କୁହାଯାଇଛି। ଏପ୍ରିଲ ୩ ତାରିଖରେ ବିଏମ୍‌ସି ଅଫିସ୍‌ରେ ପ୍ରି-ବିଡ୍ ବୈଠକ ରହିଛି। ଟେଣ୍ଡର ଜରିଆରେ ଚୟନ ହେବାକୁ ଥିବା ସଂସ୍ଥା କ୍ୟାମେରା ଯୋଗାଇବା ସହ ସଂସ୍ଥାପନ ଓ କମାଣ୍ଡ ସେଣ୍ଟର ସହ କମିସନିଂ କରିବ। ଏଠାରେ ସୂଚାଇ ଦିଆଯାଇପାରେ, ଘର ଘର ବୁଲି ଆବର୍ଜନା ଉଠାଉଥିବା ଗାଡ଼ିରେ ଜିପିଏସ୍ ବ୍ୟବସ୍ଥା କରାଯାଇଛି। ଗାଡ଼ି ନିର୍ଦ୍ଦିଷ୍ଟ ଜାଗାକୁ ଯାଉଛି କି ନାହିଁ ସେ ନେଇ ପ୍ରତ୍ୟେକ ମୁହୂର୍ତ୍ତର ଖବର ବିଏମ୍‌ସି ରଖିବା ସହ କେହି ଅବହେଳା କଲେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉଛି। ସେହିଭଳି ସୈନିକ ସ୍କୁଲ ପଛରେ ଥିବା ଟିଟିଏସ୍(ଟେମ୍ପରାରି ଟ୍ରାଞ୍ଜିଟ୍ ଷ୍ଟେସନ)ରେ ମଧ କ୍ୟାମେରା ଲାଗିଛି। ଏହି କ୍ୟାମେରା ବଳରେ ଏଯାବତ୍ ବିଏମ୍‌ସି ୭ଟି ଗାଡ଼ିକୁ ଧରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି। ଏହି ଗାଡ଼ିଗୁଡ଼ିକ ବିଭିନ୍ନ ଜାଗାରୁ ଆବର୍ଜନା ଆଣି ଟିଟିଏସ୍ ସାମ୍ନାରେ ଗଦା କରିଦେଇ ପଳାଉଥିଲେ। ଭୁଆସୁଣିରେ ମଧ ଏଭଳି ହେଉଥିବା ନେଇ ଅଭିଯୋଗ ହୋଇଛି। ଏଣୁ ସେଠାରେ କ୍ୟାମେରା ଲାଗିଲେ ଏଭଳି ଅମାନିଆଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ପାରିବ ବୋଲି ବିଏମ୍‌ସି ସୂତ୍ରରୁ ସୂଚନା ମିଳିଛି।

# ଭୋକ ପାଇଁ ଶିଶୁ ପୁତ୍ରକୁ ବିକି ଦେଲା ବାପା: ଘଟଣାକୁ ଦଫାରଫା କରିବାକୁ ଉଦ୍ୟମ

ଧର୍ମଶାଳା,୮/୦୪ (ନି.ପ୍ର): ପେଟ ପାଇଁ ନାଟ। ଦରିଦ୍ର ସୀମା ରେଖା ତଳେ ବସବାସ କରୁଥିବା ନିରୀହ ଜନତା ପେଟ ପାଇଁ ବିଭିନ୍ନ ବିଭନ୍ନ ପନ୍ଥା ଅବଲମ୍ବନ କରୁଛି। ଏହିପେଟ ଭୋକ ମେଂଟାଇବା ପାଇଁ ନିଜର ଶିଶୁ ପୁତ୍ରକୁ ବିକି ଦେବା ଘଟଣା ଚର୍ଚ୍ଚାର ବିଷୟ ପାଲଟିଛି । ଏ କୌଣସି ଉପାନ୍ତ ଆଦିବାସୀ ଅଂଚଳ ନୁହେଁ । ଏ ହେଉଛି ବିକାଶିତ ଉପକୂଳ ଜିଲା ଭାବେ ବେଶ୍ ପରିଚିତ ଥିବା ଯାଜପୁର ଜିଲାର ଘଟଣା। ଯାଜପୁର ଜିଲା ବଡଚଣା ବ୍ଲକରେ ଏହି ଶିଶୁପୁତ୍ରକୁ ବିକିବା ଘଟଣାକୁ ନେଇ ଏବେ ସବୁ ଆଡେ ଚର୍ଚ୍ଚା ଜୋର ଧରିଛି । ଏହି ବଡଚଣା ପଂଚାୟତ ଅନ୍ତର୍ଗତ ଶାସନପୁରୁଷୋତମପୁର ଚମାରଖଟି ୭ ନମ୍ବର ୱାର୍ଡ ଆଦିବାସୀ ସାହିର ଘନ ସିଙ୍କୁ। ବତା,ବାଉଁଶ ଓ ଜରି ଘେରା ଝାଟିମାଟି ଘର। ପରିବାରର ବୋଝ ସହ ପିଲାଙ୍କ ବୋଝ ମୁଣ୍ଡ ଉପରେ। ଅନେକ ସମୟ ଭୋକ ଉପବାସରେ ଦିନ କଟୁଥିବା ବେଳେ ଏକ୍ରମାତ୍ର ରୋଜଗାରିଆ ଭାବେ ଯାହା ଆଣନ୍ତି ତାଙ୍କୁ ସେମାନେ ଭାଗବାଂଟ କରି ଖାଇ ଥାନ୍ତି। ଦିନ ମଜୁରୀଆଭାବେ ସକାଳୁ ସଂଜ ଯାଏ ଖଟି ଯାହା ପାରନ୍ତି ତାହା ଆଣନ୍ତି । ସରକାରୀ ସହାୟତା କହିଲେ ୩୦ କୋଜି ଚାଉଳ । ଏହି ଚାଉଳ ୧୫ ଦିନରେ ସରିଯାଉଛି। ପରିବାର କହିଲେ ପତ୍ନୀ ସହ ୨ଝିଅ ଓ ଗୋଟିଏ ୮ବର୍ଷର ପୁଅ। ପେଟ ଭୋକ ମେଂଟାଇବା ପାଇଁ ମାର୍ଚ୍ଚ ମାସ ୩୦ ତାରିଖ ଦିନ ଧର୍ମଶାଳା ବ୍ଲକ ଆରୁହା ହାଟ ନିକଟରେ, ଜେନାପୁର ଥାନା ଅଂଚଳର ମାଧବ ମହାନ୍ତିଙ୍କୁ ୧୨ ହଜାର ଟଙ୍କାରେ ବିକିବା ପାଇଁ ମୁଲଚାଲ କରିଥିଲା। ତେବେ ନଗଦ ୭ହଜାର ଟଙ୍କା ନେଇଥିଲେ। କିଛି ଦିନ ପରେ ଆଉ ୫ ହଜାର ଟଙ୍କା ଦେବା ପାଇଁ ମାଧବ ଘନକୁ କହିଥିଲେ। ଟଙ୍କା ଲୋଭରେ ନିଜ ପୁଅକୁ ସ୍ୱାମୀ ବିକି ଦେଇଥିବା ନେଇ ପତ୍ନୀ ସଂଗୀତା ସିଙ୍କୁ ଅଭିଯୋଗ କରିଛନ୍ତି । ଘଟଣା ପ୍ରଚାରିତ ହେବା ପରେ ବଡଚଣା ପୋଲିସ ସେଠାରେ ପଂହଚି ଶିଶୁ ପୁତ୍ରକୁ ଉଦ୍ଧାର କରି ଘରେ ଛାଡି ଦେଇଥିବା ଜଣାପଡିଛି। ବଦନାମ ଭୟରେ ଏହି ଘଟଣାକୁ ଦଫାରଫା କରିବାକୁ ଏହି ପରିବାର ଉପରେ ବିଭିନ୍ନ ମହଲରୁ ଚାପା ପଡୁଛି।

# ମୌଳିକ ସୁବିଧାରୁ ବଂଚିତ ଖୋଲିଭିତର ଗାଁ : ପ୍ରଶାସନର ସହାୟତାକୁ ଅପେକ୍ଷା

ନୂଆପଡ଼ା,୮/୦୪ (ନି.ପ୍ର): ଗାଁର ଚାରିପଟେ ଘେରି ରହିଛି ଜଙ୍ଗଲ। ପ୍ରତିଦିନ ବିପଦ ସଂଙ୍କୁଳ ରାସ୍ତା ଦେଇ ପାର ହେଉଛନ୍ତି ଲୋକେ। ଶିକ୍ଷା, ସ୍ୱାସ୍ଥ୍ୟ, ପାନୀୟ ଜଳ ସୁବିଧା କଥା ନକହିବା ଭଲ। ଦୁର୍ବିସହ ଅଭିଶପ୍ତ ଜୀବନ କାଟୁଛନ୍ତି ଏହି ଦୁର୍ଗମ ଅଂଚଳବାସୀ। ଏଭଳି ଏକ ଗାଁ ହେଉଛି ବୋଡ଼େନ ବ୍ଲକର ଖୋଲିଭିତର। ନୂଆପଡା ଜିଲ୍ଲା ବୋଡ଼େନ ବ୍ଲକ ନାଗପଡା ପଂଚାୟତର ଖୋଲିଭିତରରେ ବସବାସ କରୁଛନ୍ତି ୫୦ରୁ ୬୦ ପରିବାର। ହେଲେ ଏହି ଗାଁରେ ଗମନାଗମନ, ଶିକ୍ଷା, ପାନୀୟଜଳ, ବିଦ୍ୟୁତ ଭଳି ମୌଳିକ ସୁବିଧା ସତେ ଯେମିତି ସାତ ସପନ। ତିନି କିଲୋମିଟର ପାଦ ଚଲା ରାସ୍ତା କିମ୍ବା କଷ୍ଟେ ମଷ୍ଟେ ବାଇକ ଯୋଗେ ଝରଣାମାଳ ଗାଁ କୁ ପହଂଚିଲେ ଭଲ ରାସ୍ତା ମିଳିଥାଏ। ବର୍ଷା ହେଲେ ଛଅ ମାସ ପର୍ଯ୍ୟନ୍ତ ଜଳବନ୍ଦୀରେ କାଟନ୍ତି ଜୀବନ। ଭଲ ରାସ୍ତାଟିଏ ନଥିବାରୁ ଗର୍ଭବତୀ ହେଉ ଅବା ସାଧାରଣ ରୋଗୀ ଖଟିଆରେ ବୁହା ହୋଇ ଦୀର୍ଘ ଚାରିରୁ ପାଂଚ କିଲୋମିଟର ନେଲେ ଆମ୍ବୁଲାନ୍ସ ସେବା ମିଳିଥାଏ। କେବଳ ରାସ୍ତା ସମସ୍ୟା ନୁହେଁ ପାନୀୟଜଳ ସମସ୍ୟା ମଧ ଉତ୍କଟ। ସରକାର ଯୋଜନା କରିଛନ୍ତି ସତ ହେଲେ ପ୍ରଶାସନିକ ଉଦାସୀନତା ଯୋଗୁଁ ଦୀର୍ଘ ଦିନ ହେବ ପାଣି ଟାଙ୍କି ଅଧା ହୋଇ ପଡି ରହିଛି। ଫଳରେ ପାଣି ପାଇଁ ହଡହ ବିକଳ ହେଉଛନ୍ତି ଗ୍ରାମବାସୀ । ଆଉ ବିଦ୍ୟୁତ ସେବା ନକହିବା ଭଲ। କିଛି ବର୍ଷ ତଳେ ସୋଲାର ପ୍ଲାଂଟ କରି ବିଦ୍ୟୁତର ବ୍ୟବସ୍ଥା ହୋଇଥିଲେ ମଧ ତାର ମରାମତି ଅଭାବରୁ ବର୍ତ୍ତମାନ ଜରାଜୀର୍ଣ୍ଣ ଅବସ୍ଥାରେ ପଡ଼ି ରହିଛି। ସରକାରଙ୍କ ବିକାଶ ସ୍ଲୋଗାନ "ଗାଁକୁ ଚାଲ ଗାଁକୁ ଗଢ଼" ସତେ ଯେମିତି ଏଠାକାର ବାସ୍ତବ ଚିତ୍ର ଦେଖିଲେ ସ୍ଲୋଗାନଟି ଫିକା ଲାଗେ । ଜୀବନ ବଂଚେଇବା ପାଇଁ ସଂଘର୍ଷ କରୁଥିବା ଏହି ଗ୍ରାମବାସୀଙ୍କ ପାଇଁ ସରକାରୀ ଯୋଜନା ହେଉଛ। ମାସମାସ ଧରି ପିଡିଏସ ଠାରୁ ନେଇ ବିଧବା, ବାର୍ଦ୍ଧକ୍ୟ ଓ ଭିନ୍ନକ୍ଷମ ଭତା ପାଇବାରୁ ବଂଚିତ ହେଉଛନ୍ତି ଏଠାକାର ହିତାଧିକାରୀ । ନିର୍ବାଚନ ସମୟରେ ଭୋଟ ପାଇଁ ଅନେକ ରାଜନେତା ଆସି ବିଭିନ୍ନ ପ୍ରତିଶୃତି ଦିଅନ୍ତି ହେଲେ ନିର୍ବାଚିତ ହୋଇସାରିଲା ପରେ ଦୁଃଖ ଶୁଣିବା ତ ଦୂରର କଥା ସେମାନଙ୍କୁ ଦେଖା ମିଳେନି। ଅପରପକ୍ଷରେ ପ୍ରଶାସନିକ ଅଧିକାରୀ କିମ୍ବା କର୍ମଚାରୀ ମଧ ଏହି ଗାଁକୁ ପାଦ ଦେଇନଥାନ୍ତି ବୋଲି ଗ୍ରାମବାସୀ ଅଭିଯୋଗ କରିଛନ୍ତି । ଏନେଇ ଏହି ଗାଁକୁ ପ୍ରଶାସନ ଦୃଷ୍ଟି ଦେଇ ଗ୍ରାମବାସୀଙ୍କୁ ମୌଳିକ ସୁବିଧା ସୁଯୋଗ ଯୋଗାଇ ଦେବାକୁ ଦାବି କରିଛନ୍ତି।

# ଧର୍ମଶାଳା ଗାର୍ଲସ ୱିଙ୍ଗସ୍ ପକ୍ଷରୁ ରଜମହୋତ୍ସବ ୨୦୨୩ ଲୋଗୋ ଓ ଆବେଦନପତ୍ର ଉନ୍ମୋଚିତ

ଧର୍ମଶାଳା,୮/୦୪ (ନି.ପ୍ର): ଚଳିତ ବର୍ଷ ଆନନ୍ଦ ଉଲ୍ଲାସର ସହ ପାଳିତ ହେବ ରଜ ମହୋତ୍ସବ ୨୦୨୩। ଯାହାକୁ ନେଇ ଯାଜପୁର ଜିଲା ଧର୍ମଶାଳା ବ୍ଲକ ପୁରା ପ୍ରସ୍ତୁତ । ଅନ୍ୟ ପକ୍ଷେ ମୁଖ୍ୟମନ୍ତ୍ରୀ ସବୁ ବେଳେ ମହିଳାମାନଙ୍କୁ ସଶକ୍ତ କରି ଆସୁଛନ୍ତି । ଏହି କ୍ରମରେ ଧର୍ମଶାଳାର ମହିଳାମାନେ ଯେପରି ସେମାନଙ୍କର ବିକାଶ ହୋଇପାରି ସେ ନେଇ ବିଧାୟକ ପ୍ରଣବ କୁମାର ବଳବନ୍ତରାୟ ବିଭିନ୍ନ କାର୍ଯ୍ୟକ୍ରମ ହାତକୁ ନେଇଛନ୍ତି । ସେଥି ମଧ୍ୟରୁ ରଜ ମହୋତ୍ସବ ଜିଲାରେ ବେଶ ଚର୍ଚ୍ଚିତ। ଏହି ଅବସରରେ ଆଜି ଧର୍ମଶାଳା ଗାର୍ଲସ ୱିଙ୍ଗସ ପକ୍ଷରୁ ଜାରକାସ୍ଥିତ କଳ୍ପତରୁ ଦାସ ଷ୍ଟାଡିୟମ ପରିସରରେ ଏହାର ଲୋଗୋ ଓ ଆବେଦନପତ୍ର ଉନ୍ମୋଚିତ ହୋଇଯାଇଛି। ଗାର୍ଲସ ୱିଙ୍ଗସର ସଭାନେତ୍ରୀ କ୍ଷିରାବ୍ଧି ତନୟା ମଲ୍ଲିକଙ୍କ ନେତୃତ୍ୱରେ ଏହି କାର୍ଯ୍ୟକ୍ରମରେ ୧୧ ନଂ ଜେନାର ସଭାନେତ୍ରୀ ଅନିତା ବେହେରା,୧୨ ନଂ ଜୋନର ସଭାନେତ୍ରୀ ଶ୍ୱେତାଲୀନା ବରାଳ,୧୩ ନଂ ଜୋନର ସଭାନେତ୍ରୀ ସ୍ମୃତିରେଖା ବେହେରା,୧୪ ନଂ ଜୋନର ସଭାନେତ୍ରୀ ସୁଜାତା ଦାସ,୧୫ ନଂ ଜୋନୀ ସଭାନେତ୍ରୀ ଲିସାରାଣୀ ମହାନ୍ତି,୩୪ ନଂ ଜୋନର ସଭାନେତ୍ରୀ ସୌଦାମିନୀ ସାମଲ,ଉପସଭାନେତ୍ରୀ ସାଇନା ଖାତୁନ,ଚିନ୍ମୟୀ ବେହୁରା ଓ ପୂର୍ଣ୍ଣମା ରାଉତ ପ୍ରମୁଖ ଯୋଗ ଦେଇ ଲୋଗୋ ଓ ଆବେଦନପତ୍ରକୁ ଉନ୍ମୋଚନ କରିଥିଲେ। ଏହି ନିର୍ବାଚନ ମଣ୍ଡଳୀର ଶହଶହ ସଂଖ୍ୟକ ପ୍ରତିଯୋଗୀମାନେ ବିଭିନ୍ନ ପ୍ରତିଯୋଗିତାରେ ଅଂଶ ଗ୍ରହଣ କରିବେ।

ଧ୍ୱନି ପ୍ରତିଧ୍ୱନି
ବାଲେଶ୍ୱର
ରବିବାର, ୦୯ ଅପ୍ରେଲ ୨୦୨୩
email : rabibarachayan2015@gmail.com



## ଧାରାବାହିକ : ଜୀବନାନୁଭୂତି

# ମୋର ପୂର୍ବ ସ୍ମୃତି କଥା



ବାଲେଶ୍ୱରରେ ପ୍ରଥମଥର ୧୯୧୫ ମସିହାରେ ତୃତୀୟଶ୍ରେଣୀ ମାଜିଷ୍ଟ୍ରେଟ ଓ ଦ୍ୱିତୀୟଥର ୧୯୩୧ ମସିହାରେ ଡେପୁଟି ମାଜିଷ୍ଟ୍ରେଟ ପଦରେ ଅବସ୍ଥାପିତ ହୋଇଥିବା ଭାରତଚନ୍ଦ୍ର ନାୟକଙ୍କ ରଚିତ 'ପୂର୍ବ ସ୍ମୃତିକଥା' ୧୯୬୬ରେ ପୁସ୍ତକ ଆକାରରେ ପ୍ରକାଶିତ ହୋଇ ତା' ପରବର୍ଷ ଓଡିଶା ସାହିତ୍ୟ ଏକାଡେମୀ ଦ୍ୱାରା ସମ୍ମାନିତ ହେବା ମନନଶୀଳ ପାଠକଙ୍କ ପାଇଁ ଆଣିଦେଇଥିଲା ଗୋଟେ ପ୍ରକାର ଆଶ୍ୱସ୍ତି । ଏହି ପୁସ୍ତକରେ ଅଛି ରାଜା ରାଜୁଡା ସମୟର ଇତିହାସ, ଅଛି ସାମାଜିକ ଚେତନା, ଅଛି ମଧ ଉଚ୍ଚାଙ୍ଗ ସାହିତ୍ୟ । ଆଜି ବି ଆମ ସମାଜରେ ନାରୀ ନିର୍ଯାତନାର ଚିତ୍ର ସର୍ବତ୍ର ଦେଖିବାକୁ ମିଳୁଥିବା ବେଳେ ସେ ସମୟରେ ନାରୀମାନଙ୍କ ପାଇଁ ସେ ଦେଖିଥିବା ସ୍ୱପ୍ନ, ସମ୍ବେଦନଶୀଳ ମନୋଭାବ, ନାରୀଶିକ୍ଷା ପ୍ରତି ତାଙ୍କର ପ୍ରେରଣା ତାଙ୍କୁ ସ୍ମରଣୀୟ କରି ରଖିଛି । ଶ୍ରୀଯୁକ୍ତ ନାୟକଙ୍କର 'ମୋର ପୂର୍ବ ସ୍ମୃତିକଥା' ଧ୍ୱନି ପ୍ରତିଧ୍ୱନିର ଗୁଣଗ୍ରାହୀ ପାଠକମାନଙ୍କ ପାଇଁ...

**ଭାଗ-୧୧୫**

(ପୂର୍ବ ପ୍ରକାଶିତ ଉତ୍ତାରୁ...)

ମୁଁ ମୋର ବସା ଆଡ଼କୁ ଫେରିଲି। ପ୍ରାୟ ଦୁଇତିନି ମିନିଟ୍ ପରେ ଦେଖିଲି ଇଂଜିନିୟରିଂ କଲେଜ ହଷ୍ଟେଲରୁ ଛାତ୍ରମାନେ ପଳାଉଅଛନ୍ତି। ସେମାନେ କହିଲେ ଯେ ଗୋରା ସୈନ୍ୟମାନେ ହଷ୍ଟେଲ ମଧ୍ୟକୁ ପଶି ଛାତ୍ରମାନଙ୍କୁ ମାଡ଼ଦେଇ ଓ ବନ୍ଧୁକ ସଙ୍ଗିନରେ ଭୟ ଦେଖାଇ ସେମାନଙ୍କୁ ସଡ଼କ ପରିଷ୍କାର କରିବା ସକାଶେ ଘୋସାଡ଼ି ନେଉଛନ୍ତି । ଇଂଜିନିୟରିଂ କଲେଜର ପ୍ରିନ୍ସପାଲ ମଧ ସେମାନଙ୍କ ସଙ୍ଗରେ ଅଛନ୍ତି। ପ୍ରକାଶ ହେଉଥିଲା ଯେ ସେ ଏମାନଙ୍କୁ ଡାକି ଆଣିଥିଲେନ୍ତ ଅଳ୍ପ ସମୟ ପରେ ଭୁବନେଶ୍ୱର ଆମ୍ଭ ବସାରେ ପହୁଞ୍ଚିଲେ ଓ ଉଲ୍ଲିଖିତ ସମସ୍ତ ଘଟଣା ବର୍ଣ୍ଣନା କଲେ। ତାଙ୍କ ପରିଧେୟ କର୍ଦ୍ଦମାକ୍ତ ହୋଇଯାଇଥିଲା ଓ ଡାହାଣ ହାତର ଏକାଂଶ ଛିଣ୍ଡିଯାଇ ତହିଁରୁ ରକ୍ତ ବହୁଥିଲା। ସେ କହିଲେ ଯେ ପଥର ଉଠାଉଥିବା ସମୟରେ ହାତରେ ଘସିହୋଇ ତାହା ଛିଣ୍ଡି ଯାଇଥିଲା। ସୁଷମା କ୍ଷତ ସ୍ଥାନରେ ଔଷଧ ଲଗାଇଦେଲା। ସୌଭାଗ୍ୟକୁ ମୁଁ ଫେରିଲି, ନଚେତ ମୋତେ ମଧ୍ୟ ହୁଏତ ମାଡ଼ଖାଇ ପଥର ବୋହିବାକୁ ହୋଇଥାନ୍ତା। ଆଉ କିଛି ସମୟ ପରେ ଶୁଣାଗଲା, ଗୋରା ସୈନ୍ୟମାନେ ପାଟଣା କଲେଜର ଇକନମିକ୍ (ଅର୍ଥଶାସ୍ତ୍ର) ଅଧ୍ୟାପକ ଡକ୍ଟର ଜ୍ଞାନଚାନ୍ଦ ଓ ପୋଷ୍ଟ ଗ୍ରାଜୁଏଟ୍ ହଷ୍ଟେଲ୍ର ସୁପରିଟେଣ୍ଡେଣ୍ଟ୍ ଅଧ୍ୟାପକ ସଚିବ ଦତ୍ତଙ୍କ ଘରେ ପଶି ସେମାନଙ୍କୁ ବଳପୂର୍ବକ ଟାଣି ନେଇଥିଲେ ଓ ସଡ଼କ ବନ୍ଦ କରାହୋଇଥିବା ପଥର ବୁହାଇଥିଲେ । ଏହି ତ ବିଦେଶୀ ଶାସନ ଅମଳରେ ଭାରତବାସୀଙ୍କ ଅବସ୍ଥା । ଆଜି ସାଧାରଣ ଶ୍ରମିକ ଓ କଲେଜର ସର୍ବଶ୍ରେଷ୍ଠ ଅଧ୍ୟାପକ ସମସ୍ତେ ସମାନ। ଯେହେତୁ ସେମାନେ ଭାରତବାସୀ ! ସ୍ୱଦେଶରେ ପ୍ରବାସୀ। ୧୫ ତାରିଖର ଅପରାହ୍ନରେ ପାଟଣା 'ଲ' କଲେଜର ଛାତ୍ର ବଲାଙ୍ଗିରର ମନବୋଧ ବାବୁ ଓ ଆଉ ଜଣକେତେ ଛାତ୍ରଆସି କହିଲେ ଯେ ସେମାନେ ଗଙ୍ଗା ପାରିହୋଇ ସୋନପୁର ଯାଇଥିଲେ। କିନ୍ତୁ ଲୋକେ ସୋନପୁର ଷ୍ଟେସନ ପୋଡ଼ି ଦେଇଥିବାରୁ ସେଠାରୁ ଫେରିଆସିଲେ। ପରେ ଶୁଣାଗଲା ସେଠାରେ ଉତ୍ୟକ୍ତ ଜନତା ଉପରେ ଗୁଳି ଚାଲିଥିଲା ଓ କେତେକ ଲୋକ ହତାହତ ହୋଇଥିଲେ। ଦଳଦଳ ଛାତ୍ର ପାଟଣା ତ୍ୟାଗକରି ମଫସଲର ଅଞ୍ଚଳକୁ ଚାଲି ଯାଉଥିବା ଦେଖିଲି। ୧୬ ତାରିଖ ଦିନ ସୀତାକାନ୍ତ ପଟ୍ଟନାୟକ ପ୍ରଭୃତି ଜଣକେତେ ଛାତ୍ର ମୋ ବସାକୁ ଆସି କହିଲେ ଯେ ୧୪ ତାରିଖରେ ସେମାନେ ରେଳରେ ଯାଇଥିଲେ। କିନ୍ତୁ ସେହିଦିନ ସେମାନଙ୍କୁ ଫେରି ଆସିବାକୁ ହୋଇଥିଲା। ସେମାନଙ୍କ ଯେଉଁ ଅନୁଭୂତି ବର୍ଣ୍ଣନା କଲେ ତାହା ଅତ୍ୟନ୍ତ ବିଭୀଷିକାମୟ। ସେମାନେ କହିଲେ ଯେ ପଞ୍ଜାବ ମେଲ୍ ଓ ତାହା ପଛକୁ ଆଉ ଚାରିଟା ଗାଡ଼ି ପଛକୁ ପଛ ହୋଇ ପାଟଣା ଜଙ୍କସନ୍ ଷ୍ଟେସନରୁ ସକାଳ ପ୍ରାୟ ୮ଟାବେଳେ ଛାଡ଼ି ଧୀରେ ଧୀରେ ଚାଲି ତିରିଶ ଘଣ୍ଟାରେ କେବଳ ୫୦ ମାଇଲ ଦୂରବର୍ତ୍ତୀ ମୁକାମା ଷ୍ଟେସନ୍ ପର୍ଯ୍ୟନ୍ତ ଗଲା। ବାଟରେ ଯେତେ ଷ୍ଟେସନ ଥିଲା ସେ ସମସ୍ତ ଲୋକ ପୋଡ଼ି ଦେଇଥିଲେ। ଟେଲିଫୋନ୍ ଲାଇନ୍ ତାର ମାନ କାଟି ଦେଇଥିଲେ। ସର୍ବତ୍ର ମାଲପତ୍ର ଲୁଟି ନେଇଥିଲେ। ପ୍ରତ୍ୟେକ ଷ୍ଟେସନ ଘରର କାନ୍ଥମାନ ସୁଦ୍ଧା ପୋଡ଼ି ଭସ୍ମସାତ୍ ହୋଇଥିଲା। ପ୍ରଥମ, ଦ୍ୱିତୀୟ ଶ୍ରେଣୀୟ ଗାଡ଼ିମାନଙ୍କୁ ସୁଦ୍ଧା ଭାଙ୍ଗି ଦେଇଥିଲେ। ଗାଡ଼ି ଚାଲୁଥିବା ସମୟରେ ସୁଦ୍ଧା ଲୋକେ ଗାଡ଼ି ଭିତରକୁ ପଶି ଆତଙ୍କ ଶିକୁଳୀ ଟାଣି ଗାଡ଼ିକୁ ବାରମ୍ବାର ବନ୍ଦ କରିଦେଉଥଲେ ଓ ଗାଡ଼ି ବନ୍ଦ ହେଲାପରେ ଇଞ୍ଜିନ୍ ଉପରକୁ ପଥରମାରି କେତେକ ଇଞ୍ଜିନକୁ ସୁଦ୍ଧା ଭାଙ୍ଗି ଅକର୍ମଣ୍ୟ କରିଦେଇଥିଲେ; ରେଲ ପଥର ତାରଗୁଡ଼ିକ ସ୍ଥାନେ ସ୍ଥାନେ ତାଡ଼ି ଉଠାଇନେଇ ନିକଟସ୍ଥ ନାଳରେ ଫୋପାଡ଼ି ଦେଇଥିଲେ । ଗାଡ଼ିରେ ଗୋରା ସୈନ୍ୟମାନେ ଥିଲେ ସୁଦ୍ଧା ସେମାନଙ୍କ ସମ୍ମୁଖରେ ଓ ବନ୍ଧୁକକୁ ଭୟ ନକରି ଲାଇନ ସବୁ ଭାଙ୍ଗି ପକାଉଥିଲେ। ରେଲୱେ କର୍ମଚାରୀମାନେ ଆଗକୁ ଲାଇନ ଯେତେ ମରାମତି କରି ନେଉଥାନ୍ତି ପଛରେ ସେତିକି ଲାଇନ ଆହୁରି ଭଙ୍ଗା ହେଉଥାଏ। ପ୍ରତ୍ୟେକ ଷ୍ଟେସନ୍‌ରେ ଲୋକେ ସହସ୍ର ସହସ୍ର ସଂଖ୍ୟାରେ ଜମାହୋଇ କଂଗ୍ରେସ୍ ଶ୍ଳୋକ ଉଚ୍ଚାରଣ ପୂର୍ବକ କଳରବ କରୁଥାନ୍ତି । କିନ୍ତୁ ଗାଡ଼ିରେ ଥିବା ଲୋକଙ୍କ ସକାଶେ ଦୁଧ, ଚୁଡ଼ା, ପୁରୀ, ତରକାରୀ, ଭାତ ସୁଦ୍ଧା ବନ୍ଦୋବସ୍ତ କରି ସେମାନଙ୍କ ମଧରେ ବିତରଣ କରୁଥାନ୍ତି। କେବଳ ପୋଲିସ ଓ ସିପାହିଙ୍କୁ କିଛି ଦେଉ ନ ଥାନ୍ତି। ଦୋକାନୀମାନେ ସୁଦ୍ଧା ସେମାନଙ୍କୁ କୌଣସି ଜିନିଷ ବିକ୍ରୟ କରୁ ନଥାନ୍ତି। ତିନିଦିନ କାଳ ସେପରି ଅସୁବିଧାରେ ଅତିବାହିତ କରି ସେଦିନ ସେମାନେ ଫେରି ଆସିଥିଲେ ।

ରେଲ ଯାତାୟତ ଏକାବେଳକେ ବନ୍ଦ ହୋଇଯାଇଥିଲା । ପାଟଣାରେ ଚାରିଆଡ଼େ ଧରପଗଡ଼ ଚାଲିଥାଏ। ଜିନିଷପତ୍ର ଦୁଷ୍ପାପ୍ୟ ଓ ଅତ୍ୟନ୍ତ ଦୁର୍ମୂଲ୍ୟ ହୋଇଗଲା। ଗୋଟିଏ ଦୋକାନକୁ ଯାଇ ବହୁକଷ୍ଟରେ ମହଣେ ଚାଉଳ ଟ.୯ଙ୍କା ଦେଇ ଆଣିଲି । ପ୍ରତିଦିନ ସନ୍ଧ୍ୟାରେ ଯାଇ ଓଡ଼ିଆ ଛାତ୍ରମାନଙ୍କୁ ଦେଖି ଆସୁଥାଏ। ଘରକୁ ଯିବାପାଇଁ ସମସ୍ତେ ବ୍ୟସ୍ତ ହେଉଥାନ୍ତି । କିନ୍ତୁ ଯିବାର ସମସ୍ତ ପଥ ବନ୍ଦ । ଦିନେ ସନ୍ଧ୍ୟାରେ 'ଲ' କଲେଜର କଟକବାସୀ ଜଣେ ଛାତ୍ର ଆସି ଆମ୍ଭ ବସାରେ ଥିବା ମେଡ଼ିକାଲ୍ ଛାତ୍ରୀଙ୍କୁ କହିଲା ଯେ ସେହି ରାତ୍ରରେ ସେ ଘରକୁ ଯାଉଛନ୍ତି। ଏବଂ ତାଙ୍କ ସଙ୍ଗେ ଯିବା ପାଇଁ ତାଙ୍କୁ ଆହ୍ୱାନ କଲା। ଛାତ୍ରୀଟି ବାହାରି ପଡ଼ିଲା । ମୁଁ କହିଲି ଯେ ମେଡ଼ିକାଲ୍ କଲେଜର ପ୍ରିନ୍ସପାଲ୍ ତାକୁ ମୋ'ଠାରେ ରଖିଦେଇ ଯାଇଅଛନ୍ତି ଓ ତାଙ୍କ ଅନୁମତି ବିନା ମୁଁ ତାକୁ 'ଲ' କଲେଜ ଛାତ୍ର ସଙ୍ଗେ ଯିବାପାଇଁ ଛାଡ଼ିଦେଇ ପାରିବି ନାହିଁ। ଛାତ୍ରୀଟି ଯିବାପାଇଁ ନିତାନ୍ତ ଜିଦ୍ ଧରିବସିଲା ଓ ଉଚ୍ଚପାଟିରେ କାନ୍ଦି ଅଗଣାରେ ଥିବା କୂପ ପାଖକୁ ଯାଇ, ଯିବାକୁ ନଦେଲେ କୂଅରେ ଡେଇଁପଡ଼ି ପ୍ରାଣ ହରାଇବ ବୋଲି କହିଲା । କିନ୍ତୁ ମୋ ଜିଦ୍ ଏହାଠାରୁ ବଳିପଡ଼ିଲା। ତାହା ହାତକୁ ଧରି କୂଅ ପାଖକୁ ଟାଣି ନେଇଗଲି ଓ ସେ ନ ପଡ଼ିଲେ ମୁଁ ତାକୁ କୂଅ ଭିତରକୁ ଠେଲିଦେବି ବୋଲି ଭୟ ଦେଖାଇଲି । ଔଷଧ ଠିକ୍ ଧଇଲା। ସେ ତୁନି ହୋଇ ମୋ ସଙ୍ଗେ ଆସିଲା। ବାଧହୋଇ ମୋତେ ସେହି ରାତ୍ରରେ ତାକୁ ପ୍ରିନ୍ସ୍‌ପାଲଙ୍କ ପାଖକୁ ନେଇ ଛାଡ଼ି ଆସିବାକୁ ହେଲା।

ତା୧୭ରିଖ ସକାଳେ ଦେଖାଗଲା, ଅନେକ ଗୋରା ସୈନ୍ୟ ପାଟଣାରେ ପହଞ୍ଚି ପାଟଣା କଲେଜ, ସାଇନ୍ସ କଲେଜ, କଲେଜ ସଂଲଗ୍ନ ଛାତ୍ରାବାସ, ବିଶ୍ୱବିଦ୍ୟାଳୟର ସିନେଟ୍ ଗୃହ ପ୍ରଭୃତି ଦଖଲ କରିଛନ୍ତି। ଧରପଗଡ଼ ଚାଲିଥାଏ ଓ ଅନେକ ଲରୀରେ ଧରା ହୋଇଥିବା ଲୋକଙ୍କୁ ଜେଲଖାନାକୁ ନିଆ ହେଉଥାଏ। ଛାତ୍ରମାନଙ୍କ ପ୍ରତି ସରକାରଙ୍କ ତୀବ୍ର ଆକ୍ରୋଶ ସେହି ସମୟରେ ବିଶେଷ ଭାବରେ ଲକ୍ଷିତ ହେଉଥାଏ। ପୋଲିସ ଲରୀମାନଙ୍କରେ ବୁଲି ବୁଲି ଡାକବାଜି ଯନ୍ତ୍ରଦ୍ୱାରା ପ୍ରଚାର କରୁଥାନ୍ତି ଯେ ତାର, ରେଲଲାଇନ୍ କାଟୁଥିବା ଲୋକଙ୍କୁ ବେତ୍ରାଘାତ କରାହେବ ଓ ଫାଶି ମଧ ଦିଆହେବ ଓ ଯେଉଁ ଗ୍ରାମ ନିକଟରେ ଏହା ହେବ ସେହି ଗ୍ରାମବାସୀମାନଙ୍କ ଉପରେ ସମ୍ମିଳିତ ଜରିମାନା ଧାର୍ଯ୍ୟ ହେବ। ଟାଉନର ସମସ୍ତ ସଡ଼କ ବନ୍ଦ ହୋଇଗଲା ଓ ପ୍ରତ୍ୟେକ ସଡ଼କର ମୁହଁରେ ଗୋରା ସିପାହି ବନ୍ଧୁକ ଧରି ଜଗି ରହିଥିଲେ। ବିନା ପାସ୍‌ରେ କାହାରିକୁ ସଡ଼କରେ ଯିବାକୁ ଦିଆ ହେଉନଥିଲା। ଡାକ୍ତରଙ୍କ ଘରକୁ ଯିବା ସକାଶେ ପୀର ବୋହୋର ଥାନାରୁ ମୋତେ ଗୋଟିଏ ପାସ୍ ଆଣିବାକୁ ହୋଇଥିଲା। ଦଳକୁ ଦଳ ଗୋରା ସୈନ୍ୟ ପ୍ରତିଦିନ ପାଟଣାକୁ ଆସୁଥାନ୍ତି। ଟାଉନର ପ୍ରଧାନ ପ୍ରଧାନ ସଡ଼କରେ ପ୍ରକାଣ୍ଡ ଲରୀମାନଙ୍କରେ ଦୌଡ଼ା ଦୌଡ଼ି କରିବାରେ ଲାଗିଥାନ୍ତି । ଯେଉଁଆଡ଼େ ଦେଖିବ ସେଆଡ଼େ କେବଳ ଗୋରା ସୈନ୍ୟ। ସଡ଼କ କଡ଼ରେ ଗାତ ଖୋଳି, କାଠ କାଟି ବଡ଼ ବଡ଼ ବାଲ୍ଟିରେ ପାଣି ବୋହି ରୋଷେଇ କରୁଥାନ୍ତି। ସ୍ଥାନୀୟ ଲୋକେ ସେମାନଙ୍କଠାରୁ କଦଳୀ ପ୍ରଭୃତି ଫଳ ନେଇ ଚଢ଼ା ମୂଲ୍ୟରେ ବିକ୍ରୟ କରୁଥାନ୍ତି । ଏହିପରି ଦଳେ ସୈନ୍ୟଙ୍କ ପଛରେ ପାଟଣାର ଜଣକେତେ ଛାତ୍ର ଯାଇ କହିଲେ, 'ଦେଖ, ଏହି 'ଟମୀ'ଙ୍କୁ।'' ସେମାନଙ୍କ ମଧ୍ୟରୁ ଜଣେ ହସି ହସି କହିଲା, 'ଆମ୍ଭେମାନେ ଟମୀ ନୋହୁଁ, ଆମ୍ଭେମାନେ ଆମେରିକାର କାଲିଫର୍ଣ୍ଣିଆ ବିଶ୍ୱବିଦ୍ୟାଳୟର ଛାତ୍ର'' (ଟମୀ ଅର୍ଥ ଇଂରେଜ ସିପାହି)। ଦେଖାଗଲା, ଏମାନେ କୌଣସି ଜିନିଷ କୌଣସି ଦୋକାନରେ କିଣିବାକୁ ହେଲେ ଆମେରିକାରେ ପ୍ରସ୍ତୁତ ଜିନିଷ ଛଡ଼ା କିଛି କିଣୁ ନଥିଲେ । (କ୍ରମଶଃ)

---

■ ଦୃଷ୍ଟିକୋଣ ■

## ନିଜ ସମାଧି

**ସୁବ୍ରତ ପଟ୍ଟନାୟକ**



ନିଜ ପାଇଁ ନିଜେ ସମାଧି ତିଆରିବା, ନିଶ୍ଚିତ ଭାବେ ଏକ ବିଚିତ୍ର ଘଟଣା। ଲୋକେ ନିଜ ପିତୃପୁରୁଷଙ୍କ ଲାଗି ସମାଧି ଗଢ଼ନ୍ତି। ପରଲୋକଗତ ଲୋକଙ୍କ ପାଇଁ ସମାଧି ତୋଳାଯିବାର ପରମ୍ପରା ରହିଛି। ମାତ୍ର ନିଜେ ନିଜ ପାଇଁ ସମାଧି ତୋଳିବା, ଆମକୁ ଚକିତ କରିଛି। ଓଡ଼ିଶାର ଦୁଇ ଜଣ ବୃଦ୍ଧ ବ୍ୟକ୍ତି, ନିଜର ସମାଧି ପାଇଁ ଲକ୍ଷାଧିକ ଟଙ୍କା ଖର୍ଚ୍ଚ କରି ଚର୍ଚ୍ଚାର ବିଷୟକୁ ଆସିଛନ୍ତି। ମୃତ୍ୟୁପରେ ସେମାନେ ଶାନ୍ତିରେ ଚିର ନିଦ୍ରାରେ ଶୋଇବେ, ଏହା ହିଁ ସେମାନଙ୍କର ମୂଳଲକ୍ଷ୍ୟ। ମାର୍ବଲ ଫଳକରେ ନିଜ ନାମ ଲେଖାଇଛନ୍ତି। ଦାମୀ ପଥରରେ କାରିଗରଙ୍କୁ ବରାଦ ଦେଇ ଗଢ଼ିଛନ୍ତି ନିଜର ପ୍ରତିମୂର୍ତ୍ତି। ଗ୍ରାମବାସୀଙ୍କୁ ଆଗୁଆ ଏକାଦଶାହ ଭୋଜି ଦେବାକୁ କରିଛନ୍ତି ମନସ୍ଥ। ତାହା ଏବେ ବକେୟା ରହିଛି।

ଯେଉଁ ଦୁଇ ଜଣ ବ୍ୟକ୍ତି ନିଜର ସମାଧି ଗଢ଼ିଛନ୍ତି, ସେମାନଙ୍କ ପରିଚୟ ପ୍ରଦାନ କରୁଚେ। ପ୍ରଥମ ବ୍ୟକ୍ତିଙ୍କ ନାମ ଲକ୍ଷ୍ମଣ ଭୂୟାଁ। ଗଂଜାମ ଜିଲ୍ଲା ନୂଆଗଡ଼ ବ୍ଲକ ସଉରୀ ଗାଁରେ ଘର। ଲକ୍ଷ୍ମଣ ନିଜ ପାଇଁ ଓ ପତ୍ନୀ ଜିଡ଼ାଙ୍ଗଙ୍କ ପାଇଁ ତିଆରିଛନ୍ତି ସୁନ୍ଦର ସମାଧି। ସେମାନଙ୍କର ଦୁଇ ପୁଅ ଓ ଗୋଟିଏ ଝିଅ। ସମସ୍ତେ ବିବାହିତ ଓ ନିଜ ନିଜ ସଂସାରରେ ବ୍ୟସ୍ତ। ପିତାମାତାଙ୍କ ନିକଟରେ ରହିବାକୁ ସେମାନେ ଅନିଚ୍ଛୁକ। ବୁଢ଼ା ବୟସରେ ଲକ୍ଷ୍ମଣ ଓ ତାଙ୍କ ପତ୍ନୀ ନିଜେ ରାନ୍ଧିବାଢ଼ି ଖାଉଛନ୍ତି।

> **ମଣିଷର ମୃତ୍ୟୁ ପର ଅପେକ୍ଷା, ମୃତ୍ୟୁ ପୂର୍ବରୁ ଜୀବନ ଅଧିକ ଦୁର୍ଲ୍ଲଭ ଓ ମୂଲ୍ୟବାନ। ଭଗବାନ ଯେଉଁ ଜୀବନ ଦେଇଛନ୍ତି, ତାକୁ ନିରନ୍ତର ସାର୍ଥକ କରିବାର ପ୍ରୟାସ ହେବା ଉଚିତ୍।**

ସମାନ ଧରଣର କାର୍ଯ୍ୟରେ ଦିନରାତି ଲିପ୍ତ ରହିଛନ୍ତି, ଭଦ୍ରକ ଜିଲ୍ଲା ବନ୍ତ ବ୍ଲକ ଆପଣ୍ଡା ଗାଁର ବୈରାଗୀ ବାବା। ଓରାଳି ବସ୍‌ଷ୍ଟପ୍ ନିକଟରେ ସେ ଗଢ଼ିଛନ୍ତି ନିଜର ସମାଧି। ସରକାରୀ ଯାତ୍ରୀ-ବିଶ୍ରାମାଗାର ସମ୍ମୁଖରେ କରିଛନ୍ତି ସମାନ୍ତରାଳ ଧର୍ମଶାଳା। ବୈରାଗୀ ବାବାଙ୍କର ଦୁଇ ପୁଅ, ଶିକ୍ଷିତ। ମାତ୍ର ସେମାନେ ବୈରାଗୀ ବାବାଙ୍କଠୁ ସମ୍ପୂର୍ଣ୍ଣ ପୃଥକ। ବୈରାଗୀ ବାବାଙ୍କ ଧର୍ମପତ୍ନୀଙ୍କ ବିୟୋଗ ପରେ ସେ ସମ୍ପୂର୍ଣ୍ଣ ଏକଘରକିଆ।

ନିଜ ପାଇଁ ନିଜେ ସମାଧି ତିଆରି କରିବାର ଅସଲି ଉଦ୍ଦେଶ୍ୟ କଣ? ମୃତ୍ୟୁପରେ ଏହି ପ୍ରତିମୂର୍ତ୍ତିକୁ ଦେଖି ସେମାନଙ୍କର ଗୁଣଗାନ ବା ଜୟ ଜୟକାର କରିବେ, ଏଇୟା ତ? ଲକ୍ଷ୍ମଣ ଓ ବୈରାଗୀ ବାବାଙ୍କର ଦୁଇ ପୁଅ, ବୋହୂ, ନାତି ନାତୁଣୀ ଥାଉଁ ଥାଉଁ ସେମାନେ କାହିଁକି ଅନ୍ୟତ୍ର ରହୁଛନ୍ତି? ମୃତ୍ୟୁପରେ ସେମାନଙ୍କର ସମାଧି ଗଢ଼ିବାକୁ ପରିବାର ବର୍ଗ ସେମାନଙ୍କୁ ମନା କରିଛନ୍ତି କି? ଯଦି କରିଥାନ୍ତି, ତେବେ ତାର କାରଣ କଣ? ନିଜ ପୁଅ ବୋହୂ ଓ ପରିବାର ବର୍ଗକୁ ହତାଦର କରି ନିଜକୁ ନିଜେ ପତିଆରା ହାସଲ କରିବା, କୌଣସି ମହତ ବ୍ୟକ୍ତିର କାର୍ଯ୍ୟ ନୁହେଁ। ପୁଅ ବୋହୂଙ୍କ ପ୍ରତି ଏଭଳି ଅଯଥା ଆଶଙ୍କା କରିବା, ସେମାନଙ୍କ ପ୍ରତି ଅପମାନ ନୁହେଁ କି?

ଓଡିଶାରେ କେତେକ ମହାପୁରୁଷ ଓ ପ୍ରବାଦପୁରୁଷଙ୍କ ପ୍ରତିମୂର୍ତ୍ତି ସ୍ଥାପନ କରାଯାଇଛି। ଜୀବିତାବସ୍ଥାରେ ସେମାନଙ୍କର ପ୍ରତିମୂର୍ତ୍ତି ସ୍ଥାପନ ହୋଇଛି ସତ, ମାତ୍ର ସେଥିପାଇଁ ସେମାନେ ପକେଟରୁ ଫଟା ଅଧୁଲିଟିଏ ଖର୍ଚ୍ଚ କରି ନାହାନ୍ତି। ଲୋକେ ମନକୁ ମନ ସେମାନଙ୍କ ମହତ କାର୍ଯ୍ୟ ଲାଗି ପ୍ରତିମୂର୍ତ୍ତି ସ୍ଥାପନ କରି ବନ୍ଦାପନା କରିଛନ୍ତି। ସେଥିପାଇଁ ନିଜକୁ ଗୌରବ ମଣ୍ଡିତ ମଣିଛନ୍ତି। ମାତ୍ର କୌଣସି ବ୍ୟକ୍ତି ବଂଚି ଥାଉ ଥାଉ ସେମାନଙ୍କ ଲାଗି ସମାଧି କରିବାକୁ କେହି ଚିନ୍ତା କରିନଥାନ୍ତି। ବରଂ ସେମାନେ କିଭଳି ଶତାୟୁ ଓ ଦୀର୍ଘାୟୁ ହୁଅନ୍ତୁ, ତାହା ଈଶ୍ୱରଙ୍କ ନିକଟରେ ପ୍ରାର୍ଥନା କରନ୍ତି।

ମଣିଷର ମୃତ୍ୟୁ ପର ଅପେକ୍ଷା, ମୃତ୍ୟୁ ପୂର୍ବରୁ ଜୀବନ ଅଧିକ ଦୁର୍ଲ୍ଲଭ ଓ ମୂଲ୍ୟବାନ। ଭଗବାନ ଯେଉଁ ଜୀବନ ଦେଇଛନ୍ତି, ତାକୁ ନିରନ୍ତର ସାର୍ଥକ କରିବାର ପ୍ରୟାସ ହେବା ଉଚିତ୍। ନିଜର ଅହଙ୍କାର ଓ ବଡ଼ିମା ଛାଡ଼ି ନିଜ ପରିବାର ଓ ସାହି ପଡ଼ିଶାଙ୍କ ସହିତ ସ୍ନେହ ଆଦରରେ ବଂଚିବା ଅତି ଭାଗ୍ୟର କଥା। ପରକୁ ଆପଣାର କରିପାରିଲେ, ଭଗବାନ ସନ୍ତୁଷ୍ଟ ହେବେ। ପରିବାରବର୍ଗଙ୍କ ଉପରେ ଆଶୀର୍ବାଦ ଅଜାଡ଼ି ଦେବେ। କଣ୍ଠଶିଳ୍ପୀ ଭିକାରି ବଳଙ୍କ କଣ୍ଠରୁ ଝରିଥିବା ଜଣାଣରୁ ଦୁଇ ପଦ ଲେଖୁଛୁ। ଲୁହ ଛଳଛଳ କଣ୍ଠରେ ସେ ଗାଇଥିଲେ- ଷାଠିଏ ପଉଟି ଭୋଗରୁ ତୁମର, କାଢ଼ିତ ନେଇନି ହରି। କୁହ ତେବେ କେଉଁ ଅପରାଧେ ମୋତେ, କଲ ଦାଣ୍ଡର ଭିକାରି। ଭଗବାନଙ୍କ ନିକଟରେ ନିଜକୁ ଭିକାରି ସଜାଇ ଦେଇଥିବା ସେହି ମହାନ କଣ୍ଠଶିଳ୍ପୀ, ଶେଷକୁ ବନିଗଲେ ଓଡ଼ିଶାର ଭଜନ ସମ୍ରାଟ। ଓଡ଼ିଶାର ପୁରପଲ୍ଲୀରେ ତାଙ୍କର ସୁନାମ, ଯଶଗାନ। ଅମର ହେବାପାଇଁ ଯାଠୁ ସରଳ ବାଟ ଆଉକିଛି ଅଛି କି? ଜୟ ଜଗନ୍ନାଥ।

♥ ଓରାଳି, କେନ୍ଦୁଝର
ମୋ: ୯୯୩୭୭୯୧୨୪୪

---

## ଆମ ସମୟର କବିତା.....

### ॥ ହୃଦୟ ମଂଦିର ॥

**ନକୁଳ ଚଂଦ୍ର ସାହୁ**



ମୋ ଭାବନାର ଲଂଠନ ଏଠି
ଚୁପି ଚୁପି ଜଳୁଚି
ଚାଦର ଘୋରେଇ ହୋଇ ଯିଏ ଏଠି ବସିଚି
ସିଏ ରହସ୍ୟମୟ ଦୁଃଖ;
ମୋ ମନର କପୋତ !
ସଭାର ସୁବର୍ଣ୍ଣ ବର୍ଣ୍ଣରେ ବୋଲି ହେଉଚି ଖାଦ
ଶୂନ୍ୟ କାଳେ ନେବ ପୁନର୍ଜନ୍ମ
ଭୂମାତା ଆଉ ଦୁଃଖକୁ କରିବ ନାହିଁ କୋଳ
ଅହଂ ଓ ଅଜ୍ଞାନ ଦେବେ ନାହିଁ ଉତ୍ତର

ବିଶ୍ୱ ନିୟମର ଗଠନକୁ ବଦଳାଇ ଜନ୍ମ ନେବ
ଏକ ନୂତନ ସକାଳ
ସେଦିନ ମୋ ପାଖରେ ଥିବ
ଏକ ହୃଦୟ ମଂଦିର
ପ୍ରଭୁ, ତାହା ତ ତୁମରି ଘର !

ହେ ସୁଖ
ତୁମେ ଜହ୍ନର କନକ ପାଦ
ଆଉ ଏଇ ହୃଦୟର ଚଟାଣକୁ
କର ନାହିଁ ସମୃଦ୍ଧ

ଜ୍ୟୋତିର୍ମୟୀ ସୌନ୍ଦର୍ଯ୍ୟର ରାଜକୁମାରୀ
ଦେବୀପୂଜି ଲେଉଟାଇ ନେଲାଣି
ତା' ସବାରୀ
ସତ୍ୟର ସେତୁ ଟପି ଅସୀମର ସେପାରି !

♥ ଶବ୍ଦ ଘର, ଗୋଡ଼ିସାହି, କଟକ
ମୋ: ୯୪୩୭୭୪୦୨୬

### ॥ ବନ୍ଧକ ॥

**କବି ବିପ୍ଳବ**



ଦି' ଢ଼ୋକ ନାଲିପାଣି
ଦି' ତାଟିଆ ଚିକେନ ଝୋଳ ବିନିମୟରେ
ବନ୍ଧକ ଦେଇଛି
ମୋ ଇଜ୍‌ମାଇଲ ସମ୍ପତ୍ତି
ମୋ ସୁଖ, ଶିରୀ ଆଉ ସ୍ୱପ୍ନ ।

ତେଣିକି ତମେ ତା'ର ଯତ୍ନ ନିଅ
କି ଯନ୍ତ୍ରଣା ଦିଅ
ମୁଁ ତମ ବଶମ୍ବଦ ମାଲିକ
ତମେ ଯାତରା ବୁଲ, କି ଜାପାନ ବୁଲ
ତମ ଦିନକର ଗସ୍ତ ଖର୍ଚ୍ଚ ପାଖରେ
ମୋ ସାରା ଜୀବନ ରୋଜଗାର ନିଅଣ୍ଟ
ପ୍ରତିବାଦ କରିବାକୁ ଶକ୍ତି କାଇଁ ଡେଣାରେ ?

ତମେ ଆକାଶର ଚିଲ ମୁଁ ପାଣିର ମୀନ
ମୋ ବାଟ ସାରା କଣ୍ଟା, ତମ ବାଟ ସାରା ଫୁଲ
ତମେ ଝଲମଲ ମୁଁ କଲବଲ ।

ଏବେ ତମ ପାଦ ପାଣି ମୋ ପାଇଁ ଅମୃତ
ତମ ଜିନ୍ଦାବାଦ ଛଡ଼ା ମୋର ଗତି କାଇଁ
ମୁକ୍ତି କାଇଁ !

♥ ମକୁନ୍ଦପୁର, ବାଙ୍କୀ
ମୋ : ୯୪୩୭୪୬୮୦୧୬

### ॥ ଜୀବନର ଦାମ୍ ଚାଳିଶ ଟଙ୍କା ॥

**ପ୍ରିୟଙ୍କା ପ୍ରିୟଦର୍ଶିନୀ ଦାସ**



ହୁଏତ ଚାଳିଶ ଟଙ୍କା ଚାଲିଗଲେ ତୁମର
ସରି ନପାରେ ତମାମ ଅର୍ଜନରୁ କାଣିଚାଏ,
ଆଭିଜାତ୍ୟର ବେହିସାବୀ କାଇଦାରେ
ସର୍ଭିଂ ବଏକୁ ବକ୍ସିସ ଭାବେ ବଢ଼େଇ ଦେଇପାର
ସେଇ ଚାଳିଶି ଟଙ୍କା
ଅକୁଣ୍ଠ ଚିତ୍ତରେ;

ମୋ ପାଇଁ ତ ସେ ଚାଳିଶି ଟଙ୍କା
ଜୀବନ ଜୀଇଁବାର ଅନ୍ୟ ଏକ ନାମ
ଦିନ ଟିଏ ଆରମ୍ଭ କରିବାର ସେଇ ଏକ ସାଧନ।

ସେଇ ସେତକରେ ହିଁ ପୂରେଇବାକୁ ହୁଏ ପେଟ
ଗିଳିବାକୁ ହୁଏ ଅଧେ ଭୋକ,
କିଛି ସ୍ୱପ୍ନମାନଙ୍କୁ ଆଖିବୁଜା କବର୍ ଦେଇ
ଚାଲିବାକୁ ହୁଏ ଅନେକ ବାଟ।

ବଙ୍କୁଲି ବାଡ଼ି ପରି ବଙ୍କେଇ ଯାଇଥିବା
ଅଣ୍ଟାକୁ ଇଞ୍ଚେ ସଳଖିବାକୁ
ସେଇ ଚାଳିଶି ଟଙ୍କା ହିଁ ଖଞ୍ଜି ଦିଏ ବଳ,
ତୁମେ କି ବୁଝିବ ତା ନଥିବା ହିଁ ଆଙ୍କିପାରେ
ପୂର୍ଣ୍ଣଚ୍ଛେଦ,
ଅନ୍ଧକାରମୟ ହୁଏ
ଭାଗ୍ୟର ସକାଳ।

ସେଇ ଚାଳିଶି ଟଙ୍କାରେ
ଚାଷୀ ଟିଏ ବଞ୍ଚୁଥାଏ ଦିନ,
କବିତାକୁ ଛାତିରେ ଜାକି
କବିଟିଏ ଦେଖୁଥାଏ ସ୍ୱପ୍ନ
ଚିତ୍ରକରଟେ କିଣୁଥାଏ ଚିତ୍ରଖାତା,

ଘଡ଼ିରେ ସାଇତା ଚାଳିଶି ଟଙ୍କା ନେଇ
ଝିଅଟିଏ ଧାଇଁଯାଏ
କାଚରା ବୁଢ଼ା ପାଖକୁ
ତା'ର ସ୍ୱପ୍ନର ନାଲି ନେଳି ରଙ୍ଗର ଚୁଡ଼ି ପାଇଁ,

ମାନସିକ ପୂରଣ ପାଇଁ ଦିଅଁଙ୍କୁ
ବୁଢ଼ୀ ମାଉସୀ ସରାଗରେ
ଚଢ଼ାଏ ଭୋଗ, ଦୀପ ଓ ସଳିତା
ସେଇ ଚାଳିଶି ଟଙ୍କାରେ।

ଏଇ ଚାଳିଶି ଟଙ୍କାର ମୋହରେ
ଆଖିରୁ ନିଗିଡ଼ି ପଡ଼େ ଲୁହ,
ଲିଭି ଲିଭିଯାଏ ଆଶାର ସଳିତା
ଅନ୍ୟ କା' ହାତକୁ ବଢ଼େଇବା ଆଗରୁ
ଭାବିବାକୁ ହୁଏ ଶହେ ଥର,
ଶାଢି ପରି ଭାଙ୍ଗ ଭାଙ୍ଗ
ହେଇ ଚଉଡେଇ ରହିଥିବା ଦୁଃଖ ସବୁ ଖୋଲି
ଯାଆନ୍ତି ଆପଣାଛାଏଁ।

ମୁଁ ଜାଣେ,
ଏଇ ଚାଳିଶି ଟଙ୍କା
କେବେ କାହାର ବଦଳାଏନି ଭାଗ୍ୟ,
କିଣି ହୁଏନା ପ୍ରାସାଦଟେ
କି ସଜେଇ ହୁଏନା ସ୍ୱପ୍ନର ହାଟ,
ହେଲେ ସେଇ ଚାଳିଶି ଟଙ୍କା ହିଁ
ମୋ ଜୀବନ ବିନ୍ଦୁରେ ଟାଣିଦିଏ ଗାର
ତାକୁ ନେଇ ଫି ଥର ଚାଲେ
ମୋର ତେଲ ଲୁଣର
ସଂସାର।

♥ ସହଦେବଖୁଣ୍ଟା, ବାଲେଶ୍ୱର
ପିନ୍-୭୫୬୦୦୧
(ମୋ) ୭୭୮୮୯୭୭୨୭୬

### ॥ ତୁ ଅଛୁ ବୋଲି ତ ॥

**ସୁରେନ୍ଦ୍ର ପାଣିଗ୍ରାହୀ**



ତୁ ଅଛୁ ବୋଲି ତ
ମୁଁ ମନ ଫୁରୁଣା ଗୀତ ଗାଏ
ଜହ୍ନରାତି ଓ ମଧୁମାଳତୀକୁ ଇସାରା କରେ
ବଢ଼ି ଅଂଧାରରୁ ଉଠି ପେଣ୍ଡୁଟିଏ ଭାବି
ସୂର୍ଯ୍ୟକୁ ଠେଲିଦିଏ ଆକାଶର ପଡ଼ିଆ ଆଡ଼କୁ ।

ତୁ ଅଛୁ ବୋଲି ତ
ପକ୍ଷୀରାଜ ଘୋଡ଼ା ଚଢ଼ି ଉଡ଼େଇ ଆଣେ
ଅଗନା ଅଗନି ବନସ୍ତରେ ବୁଢ଼ୀ ଅସୁରୁଣୀ
ପାଖେ ବଂଧା ପଡ଼ିଥିବା ସପନ ସୁନ୍ଦରୀକୁ
ଆଉ ସାପର ଲାଂଗୁଡ଼ ଧରି ବିଲ୍ୱ ମଙ୍ଗଳ ସାଜେ
ଆଖିରେ କଣ୍ଟାଫୁଟେଇ ବାରଂବାର
ଅଂଧ ହେବାକୁ ଇଚ୍ଛାକରେଁ ।



ତୁ ଅଛୁ ବୋଲି ତ
ବେକରେ ହାଡର ମାଳା ପକେଇ
ତପସ୍ୱୀ ସାଜେ ଚମ୍ପା ବଣରେ
ଆଉ ଈଶ୍ୱରଙ୍କୁ ଖୋଜୁଥାଏ
ଝୁମ୍ପୁଡିରେ ଶୋଇଥିବା ଭୋକମାନଙ୍କର
ବ୍ୟାଧିଗ୍ରସ୍ତ ପେଜୁଆ ଆଖିରେ ।

ତୁ ଅଛୁ ବୋଲିତ
ମୁଁ ଆକାଶ କଇଁଆ/ ଚିଲିକା ମାଛର ସ୍ୱପ୍ନ ଦେଖେଁ
ତୁ ଗଭୀର ରାତିରେ ଲାବଣ୍ୟବତୀ ସାଜି
ମୋ କଲମ ମୁନରେ ଆସୁ ଛମ୍ ଛମ୍ କରି/ ମୋତେ ଫୁଲ ଶୁଂଘେଇ ମେଣ୍ଟାକରୁ
ଡକାୟତ୍ ମୁଖାପିନ୍ଧା ନିଶାଗର୍ଜ୍ଜା ଉଆଁସୀ ରାତିରେ ।

ତୁ ଅଛୁ ବୋଲି ତ
ମୋତେ ବାରଂବାର ପାଗଳ କରେ/ ଗୋଟେ ଅଢ଼େଇ ଅକ୍ଷରର ମାୟା
ତୁ ମୋତେ ତୋ ମାୟା ପଟଳରେ/ ବାରଂବାର ଜୀବୋନ୍ମୁକ୍ତ କରୁ
ମୁଁ ବେତାଳଟେ ସାଜି ବାରଂବାର/ ଦୋଳି ଖେଳୁଥାଏ ତୋ ଇସାରାରେ
ଏ ଦେହର ଇଳା, ପିଙ୍ଗଳା, ସୁଷୁମ୍ନା ଡାଳରେ ।

♥ ସା:ପୋ: ବରି, ସିମୁଳିଆ, ବାଲେଶ୍ୱର
ମୋ: ୯୪୩୭୨୮୨୯୮୪

ଧ୍ୱନି ପ୍ରତିଧ୍ୱନି

ବାଲେଶ୍ୱର, ରବିବାର, ୦୯ ଅପ୍ରେଲ ୨୦୨୩



## ପ୍ରେମରେ ପ୍ରେମରେ ଗୀତି ....(୮୫)



### ■ ବିପିନ ମହାନ୍ତି



### ॥ ବଦନାମ ମୋର ବେଶି ॥

ଦୁଷ୍ଟ ପ୍ରଜାପତି ମାଗୁଛି ମୁଁ ପ୍ରୀତି
ଏ ଫୁଲ ସେ ଫୁଲ ଛୁଇଁ,
ହେଲେ କେଉଁ ଫୁଲେ ଏ ଯାଏ ମୁଁ ମୋର
ପଦଚିହ୍ନ ଛାଡ଼ିନାହିଁ ।

ଫୁଲଙ୍କ ସହରେ ଦୁଷ୍ଟ ବୋଲି ମୁଁ
ବଦନାମ ମୋର ବେଶି,
ଚହଳ ପଡ଼ିଛି ସବୁ ଫୁଲଙ୍କଠୁ
ମଧୁ ମୁଁ ନେଇଛି ଶୋଷି,
ହେଲେ ପ୍ରଜାପତି ମନଟାକୁ ମୋର
କାହାକୁ ପାରିନି ଦେଇ ।

ଜାଣେନା ମୁଁ ସିଏ କେଉଁ ଫୁଲ ଯିଏ
ଲୁଟିଛି ମୁଁ କା'ର ମଧୁ,
ମୁଁ ତ ପ୍ରେମର ଉପାସକଟିଏ
ଫୁଲ ମୋର ପ୍ରୀତିବନ୍ଧୁ,
ବଦନାମ ହୋଇ କଳଙ୍କକୁ ବୋହି
ଉଡ଼ିବି ମୁଁ ଫୁଲ ପାଇଁ ।

♥ ୩୩, ଗଡ ମହାବୀର ବିହାର, ଗ୍ୟାରେଜ ଛକ, ଭୁବନେଶ୍ୱର-୨
(ମୋ) ୯୮୬୧୧୪୪୯୯୧

## ଦୃଷ୍ଟିକୋଣ – ୪

# ରଥ, ରଥୀ ଓ ସାରଥି

### କାଳୀପଦ ପଣ୍ଡା



ମଣିଷର ଶରୀର ଏକ ରଥ ସଦୃଶ । ଏହି ରଥର ରଥି ହେଉଛି ପ୍ରାଣ । ଅର୍ଥାତ୍ ଅନ୍ନମୟ ପିଣ୍ଡ । ଏହାର ସାରଥି ଆତ୍ମା । ମଣିଷର ଶରୀରକୁ ଏକ କ୍ଷୁଦ୍ର ବ୍ରହ୍ମାଣ୍ଡ ବୋଲି ଅଭିହିତ କରାଯାଏ । ପୁନଶ୍ଚ ଶରୀରକୁ ମଧ ବ୍ୟାଧି-ମନ୍ଦିର ବୋଲି କୁହାଯାଇଥାଏ । ଶରୀରର ସୁରକ୍ଷା ସମସ୍ତଙ୍କର ପ୍ରରମ୍ଭିକ ଓ ମୁଖ୍ୟ କାର୍ଯ୍ୟ ହେବା ଉଚିତ । କିନ୍ତୁ ପ୍ରାୟତଃ ଏହି ଦେହ ଦେଉଳ ସୁରକ୍ଷାର ଦିଗପ୍ରତି ଯତ୍ନଶୀଳ ଅନେକ ହୋଇ ନଥାନ୍ତି । ଫଳରେ ଏହି ଶରୀର ରୂପି ଦେଉଳରେ ନାନା ଛିଦ୍ରମାନ ନିର୍ମାଣ ହୋଇ ବିବିଧ ସମସ୍ୟା ଦେଖା ଦେଇଥାଏ । ସାଧାରଣଭାବରେ ସେଥିପାଇଁ କୁହାଯାଇଛି 'ସ୍ୱାସ୍ଥ୍ୟ ହିଁ ସମ୍ପଦ' । ସ୍ୱାସ୍ଥ୍ୟରକ୍ଷାର ଅବହେଳା ନାନା ନୂତନ ସମସ୍ୟା ଉପୁଜାଇ ଥାଏ । ଦେହରୂପି ରଥର ରଥି 'ଅନ୍ନମୟପିଣ୍ଡ' ଶୃଙ୍ଖଳିତ ଜୀବନଚର୍ଯ୍ୟା ଭିତରେ ଦୀର୍ଘସ୍ଥାୟୀ ହୋଇଥାଏ । ମାତ୍ର ସଠିକ ସମୟରେ ଖାଦ୍ୟ ଗ୍ରହଣ, ପାନୀୟ, ବିଶ୍ରାମ ନ ନେଲେ ଏହି ଅନ୍ନମୟପିଣ୍ଡରେ ନାନା ବିଭ୍ରାଟ ଘଟି ଦୁରାରୋଗ୍ୟ ବ୍ୟାଧିମାନ ସୃଷ୍ଟି ହୋଇ ସକଳ ବୈଜ୍ଞାନିକ ଚିକିତ୍ସାପଦ୍ଧତି ପରେ ବି ଅକାଳରେ ଚିର ବିଶ୍ରାମ ନେବାକୁ ପଡ଼ିଥାଏ । ଏଣୁ ସକାଳରୁ ରାତ୍ରିର ଶୋଇବା ପର୍ଯ୍ୟନ୍ତ ସମୟ ଖଣ୍ଡରେ ବ୍ୟକ୍ତି ଯଦି ତା'ର ଜୀବନଧାରଣର ଶୈଳୀରେ ସମୟାନୁବର୍ତ୍ତିତା ରକ୍ଷାକରି ଯେଉଁ ସମୟରେ ଯେଉଁ କାମ କରିବା କଥା, ବିଶେଷତଃ ସମୟାନୁସାରେ ଖାଇବା ପିଇବା ଓ ବିଶ୍ରାମ ନେବାକୁ ସତର୍କତାର ସହିତ ପରିଚାଳନା କରନ୍ତି ତେବେ ଅସମୟରେ ଦୁରାରୋଗ୍ୟ ବ୍ୟାଧିମାନ ସୃଷ୍ଟି ହୁଅନ୍ତା ନାହିଁ । ଅବଶ୍ୟ ଆଜିର ସମୟରେ ପେଷ୍ଟିସାଇଡ୍ ପ୍ରୟୋଗ ଜନିତ ତଥା ନାନା ଅପମିଶ୍ରଣରେ ଆସୁଥିବା ଖାଦ୍ୟଦ୍ରବ୍ୟ ଶରୀରରେ ଅସମୟରେ ନୂତନ ବ୍ୟାଧିମାନ ସୃଷ୍ଟି କରୁଛି । ବ୍ୟକ୍ତି ସଚେତନତା ହିଁ ସମସ୍ତ ସମସ୍ୟାର ନିୟନ୍ତ୍ରଣ ଦିଗରେ ସହାୟକ ହୋଇପାରିବ ।

> ସମ୍ପ୍ରତି ମଣିଷ ଜୀବନକୁ ଅଧିକ ସରସ ସୁନ୍ଦର ଓ ଆନନ୍ଦମୟ କରି ଗଢ଼ିବା ଦିଗରେ ବିବିଧ ରୋଜଗାର କ୍ଷେତ୍ରରେ ମଣିଷ ଏତେ ଦ୍ରୁତ ଧାବମାନଯେ ସେ ତା'ର ନିଜ ଶରୀରର ସୁରକ୍ଷା ଦିଗ ପ୍ରତି ଯେତେ ପରିମାଣରେ ଯତ୍ନଶୀଳ ହେବାକଥା ତାହା କରୁନାହିଁ । ଅନିୟମିତ ଜୀବନଚର୍ଯ୍ୟା ଶରୀରରେ ନାନା ସମସ୍ୟା ସୃଷ୍ଟି କରିଥାଏ ।

ଦେହରୂପକ ରଥର ସାରଥି 'ଆତ୍ମା' ବୋଲି କୁହାଯାଇଥାଏ । ଏହି ଆତ୍ମା ଯାହା ପରମାତ୍ମାଙ୍କର ଅଂଶବିଶେଷ ବୋଲି ଧରାଯାଇଥାଏ, ତାହା କେତେବେଳେ ବି କେଉଁ ପରିସ୍ଥିତିରେ ଏହି ରଥକୁ ଛାଡ଼ିଯାଇ ପାରେ । ସେତେବେଳେ ଜୀବ ଶବ ହୋଇଯାଏ । ଚଳପ୍ରଚଳ ଦେହରୂପି ରଥଟି ନିଶ୍ଚଳ ହୋଇ ଶ୍ମଶାନ ସଂସ୍କାର ଅପେକ୍ଷାରେ ରହେ । ଆତ୍ମାପକ୍ଷୀଟି ଉଡ଼ି ଯାଇଥାଏ ଯେଉଁ ପରମାତ୍ମାଙ୍କ ନିକଟରୁ ଆସିଥିଲା ସେହି ସ୍ଥାନକୁ ।

ସମ୍ପ୍ରତି ମଣିଷ ଜୀବନକୁ ଅଧିକ ସରସ ସୁନ୍ଦର ଓ ଆନନ୍ଦମୟ କରି ଗଢ଼ିବା ଦିଗରେ ବିବିଧ ରୋଜଗାର କ୍ଷେତ୍ରରେ ମଣିଷ ଏତେ ଦ୍ରୁତ ଧାବମାନ ଯେ ସେ ତା'ର ନିଜ ଶରୀରର ସୁରକ୍ଷା ଦିଗ ପ୍ରତି ଯେତେ ପରିମାଣରେ ଯତ୍ନଶୀଳ ହେବାକଥା ତାହା କରୁନରହିଁ । ଅନିୟମିତ ଜୀବନଚର୍ଯ୍ୟା ଶରୀରରେ ନାନା ସମସ୍ୟା ସୃଷ୍ଟି କରିଥାଏ । ଅନ୍ନମୟପିଣ୍ଡ ପାଇଁ ସମୟାନୁସାରେ ଖାଦ୍ୟଗ୍ରହଣ ଅପରିହାର୍ଯ୍ୟ । ଏଥିରେ ଅବହେଳା ହିଁ ସମସ୍ୟାର ମୂଳ କାରଣ ହୋଇଥାଏ । ପୁଣି ପୁଷ୍ଟିକର ଖାଦ୍ୟ ସହ ସ୍ୱଚ୍ଛ ପାନୀୟଜଳ, ସ୍ୱାସ୍ଥ୍ୟକର ପରିବେଶ, ମଣିଷର ଦୀର୍ଘ ଜୀବନଧାରଣ ପାଇଁ ଜରୁରି ହୋଇଥିବାରୁ ଏଥି ପ୍ରତି ସମସ୍ତଙ୍କର ସାବଧାନତା ଅବଲମ୍ବନ କରିବା ଉଚିତ । ଆମେ ଯେତେଯାହା ରୋଜଗାର କରୁ ସେସବୁର ପ୍ରାସଙ୍ଗିକ ସେତିକି ବେଳେ ରହେ, ଯେତେବେଳେ ଆମେ ସ୍ୱଦେହରେ ଥିବୁ । ଏଣୁ ସ୍ୱଦେହରେ ରହିବାକୁ ହେଲେ ଅନ୍ନଗ୍ରହଣକାରୀ ପିଣ୍ଡର ସୁରକ୍ଷା ସମସ୍ତଙ୍କର ପ୍ରାରମ୍ଭିକ କର୍ତ୍ତବ୍ୟ ହେବା ଉଚିତ । ଅଥଚ ଆମେ ଏହି ଦିଗଟି ପ୍ରତି ବିଶେଷ ଧାନ ନଦେଇ କେବଳ ଯେନତେନ ପ୍ରକାରେଣ କ'ଣ ଗଣ୍ଡାଏ ଏମିତି ସେମିତି ଖାଇ ଦେଇ ଜୀବନ ଜିଇଁ ଚାଲିଥାଉ । ଯାହା ଆମ ପାଇଁ ଅକାଳ ବ୍ୟାଧି ସହ ଅକାଳ ମୃତ୍ୟୁର କାରଣ ହୋଇଥାଏ ।

ଅଧୁନା ଆମେ ସମସ୍ତେ ଯାନ୍ତ୍ରିକ ପୃଥିବୀରେ ଧାବମାନ ହୋଇ ନିଜ ସୃଷ୍ଟି ପାଖରେ ନିଜେ କ୍ରୀତଦାସ ହୋଇଯାଉଛୁ । ପର୍ଯ୍ୟାବରଣ ପରିସ୍ଥିତି ଉତ୍କଟ । ପ୍ରଦୂଷଣ ଜନିତ ବିଘଟନ ଭିତରେ ଜୀବନ ଜିଇଁବା ଆଜି ସଂକଟଜନକ ସ୍ଥିତିରେ । ସମ୍ବେଦନଶୂନ୍ୟ ମଣିଷ ନିରାନନ୍ଦରେ ଜୀବନ ଜିଉଁଛି । ବେଗବାନ ହୋଇଛି କିନ୍ତୁ ହଜାଇ ଦେଉଛି ଆବେଗ ପ୍ରବଣତା । ଶିଳ୍ପାୟନ ଜନିତ ପ୍ରଦୂଷଣ ନୂଆ ସମସ୍ୟା ସୃଷ୍ଟି କରୁଛି, ଯାହା ଜନଜୀବନରେ ଅନେକ ବ୍ୟାଧିକୁ ଆମନ୍ତ୍ରଣ କରୁଛି । ବିଶ୍ୱ ସ୍ୱାସ୍ଥ୍ୟସଂସ୍ଥା (ଡବ୍ଲ୍ୟୁଏଚ୍‌ଓ) ଏକଦା କହିଥିଲେ ସମଗ୍ର ମାନବ ଜାତି ନିଜର ଶୃଙ୍ଖଳିତ ଜୀବନଚର୍ଯ୍ୟା ଭିତରେ ରହୁନଥିବାରୁ ଅନେକ ସମୟରେ ବ୍ୟାଧିଗ୍ରସ୍ତ ହୋଇ ଅଳ୍ପାୟୁ ହେଉଛନ୍ତି । ଶାସ୍ତ୍ରରେ କୁହାଯାଇଛି- ଶରୀର ଆଦ୍ୟମ୍ ଖଳୁଧର୍ମ ସାଧନମ୍ । ଶ୍ରୀମଦ୍ ଭାଗବତରେ ଅତୀବଡ଼ୀ ଜଗନ୍ନାଥ ଦାସ ଲେଖିଛନ୍ତି – "ଏ ଦେହ ଥିଲେହେଁ ଉଦ୍ଧବ, କେତେ ନହେବ ଶୁଭାଶୁଭ ।" ଏଣୁ, ପ୍ରତ୍ୟେକ ବ୍ୟକ୍ତି ସ୍ୱ-ଶରୀରରୂପି ରଥର ସୁରକ୍ଷା ଓ ସୁସ୍ଥତା ପାଇଁ ତା'ର ରଥି ଅର୍ଥାତ୍ ଅନ୍ନମୟପିଣ୍ଡ ପ୍ରାଣପକ୍ଷୀର ଯତ୍ନନେବା ଦିଗରେ ସତତ ଚେଷ୍ଟିତ ରହିଲେ ହିଁ ସେହି ରଥର ସାରଥି ଆତ୍ମାନାରାୟଣ ସନ୍ତୁଷ୍ଟ ରହିବେ ଏବଂ ପରମାତ୍ମା ତହିଁରେ ଅଲକ୍ଷ୍ୟରେ ଆଶିଷ ପ୍ରଦାନ କରିବେ । ରଥ, ରଥି ଓ ସାରଥିକୁ ନେଇ ଆମର ସମଗ୍ର ଶରୀରରୂପି ଦେଉଳ ଗଠିତ ।

♥ ସୂନାରୂଇ, ବି.କଟିସାହି, ସିଂଲା
ବାଲିଆପାଳ, ବାଲେଶ୍ୱର-୭୫୬୦୨୩
(ମୋ).:୯୪୩୭୦୮୯୨୪୧

ଗୋଟେ ବଡଗଳ୍ପ

# ପୁରସ୍କାର

### ଡ. କବିତା ବାରିକ



> ମିନୁର ମୃତ୍ୟୁପାଇଁ ମୁଁ କାହାକୁ ଦାୟୀ କରିଥାନ୍ତି ? କାହାଠୁ କୈଫୟତ ମାଗିଥାନ୍ତି ? ଆଇନ୍ ଚାହିଁଥାନ୍ତା କେବଳ ସାକ୍ଷୀ ଆଉ ପ୍ରମାଣ । କେଉଁଠୁ ସାକ୍ଷୀ ଆଉ ପ୍ରମାଣ ଆଣିଥାନ୍ତି ? ଯେଉଁମାନଙ୍କ ନାଁ କହିଥାନ୍ତି ସେମାନଙ୍କୁ କେମିତି ଦୋଷୀ ବୋଲି ସାବ୍ୟସ୍ତ କରିଥାନ୍ତି ? ମୋ କଥା କିଏ ବିଶ୍ୱାସ କରିଥାନ୍ତା ? ଦୋଷୀ ନିର୍ଦ୍ଦୋଷରେ ଖଲାସ ହୋଇଯିବାଟା ତ ଏକ ଗତାନୁଗତିକ ପରମ୍ପରାରେ ପରିଣତ ହୋଇଗଲାଣି । ତାଛଡ଼ା ମୋର ଲୋକବଳ କି ଟଙ୍କାବଳ ନଥିଲା । ମୁଁ ନିରବରେ ମୋ ଭଉଣୀର ଶବକୁ ତଳକୁ ଓହ୍ଲାଇଥିଲି ।

ସାହିତ୍ୟ ଏକାଡେମୀ ସଭାପତି ମି. ବର୍ମା ତାଙ୍କର ଭାଷଣ ଦେବାକୁ ଆରମ୍ଭ କରିଥିଲେ । ମୁଁ ଆଜି ମୁଖ୍ୟ ସମ୍ମାନନୀୟ ଅତିଥି । ମୋର "ଯନ୍ତ୍ରଣାର ଅଭିସାର" ଉପନ୍ୟାସଟି ଭାରତର ସର୍ବୋଚ୍ଚ ଜ୍ଞାନପୀଠ ପୁରସ୍କାର ପାଇଛି । ସେଥିପାଇଁ ମୋତେ ଏଠି ସମ୍ମାନର ସହ ନିମନ୍ତ୍ରଣ କରାଯାଇଛି । ପୁରସ୍କାର ପାଇବା ଦ୍ୱାରା କାଲି ଫୁଟ୍‌ପାଥ୍‌ରେ ଘୁରି ବୁଲୁଥିବା ମୋ ଭଳି ସାଧାରଣ ଲେଖକଟିଏ ରାତାରାତି ବିଖ୍ୟାତ ହୋଇଯାଇଛି । ମୋର ପ୍ରତିଭା, ଅଭିବ୍ୟକ୍ତି, ଶୈଳୀ ସଂପର୍କରେ ଗଦ୍‌ଗଦ୍ ହୋଇ କହିଯାଇଛନ୍ତି ମି.ବର୍ମା । ଶ୍ରୋତା ବର୍ଗ ମତେ ଯେମିତି ପିଇ ଯାଉଛନ୍ତି ଓ ସସ୍ନେହ ଦୃଷ୍ଟିରେ ମୋତେ ବାରମ୍ବାର ଚାହୁଁଛନ୍ତି । ମୋ ଉପନ୍ୟାସର କେତେଗୁଡ଼ିଏ ପୃଷ୍ଠାକୁ ବାଛି ବ୍ୟାଖ୍ୟା କରୁଛନ୍ତି ସଭାପତି ମହାଶୟ । ଆଉ ମୁଁ ? ଜଳଜଳ ହୋଇ ସର୍କସର ଏରିନା ଭିତରେ ସତେ ଯେମିତି ଜୋକର ପାଲଟି ଯାଇଛି । ଏତେ ପ୍ରଶଂସା, ଏତେ ସମ୍ମାନ ଭିତରେ ବି ମୋ ଭିତରେ ମଣିଷଟି ହାହାକାର କରି ଉଠୁଛି । ବାରମ୍ବାର ପ୍ରଶ୍ନ ଉଠୁଛି ଏସବୁ କାହାପାଇଁ ? କିଏ ଅଛି ? ଅନେକ ବିଳମ୍ବ ହୋଇଯାଇଛି । ସବୁକିଛି ଶେଷ ହୋଇଯାଇଛି ।

ଆଜି ଏହି ସାହିତ୍ୟ ଆସରରେ ଦର୍ଶକ ଭୂମିକାରେ ବସି ଯେଉଁମାନେ ମୋ ପାଇଁ ଆନନ୍ଦରେ ତାଳି ମାରୁଛନ୍ତି, ସେମାନଙ୍କ ଭିତରୁ ଅଧିକାଂଶ ଦିନେ ମୋତେ ଫୁଟ୍‌ପାଥରେ ଛାଡ଼ି ଦେଇଥିଲେ । ମୋ ଦାରିଦ୍ର୍ୟକୁ ତାଚ୍ଛଲ୍ୟ କରିଥିଲେ । କେହି କେହି କୁକୁର ଲଗାଇ ଦେଇଥିଲେ ଫାଟକରେ ପଶିଲା ବେଳେ । କାହାରି ପାନ ଛେପରେ ମୋ ସାତସିଆଁ ଏକମାତ୍ର ସାର୍ଟଟି ରଙ୍ଗୀନ ହୋଇ ଉଠିଥିଲା । ଏହି ଶ୍ରୋତାମହଲରେ ଥିବା ଅନେକ ପ୍ରତିଭାଧାରୀମାନଙ୍କ ପାଖରେ ବଞ୍ଚିବା ପାଇଁ ଯେତେବେଳେ ଦିନେ ମୁଁ ହାତ ପତାଇଥିଲି, ସେମାନେ ମୋତେ ବିଦ୍ରୂପ କରି କହିଥିଲେ "ଯେଉଁଠି ନିମ୍ନତମ ଆବଶ୍ୟକତା ଭାତ ମୁଠାଏ ମିଳେନା ସେଠି ତମର ବଞ୍ଚିରହିବାର କୌଣସି ଯାଥାର୍ଥ ନାହିଁ ଯୁବକ । ମୃତ୍ୟୁ ଭଲ । ନଚେତ୍ ଗୋ ଟୁ ହେଲ୍ । ସେଦିନ ମୁଁ ମରିପାରି ନ ଥିଲି କି ନର୍କକୁ ଯାଇ ପାରିନଥିଲି । କେମିତି ମରିଥାନ୍ତି ? ଦାରିଦ୍ର୍ୟ, କ୍ଷୁଧା ଠାରୁ ଯେ ଜୀବନ ଥିଲା ଆହୁରି ଆକର୍ଷଣୀୟ । କେବଳ ସେତିକି ନୁହେଁ, ତାଠାରୁ ମୋ ଆଖିରେ ଏ ପୃଥିବୀ ଥିଲା ଆହୁରି ସୁନ୍ଦର, ଆହୁରି ମଧୁମୟ । ରାସ୍ତାକଡ଼ର କଳପାଣିରୁ ପେଟେପିଇ ରାତିରେ ଫୁଟ୍‌ପାଥ୍‌ରେ ଚିତ୍ ହୋଇ ଶୋଇ ମୁଁ ଯେତେବେଳେ ଆକାଶର ରାଶିରାଶି ତାରା ଦେଖୁଥିଲି, ଚୁପ୍‌ଚାପ୍ ନିର୍ଜନ ରାସ୍ତାର ଦୁଇପଟେ ଥିବା ଲାଇଟ୍ ପୋଷ୍ଟର ଧାଡ଼ିଧାଡ଼ି ଶୋଭାଯାତ୍ରାକୁ ନିରେଖୁ ଥିଲି, କେଉଁଠି ଏତେ ସ୍ୱପ୍ନ, ଆବେଗ ଥିଲା କେଜାଣି ମୋର ପେଟର ଭୋକ, ଆଖିର ନିଦକୁ ଉଡ଼ାଇ ନେଇଥିଲା । ମୋର ଛୋଟିଆ ଛାତିର ଗୁପ୍ତ କୋଠରି ଭିତରେ ଜୀବନକୁ ଅନୁଭବ କରିବାର, ବୁଝିବାର ବ୍ୟାକୁଳତା ବିଶାଳ ହୋଇ ଯାଉଥିଲା । ସେହିଦିନଠୁ ମୁଁ ଆରମ୍ଭ କରିଥିଲି ଲେଖିବା । ମନେମନେ ପ୍ରତିଜ୍ଞା କରିଥିଲି ଯେତେ ଯାହା ହେଲେ ବି ଜୀବନ ପାଖରେ କେବେ ହାରି ଯିବି ନାହିଁ । ବରଂ ଜୀବନର ସମସ୍ତ ସଂଗ୍ରାମକୁ ବଞ୍ଚିବାର ଆହ୍ୱାନ ଭାବରେ ଗ୍ରହଣ କରିବି । ନିଜ ଗୋଡ଼ରେ ନିଜେ ଅନ୍ୟର ସାହାଯ୍ୟ ବିନା ଠିଆ ହେବାକୁ ଚେଷ୍ଟା କରିବି ।

ତାପରେ ମୁଁ ଆଉ କାହାପାଖରେ ହାତ ପତେଇ ନାହିଁ । କାହାର ଦୟା, ଅନୁକମ୍ପାକୁ ସାହାରା କରି ଜୀବନ ଧରି ନାହିଁ । କଠିନ ପରିଶ୍ରମ କରିଛି । କୁଲି ସାଜି ବୋଝ ଉଠାଇଛି, ଖବର କାଗଜ ବିକିଛି, ଦେହରୁ ବୋତଲ ବୋତଲ ରକ୍ତ ବିକ୍ରି କରିଛି । ହୋଟେଲରେ ବୟ ସାଜିଛି ତ ଟ୍ୟୁସନ କରି ନିଜର ଆବଶ୍ୟକତା ମେଣ୍ଟାଇଛି । ଯେଉଁମାନେ ମୋର ଜୀବନ ପ୍ରତି ଲୋଭ ଆଉ ଦାରିଦ୍ର୍ୟ ଦେଖି ହସୁଥିଲେ, ଆଜି ସେହିମାନେ ମୋ ପ୍ରଶଂସାରେ ଶତମୁଖ ହୋଇଉଠୁଛନ୍ତି । ଏହି ମି. ବର୍ମାଙ୍କର ମୁଁ କେତେ ଦ୍ୱାରସ୍ତ ହୋଇ ନଥିଲି ! କେତେଟା ଗଳ୍ପ କରେକ୍‌ସନ କରିବାକୁ ଦେଇ ଫେରସ୍ତ ପାଇଁ ବାରମ୍ବାର ଧାଇଁଛି । କିନ୍ତୁ ଗଳ୍ପ ମିଳିନି । ବରଂଚ ମି.ବର୍ମାଙ୍କର ନାଁରେ ପ୍ରତିଷ୍ଠିତ ପତ୍ରିକାରେ ସେସବୁ ପ୍ରକାଶ ପାଇଛି । ତାହା ଦେଖି ଆଖି ମୋର ଛଳଛଳ ହୋଇଯାଇଛି । ତାଙ୍କ ପାଖରେ ଯାଇ ଅଭିଯୋଗ କରିଛି ଏସବୁ ଗପ ତ ମୁଁ ଆପଣଙ୍କୁ ଦେଇଥିଲି ସଂଶୋଧନ ପାଇଁ, ତାହା ଆପଣଙ୍କ ନାଁରେ ପ୍ରକାଶ ପାଇଲା କିପରି ? ସେ ହସିଛନ୍ତି ମୋର ବୋକାମି ଦେଖି । କହିଛନ୍ତି ଏସବୁ ତମେ ଲେଖିଛ ବୋଲି ପ୍ରମାଣ ? ବରଂଚ ମୁଁ ଚାହିଁଲେ ତମ ନାଁରେ ଏଭଳି ଭିତ୍ତିହୀନ ଅଭିଯୋଗ ପାଇଁ ମାନହାନି କେସ୍ କରିଦେବି । ସେହି ମି. ବର୍ମା ଆଜି ସଭାପତି ଆସନରେ ଆଉ ତାଙ୍କ ମୁହଁରେ ମୋ ପ୍ରତିଭାର ଉଚ୍ଛ୍ୱସିତ ସମ୍ଭାଷଣ । ସତରେ ପୁରସ୍କାର କାହାକୁ କେଉଁଠି ପହଞ୍ଚାଇ ନ ଦିଏ !

ମୋର ଜ୍ଞାନପୀଠ ପୁରସ୍କାର ପ୍ରାପ୍ତ ଉପନ୍ୟାସ "ଯନ୍ତ୍ରଣାର ଅଭିସାର" ପାଇଁ ଆଉ ଅଳ୍ପ ସମୟ ପରେ ମୋତେ ଦିଆଯିବ ପ୍ରଚୁର ଅର୍ଥ, ମାନପତ୍ର, ଉପଢୌକନ । ସଭାରୁ ଓହ୍ଲାଉ ଓହ୍ଲାଉ ଯେ ଯାହାର ବାଟ ଧରିନେବେ । ଏହି ହେଲା ଏ ଦେଶର କଳା ଓ ପ୍ରତିଭାର ମୂଲ୍ୟାୟନ । ମୋ ଦେହର ପୋଷପୋଷ ରକ୍ତ ବିକ୍ରିକରି ମୁଁ ଏହାକୁ ଛପାଇ ଥିଲି । ଲାଇଟ୍ ପୋଷ୍ଟ ତଳେ, ଫୁଟ୍‌ପାଥ୍‌ର ବିଛଣା ଉପରେ ଏହାର ଅଧିକାଂଶ ପୃଷ୍ଠା ଲେଖିଥିଲି । ଯନ୍ତ୍ରଣାକୁ ବଧୂ ସଜାଇଥିଲି । ଏ ଉପନ୍ୟାସର ମୂଲ୍ୟାଙ୍କନ ଏଭଳି ଏକ ବର୍ଣ୍ଣାଢ୍ୟ ସାହିତ୍ୟ ଆସର ଦ୍ୱାରା କେମିତି ଫିକା ପଡ଼ି ଯାଉଛି । ମନ୍ଦିର ଠାରୁ ମୁଖଶାଳାର ଭୂମିକା ବଡ଼ ହୋଇଯାଉଛି । ଯନ୍ତ୍ରଣାର ଅଭିସାର ପାଇଁ ଆସର ଲୋଡ଼ା ହୁଏନା । କେଇବିଡ଼ା କାଗଜନୋଟ, ଓଜନିଆ ଫୁଲମାଳ ସତେ କଣ ଯନ୍ତ୍ରଣାର ଗଭୀରତାକୁ ମାପିପାରେ ? ମାପିବା ବି କଣ କେବେ ସମ୍ଭବ ? ମି.ବର୍ମା କହିଚାଲିଛନ୍ତି, ମୋ ଉପନ୍ୟାସର କାହାଣୀ ବଳିଷ୍ଠ, ସାବଲୀଳ, ସାମ୍ପ୍ରତିକ ଯୁଗଯନ୍ତ୍ରଣା ଉପରେ ପ୍ରତିଷ୍ଠିତ ।

ହଁ, ମୋ କାହାଣୀ ବଳିଷ୍ଠ ନହେବ କେମିତି ? ପୁଣି ସାମ୍ପ୍ରତିକ ଯୁଗଯନ୍ତ୍ରଣାଠାରୁ ମୋର ବ୍ୟକ୍ତିଗତ ଯୁଗଯନ୍ତ୍ରଣାର ବେଦନା ଯେ ଆହୁରି ତୀବ୍ର ! ଆଖି ଆଗରେ ଆସି ଠିଆ ହେଉଛି ଏକ ଧ୍ୱସ୍ତବିଧ୍ୱସ୍ତ ପରିବାରର ଚେନାଏ ଚିତ୍ର । ପୃଷ୍ଠା ସବୁ କେବେଠୁ ଜୀର୍ଣ୍ଣ ପାଲଟିଗଲାଣି । ତଥାପି ଯାହାକିଛି ପଢ଼ି ହେଉଛି ତାହା ବଡ଼ କରୁଣ ଏବଂ ହୃଦୟସ୍ପର୍ଶୀ । ଆଖି ସାମ୍ନାରେ ସତେ କି ଗୋଟାଏ ସୁନ୍ଦର ପରିବାର ଧ୍ୱଂସ ପାଇ ଯାଉଛି । ଚାକିରି ନପାଇ ବେକାର ହୋଇଯିବ ବୋଲି କଣ ଘରଦ୍ୱାର ଛାଡ଼ି କେହି ଏମିତି ନିରୁଦ୍ଦିଷ୍ଟ ହେଇଯାଏ ? ତା' ଆଗରୁ ବାପା ମା'ଙ୍କର ଅବସ୍ଥା କଣ ଚିନ୍ତା କରିବା ଉଚିତ ନଥିଲା ? ବଡ଼ ଭାଇ ଏତେ ସେଣ୍ଟିମେଣ୍ଟାଲ ବୋଲି ଆମର କାହାରି ଧାରଣା ନଥିଲା । ଦୁଇତିନି ଥର ଇଣ୍ଟରଭ୍ୟୁ ଦେଇ ସେ ଫେଲ ମାରଥିଲା । ଦିନେ ସେ କାହାକୁ କିଛି ନ କହି ଘରଛାଡ଼ିଲା । ରେଡ଼ିଓ ସମ୍ବାଦପତ୍ର, ଟି.ଭିରେ ତାର ନିରୁଦ୍ଦିଷ୍ଟ ସଂପର୍କରେ ବିଜ୍ଞାପନ ଦିଆଗଲା । ହେଲେ ସେହି ଯେ ବଡ଼ଭାଇ ଗଲା ଆଉ ଫେରିଲା ନାହିଁ । କିଏ କହିଲା ସେ ଆସାମ ପଳାଇଛି ତ କିଏ କହିଲା ଟ୍ରେନ୍ ଲାଇନ୍‌ରେ କଟିଯାଇଛି । ତା'ର ଫେରିବାର ବାଟକୁ ଅପେକ୍ଷା କରି କରି ବାପାଙ୍କର ଅକାଳ ବାର୍ଦ୍ଧକ୍ୟ ଆସିଗଲା । ବ୍ଲଡ୍ ପ୍ରେସର ବଢ଼ିଗଲା ଦିନେ ସାଇକେଲ୍‌ରେ ଯାଉ ଯାଉ କେଉଁ ଦ୍ରୁତଗାମୀ ଟ୍ରକ୍ ସାମ୍ନାରେ ପଡ଼ିଗଲେ । ତାଙ୍କର ଲୁଥୁପୁଥୁ ରକ୍ତ ଜୁଡୁବୁଡୁ ପ୍ରାଣହୀନ ଦେହଟାକୁ ଆମ ପିଣ୍ଡାରେ ରଖା ଯାଇଥିଲା । ପୁତ୍ରହରା ବୋଉ ବାପାଙ୍କ ମୃତ୍ୟୁରେ କାନ୍ଦିବାର ଅବକାଶ ପାଇ ନ ଥିଲା । ପଥର ପାଲଟି ଯାଇଥିଲା । ମୁଁ ଚୁପ୍‌ଚାପ୍ କାନ୍ଦୁଥିଲି ଆଉଜି ସେଦିନ ଏ ଅଭାବନୀୟ ଦୃଶ୍ୟ ଦେଖୁଥିଲି । ବାପା ତ ନୁହଁନ୍ତି, ଯେମିତି ମେଞ୍ଚାଏ ମାଂସ ପିଣ୍ଡୁଳା । ଗାଧୋଇ ସାରି ସେ ଯେଉଁ ଲୁଙ୍ଗି, ଗାମୁଛା ଶୁଖାଇ ଦେଇ ଯାଇଥିଲେ ତାହା ଏପର୍ଯ୍ୟନ୍ତ ମଧ ଭଲକି ଶୁଖି ନ ଥିଲା । ଅଥଚ ବାପା ନ ଥିଲେ । ଆଖରେ ଦେଖି ମଧ ବିଶ୍ୱାସ ହେଉ ନଥିଲା । ମରଣ ଫେର୍ ଏମିତି ଆସେ ?

ବାପା ଥିଲେ ଘରର ଏକମାତ୍ର ରୋଜଗାରକ୍ଷମ ମଣିଷ । ସେ ଗଲାପରେ ଦୋକାନର ଧାର, ଘରଭଡ଼ା ଏମିତି କେତେ ସବୁ ବଢ଼ି ଗଲା । ଧୋବାବାଲା, ତେଜରାତି ଦୋକାନି, କ୍ଷୀର ବାଲା, ଘରବାଲା ବାରମ୍ବାର ଆମ କବାଟ ନକ୍ କଲେ । ସେମାନଙ୍କର ଜଞ୍ଜିର ହଲା ଶୁଣିଲା ମାତ୍ରେ ବୋଉର ମୁହଁ ରକ୍ତଶୂନ୍ୟ ହେଇଯାଉଥିଲା । ମୁଁ ଓ ମୋ ସାନଭଉଣୀ ମିନୁ ଭୟରେ ତାକୁ ଜଡ଼ାଇ ଧରିଥିଲୁ । ଦିନେ ବୋଉ ତା କାନଫୁଲ, ହାର ବିକି ଧାର ସୁଝି ଆମକୁ ଧରି ସେହି ପରିଚିତ ସହର ଛାଡ଼ିଥିଲା । କହିଥିଲା, ଚିହ୍ନାଜାଗାରେ ବଞ୍ଚି ରହିବା ସମ୍ଭବ ନୁହେଁରେ । ଆମେ ଏମିତି ଏକ ଜାଗାକୁ ଚାଲିଯିବା ଯେଉଁଠି କେହି ଆମର ପରିଚିତ ନଥିବେ । ଭିକ ମାଗିଲେ ବି ଲାଜ ନଥିବ । ରାସ୍ତା କଡ଼ରେ ଶୋଇଲେ ବି ପଚାରିବାକୁ, ଉଠାଇବାକୁ, ଆହାପଦେ କହିବାକୁ କେହି ନଥିବେ ।

ସତକୁ ସତ ଏକ ପରିଚୟ ହୀନ, ଅଜଣା ସହରରେ ଆମେ ଆମର ଜୀବନଯାତ୍ରା ଆରମ୍ଭ କରିଥିଲୁ । କେହି ଜାଣି ନ ଥିଲେ କି ଚିହ୍ନି ନ ଥିଲେ ଆମକୁ । ହେଲେ ବୋଉ ଏ କଣ କଲା ? ଆମକୁ ବଞ୍ଚାଇବା ପାଇଁ, ପଢ଼ାଇବା ପାଇଁ ସେ ନିଜକୁ ବିକ୍ରି କରି ଦେଲା । ଅନେକ ରାତିରେ ସେ ଫେରୁଥିଲା । ତାର ଟଙ୍କା ଗଣିବାର ଦୃଶ୍ୟ, ଅସ୍ତବ୍ୟସ୍ତ କେଶବାସ ଆମକୁ କେମିତି କେମିତି ଲାଗୁଥିଲା । ଦିନେ ଦିନେ ଆମ ଭାଇଭଉଣୀ ଦୁହିଁଙ୍କୁ ତା ଛାତିରେ ଜାକି ଧରି କାନ୍ଦି ଉଠୁଥିଲା ଆଉ କହୁଥିଲା, ମୋ ବଡ଼ ପୁଅ ଥିଲେ, ତୋ ବାପା ବଞ୍ଚିଥିଲେ ମୋତେ ଏମିତି ନର୍କରେ ପାଦ ଦେବାକୁ ପଡ଼ି ନ ଥାନ୍ତା । ସେତେବେଳେ ଆମେ କିଛି ବୁଝି ନପାରି ତା ସହିତ କାନ୍ଦୁଥିଲୁ ।

ସେହି ବୋଉକୁ ଟି.ବି. ହୋଇଗଲା । ଡାକ୍ତରଙ୍କୁ ଫିସ୍ ଦେବାକୁ କି ଔଷଧ କିଣିବାକୁ ପଇସା ନଥିଲା । ସେତେବେଳେ ଟି.ବିର ଚିକିତ୍ସା ପାଇଁ ଆଜିଭଳି ମାଗଣାରେ କି ଉନ୍ନତ ଧରଣର ସେବା ନ ଥିଲା । କେତେ କାହାର ଗୋଡ଼ ତଳେ ପଡିଛି । ମୋ ବୋଉର ଟି.ବି. ହୁଅନ୍ତା ନାହିଁ କଣ ଆଉ କିଛି ରାଜକୀୟ ରୋଗ ହୁଅନ୍ତା କହି ଅନେକ ବିଦ୍ରୂପ କରିଛନ୍ତି । ବୋଉକୁ ବଞ୍ଚାଇବା ପାଇଁ ହିଁ ପ୍ରଥମଥର ପାଇଁ ନିଜ ଦେହରୁ ରକ୍ତ ବିକ୍ରି କରି ଔଷଧ ଆଣିଥିଲି । କିନ୍ତୁ ସେ ଔଷଧ ଖାଇବା ଲାଗି ବୋଉ ମୋର ଆଉ ଅପେକ୍ଷା କରି ନଥିଲା । ଅନେକ ବାଟ ଚାଲି ଯାଇଥିଲା । ଦୂରକୁ, ବହୁ ଦୂରକୁ । ଏହାପରେ ? "ଯନ୍ତ୍ରଣାର ଅଭିସାର" ଉପନ୍ୟାସର କାହାଣୀର ମୋଡ଼ ବୁଲିଛି ।

ମିନୁଥିଲା ଏ ପୃଥିବୀରେ ମୋର ଏକମାତ୍ର ବନ୍ଧନ । ମୋର ସାହାରା, ପରିଚୟ । ସ୍ନେହ ମମତାର ଆଧାର । ଦିନେ ସେ ବି ତା ଭାଇକୁ ଛାଡ଼ି ଚାଲିଗଲା । ମୋର ଅନୁପସ୍ଥିତିରେ ତାର କଅଁଳ ଦେହକୁ କେତେଜଣ ଛିନ୍ନଭିନ୍ନ କରି ଦେଇଥିଲେ । ସେ ବି ମୋର ଫେରିବା ଯାଏଁ ଅପେକ୍ଷା କରି ନଥିଲା । ବେକରେ ଶାଢ଼ୀ ଗୁଡ଼ାଇ ଆତ୍ମହତ୍ୟା କରିଥିଲା ଆଉ ମୋତେ ସବୁଦିନ ପାଇଁ ବନ୍ଧନମୁକ୍ତ କରି ଦେଇଥିଲା ।



ମିନୁର ମୃତ୍ୟୁପାଇଁ ମୁଁ କାହାକୁ ଦାୟୀ କରିଥାନ୍ତି ? କାହାଠୁ କୈଫୟତ ମାଗିଥାନ୍ତି ? ଆଇନ୍ ଚାହିଁଥାନ୍ତା କେବଳ ସାକ୍ଷୀ ଆଉ ପ୍ରମାଣ । କେଉଁଠୁ ସାକ୍ଷୀ ଆଉ ପ୍ରମାଣ ଆଣିଥାନ୍ତି ? ଯେଉଁମାନଙ୍କ ନାଁ କହିଥାନ୍ତି ସେମାନଙ୍କୁ କେମିତି ଦୋଷୀ ବୋଲି ସାବ୍ୟସ୍ତ କରିଥାନ୍ତି ? ମୋ କଥା କିଏ ବିଶ୍ୱାସ କରିଥାନ୍ତା ? ଦୋଷୀ ନିର୍ଦ୍ଦୋଷରେ ଖଲାସ ହୋଇଯିବାଟା ତ ଏକ ଗତାନୁଗତିକ ପରମ୍ପରାରେ ପରିଣତ ହୋଇଗଲାଣି । ତାଛଡ଼ା ମୋର ଲୋକବଳ କି ଟଙ୍କାବଳ ନଥିଲା । ମୁଁ ନିରବରେ ମୋ ଭଉଣୀର ଶବକୁ ତଳକୁ ଓହ୍ଲାଇଥିଲି । ଡାକ୍ତର ଆତ୍ମହତ୍ୟା ବୋଲି ଦେଇଥିବା ରିପୋର୍ଟକୁ ଜଳଜଳ ଅନାଇଥିଲି । ତାର ଅକାଳ ମୃତ୍ୟୁକୁ ସହି ନେଇଥିଲି । କେତେ କଷ୍ଟରେ ଖୁଚୁରା ପଇସା ସାଇତି ମିନୁ ରାକ୍ଷୀ କିଣି ମୋ ହାତରେ ବାନ୍ଧିଥିଲା । ତାକୁ ରକ୍ଷା କରି ପାରିଲିନି । ତାକୁ ନେଇ ମୁଁ ବି କେତେ କେତେ ସ୍ୱପ୍ନ ଦେଖିଥିଲି । ତାର ଘର ସଂସାର ଆଉ ସୁଖ, ସଜଳ ଜୀବନ ଏମିତି କେତେକଣ । ସବୁ ସ୍ୱପ୍ନ ଅଧା ରହିଗଲା । ବରଂ ମଶାଣିକୁ ନେଇ ତାକୁ ଉଝେଇ ଦେଇ ଆସିଥିଲି । ଓପାସରହି, ପଇସା ସଞ୍ଚି ଯେଉଁ ମିନୁ ରାକ୍ଷୀ କିଣୁଥିଲା ଭାଇ ହାତରେ ବାନ୍ଧିବା ପାଇଁ ପ୍ରତିଦାନ ସ୍ୱରୂପ ମୁଁ ତାକୁ କଣ ଦେଲି ? ଏପରିକି ଦୋଷୀକୁ ଜାଣି ବି ଦଣ୍ଡ ଦେଇ ପାରିଲିନି । କାରଣ ସେମାନେ ଥିଲେ ଅନେକ ପ୍ରତିଷ୍ଠିତ ପରିବାରର ପିଲା । କ୍ଷମତା, ପ୍ରାଚୁର୍ଯ୍ୟ ପାଖରେ ସତ୍ୟର ଅବା ସ୍ଥାନ ନାହିଁ ।

ଏହାପରେ ମୋର ଯନ୍ତ୍ରଣାର ଅଭିସାର ଉପନ୍ୟାସଟି ଗତିଶୀଳ ହୋଇଛି । ମିନୁ ଚାଲିଗଲା । ବାପା, ଭାଇ, ଭଉଣୀ, ବୋଉ ସମସ୍ତଙ୍କୁ ହରାଇ ଦେଲି ଅଦିନରେ । ତଥାପି ଜୀବନର ଆକର୍ଷଣ ଶେଷ ହେଲାନାହିଁ । ଜୀବନର ଆବେଦନ ପାଖରେ ମୁଁ ଗୋଟିପଣେ ବତୁରିଗଲି । ରାଜପଥର ଷ୍ଟ୍ରିଟ୍ ଲାଇଟ ତଳେ ମୋର ଅବଶିଷ୍ଟ ପାଠପଢ଼ା ଆରମ୍ଭ ହେଲା । ପରିତ୍ୟକ୍ତ ଟ୍ରେନ୍ ୱାଗନ ଭିତରେ ମୁଁ ମୁଣ୍ଡ ଗୁଞ୍ଜିଲି । ଫୁଟ୍‌ପାଥରେ ପେପର ବିକ୍ରିକଲି । ରାତିରେ ହୋଟେଲରେ କାମ କଲି । ଦେଖୁ ଦେଖୁ ୟୁନିଭରସିଟିରେ ହେଇଗଲି ଫାଷ୍ଟ ।

ଫୁଟ୍‌ପାଥ୍‌ର ମଣିଷ ବି ନାଳନର୍ଦ୍ଦମାର ପାଣି ପିଇ ସ୍ୱପ୍ନ ଦେଖେ । ମୁଁ ବି ମୋ ବାନ୍ଧବୀ ମୌସୁମୀକୁ ନେଇ ସ୍ୱପ୍ନ ଦେଖିଲି । କିନ୍ତୁ ସେ ସ୍ୱପ୍ନରେ ବି ପାଚେରି ତିଆରି ହେଲା । ମୌସୁମୀ ଖୋଜି ବସିଲା ମୋର ବଂଶ ପରିଚୟ, ଅତୀତ ଆଉ ଷ୍ଟାଟସ୍ । ମୋ ପାଖରେ କଣ ବା ଥିଲା ତାକୁ ଦେବାକୁ ? ସେ ହସିଲା ବାଣିଜ୍ୟିକ ହସ । ମୋ ପୌରୁଷକୁ ଲାଞ୍ଛିତ କଲା । କହି ଦେଇଗଲା, ତମକୁ ସ୍ୱପ୍ନ ଦେଖିବା ମନା ବନ୍ଧୁ । ଘର ବାନ୍ଧିବା ମନା । ସେ ପୁଣି ଦିନେ ଗୁଡ଼ ବାୟ କରି ବାହା ହୋଇଗଲା ଏକ ଅଭିଜାତ ସଂପନ୍ନ ଉଚ୍ଚପଦସ୍ଥ ଅଫିସରକୁ । ଅର୍ଥ ସର୍ବସ୍ୱ ଦୁନିଆରେ ପ୍ରେମର ବ୍ୟବସାୟ ଚାଲିଥିଲା ବେଳେ ମୁଁ କେବଳ ଦେଖଣାହାରୀ ସାଜିଥିଲି । ତ'ପରେ ମୋର ଉପନ୍ୟାସର ଶେଷ ପର୍ଯ୍ୟାୟ । ନାୟକ ଏ ଦୁନିଆକୁ ଘୃଣା କରିଛି । ପ୍ରତ୍ୟେକ ମଣିଷ ତା' ପାଖରେ ସ୍ୱାର୍ଥସର୍ବସ୍ୱ ହିଂସ୍ର ପଶୁ ଭାବରେ ଠିଆ ହୋଇଛନ୍ତି । ସ୍ନେହର ନଈ ତା ଭିତରେ ଶୁଖିଯାଇଛି । ସେ ଏକାଏକା ଚାଲିବାର ନିଷ୍ପତ୍ତି ନେଇଛି । ସାବ୍ୟସ୍ତ କରିଛି, ସାଥୀହୀନ ଭାବରେ ମଧ ଏଠି ବଞ୍ଚିହୁଏ । ଯେମିତି ଗୋଡ଼ ନ ଥିଲେ ବି ପଙ୍ଗୁ ମଣିଷଟି ଆତ୍ମହତ୍ୟା କରିପାରେ ନାହିଁ । ଆଶାର ସୂର୍ଯ୍ୟ ସବୁଦିନ ଲାଗି ଅସ୍ତ ହୋଇଗଲେ ହିଁ ଯେମିତି ମଣିଷ ଭିତରୁ ସକାଳର ଅପେକ୍ଷା ହଜେ ନାହିଁ । ନିରାଶା ଯେମିତି ଆଶାର ଅପେକ୍ଷା ପାଲଟି ଯାଏ । ଠିକ୍ ସେମିତି ନାୟକ ବଞ୍ଚିବାର ମୋହ ଏଡ଼େଇ ଦେଇ ପାରିନାହିଁ । କାହିଁକିନା ତଥାପି ଜୀବନ ତା ପାଇଁ ସୁନ୍ଦର, ଆକର୍ଷଣୀୟ । ଆତ୍ମହତ୍ୟାରେ ସମସ୍ୟାର ସମାଧାନ କେବେ ହୁଏନାହିଁ । ସଂଗ୍ରାମ, ସମସ୍ୟାର ସାମ୍ନା କରିବାରେ ହିଁ ଅଛି ଜୀବନର ମହତ୍ତ୍ୱ ।

ସଭାପତି ମି.ବର୍ମା ମୋ ହାତକୁ ମାନପତ୍ର, ଟଙ୍କା ଭର୍ତ୍ତି ଲଫାପା, ଉପଢୌକନ ବଢ଼ାଇ ଦେଇ ମୋର ଭାବନାକୁ ଛିନ୍ନ କରିଛନ୍ତି । ମୋର ଅନେକ ଫଟୋ ନିଆଯାଉଛି । ମୋ ଚାରିପଟେ ମିଡ଼ିଆର ଭିଡ଼ । ସଭା କରତାଳିରେ କମ୍ପି ଉଠୁଛି । ମୋ ବେକରେ ସୁଗନ୍ଧିତ ଫୁଲମାଳ । ତଥାପି ମୁଁ ଯେମିତି ଷ୍ଟେଚ୍ୟୁ ପାଲଟି ଯାଉଛି । ମୁଁ କିଏ ? ଆଜି ଏ କି ଖୋଳ ପିନ୍ଧୁଛି ! ଆଖି ଆଗରେ ନାଚି ଉଠୁଛି ବାପାଙ୍କର ସେଦିନର ରକ୍ତ ଜୁଡୁବୁଡୁ ଦେହ ଆଉ ବୋଉର ଅବଶ ମୂର୍ତ୍ତି । ଆମ ଦ୍ୱାରରେ ଘରବାଲା, ଦୋକାନୀବାଲାଙ୍କର ଭିଡ଼ ଆଉ ସମସ୍ତଙ୍କ ସାମ୍ନାରେ ମାଆକୁ ଲାଞ୍ଛିତ କରିବାର ସେ କରୁଣ ଦୃଶ୍ୟ । ପରିଚିତ ସହରକୁ ତ୍ୟାଗ କରି ଏକ ଅପରିଚିତ ସ୍ଥାନକୁ ଚାଲିଯିବାର ସେଦିନର ଘଟଣା । ପୁଣି ବୋଉର ସେହି ଟଙ୍କା ଗଣିବାର ଛବି ଆଉ ଆମକୁ ଛାତିରେ ଚାପି ଧରି ତାର ସେହି କଇଁ କଇଁ ହେଇ କାନ୍ଦିବାର ବିକଳ ପରିସ୍ଥିତି । କେତେ ଅସହାୟା, ବିବଶା ଥିଲା ସେଦିନ ମୋର ଜନ୍ମଦାତ୍ରୀ, ନିଜକୁ ବିକି ଆମକୁ ବଞ୍ଚାଇ ରଖିବାର ତାର ଯେଉଁ ଅଭିନବ ଉପାୟ ଶେଷରେ ତାର ମରଣର କାରଣ ପାଲଟି ଯାଇଥିଲା । ପୁଣି ଝୁଲି ପଡୁଛି ମିନୁର ନିର୍ଜୀବ ଦେହ । ମୋ ହାତରେ ରାକ୍ଷୀବାନ୍ଧି ତାର ସେହି ମୁଣ୍ଡିଆ ମାରିବାର ଦୃଶ୍ୟ । ସେମାନେ ଆଜି ମୋ ଉପନ୍ୟାସର ଚରିତ୍ର ଆଉ ସୁନ୍ଦର କାହାଣୀ ପାଲଟି ଯାଇଛନ୍ତି । ସେମାନଙ୍କର ସ୍ୱରୂପକୁ ଚିତ୍ରଣ କରି ପ୍ରତିଦାନରେ ମୁଁ ପାଉଛି ଭାରତୀୟ ସାହିତ୍ୟର ସର୍ବୋଚ୍ଚ ପୁରସ୍କାର ଜ୍ଞାନପୀଠ । ଏହାକୁ ଦେଖିବାକୁ ଆଜି ମୋ ପାଖରେ କେହି ବି ନାହାନ୍ତି । ମୋ ହାତ ଏମିତି କମ୍ପି ଉଠୁଛି କିଆଁ ? କାହିଁକି ମୁଁ ଝାଳନାଳ ହୋଇ ଯାଉଛି ? ମୋ ଚାରିପଟେ କରମର୍ଦ୍ଦନ ପାଇଁ ହାତ ବଢ଼ି ଆସୁଛି । ଅଥଚ ଏମାନେ ସେଦିନ କେଉଁଠି ଥିଲେ, ଯେଉଁଦିନ ଚାକିରି ନପାଇ ବଡ଼ଭାଇ ଘରଛାଡ଼ିଥିଲା, ବୋଉ ଦେହ ବିକିଥିଲା, ତାକୁ ବଞ୍ଚାଇବା ପାଇଁ ମୁଁ ରକ୍ତ ବିକ୍ରି କରିଥିଲି ଆଉ ମିନୁ ଆତ୍ମହତ୍ୟା କରିବାକୁ ବାଧ ହୋଇଥିଲା ? କୁଆଡ଼େ ଥିଲେ ଏ ପ୍ରଶଂସକ, ସ୍ତାବକ ଦଳ ଯେତେବେଳେ ଲାଇଟ ପୋଷ୍ଟ ତଳେ ପାଠପଢୁ ଥିଲି, ଫୁଟ୍‌ପାଥ୍‌ରେ ଓପାସ ଭୋକରେ ଶୋଉଥିଲି, ବଞ୍ଚିବା ପାଇଁ ତୀବ୍ର ସଂଗ୍ରାମ କରୁଥିଲି ? କେଉଁଠି ଥିଲେ ଏ ଶୁଭେଚ୍ଛୁମାନେ ଯେତେବେଳେ ମୋ ଗଳ୍ପ ଅନ୍ୟ ନାଁରେ ଛପା ହୋଇ ଯାଉଥିଲା । ଆଉ ଅସହାୟ ଭାବେ ମୁହଁରେ ହାତଛନ୍ଦି ମୁଁ କାନ୍ଦିଥିଲି ? ଗୋଟାଏ ପୁରସ୍କାର କଣ ରାତାରାତି ସମସ୍ତ କାୟା ଓଲଟାଇ ଦିଏ ? ଜଣକୁ ସାରସ୍ୱତ ଜଗତରେ ପରିଚିତ କରାଇ ଦିଏ ? ପୁରସ୍କାରର ତାହାହେଲେ ଏତେବଡ଼ ଆକର୍ଷଣୀୟ ଶକ୍ତି ଅଛି ?

ଏ ନିଗୂଢ଼ ସତ୍ୟ ବୁଝିବାକୁ ମୁଁ ଏତେ ବର୍ଷ ନେଇଗଲି !

♥ (ମୋ) ୯୪୩୭୧୧୭୬୨୭

# ଅହଙ୍କାରରୁ ଅଧୋପତନ

ଅଣୁ ଗପ

ନଗେନ୍ଦ୍ର ନାଥ ପଟ୍ଟନାୟକ



ଶ୍ୱେତକେତୁ ଋଷି ଆରୁଣିଙ୍କ ପୁତ୍ର ଥିଲେ । ଋଷି କୁଟୀରରେ ପୁତ୍ରକୁ ବାଲ୍ୟଶିକ୍ଷା ଓ ସଂସ୍କାର ବିତରଣ କଲେ ଋଷି ଆରୁଣି । ସମୟକ୍ରମେ ଶ୍ୱେତକେତୁ ଏଡେରୁ ଏଡୁଟିଏ ହେଲେ । ବାଲ୍ୟବସ୍ଥାରୁ କିଶୋର ଅବସ୍ଥାରେ ପାଦ ଥାପିଲେ । ବଡ ହେଲା ପରେ ସେ ଶ୍ୱେତକେତୁଙ୍କୁ ପାଖକୁ ଡକାଇଲେ । ବୁଝାଇ କହିଲେ -ପୁତ୍ର, ତୁ ମୋ କଥାଟି ଟିକେ ହେଜରେ ରଖିଥିବୁ । ତୋର ଏବେ ହେତୁ ପାଇଲାଣି । ବୁଝିଲାଶୁଝିଲା ପିଲାଟେ ହୋଇଗଲୁଣି । ଗୁରୁକୁଳ ଆଶ୍ରଣରେ ଅବସ୍ଥାନ କରି ବିଦ୍ୟାର୍ଜନ କରିବା ସମୟ ଏବେ ଉପନୀତ । ଋଷିକୁଳ ପରମ୍ପରା ଅନୁସାରେ ଗୁରୁକୁଳରେ ଅବସ୍ଥାନ କରି ଈଶ୍ୱରପ୍ରାପ୍ତି ସକାଳେ ସାଧନା ଓ ଧର୍ମଶାସ୍ତ୍ରାଦିର ଗଭୀର ଅଧ୍ୟୟନ କରିବାକୁ ହେବ । ଗୁରୁଙ୍କ ନିଃସ୍ୱାର୍ଥପର ସେବା ଆଉ ତାଙ୍କ ଅନ୍ତରଙ୍ଗ ସାନ୍ନିଧ୍ୟ ତୋପାଇଁ ବରଦାନ ସଦୃଶ । କେବଳ ଗୁରୁଙ୍କ ନିଃସର୍ତ୍ତ ସେବା ମାହାତ୍ମ୍ୟ ଆଉ ସତ୍‌ସଙ୍ଗ ବଳରେ ତୁ ଉପନିଷଦ ଆଉ ବେଦକୁ ଅନାୟାସରେ ଆୟତ କରିପାରିବୁ । ସେ ବିଦ୍ୟାରେ ପାରଙ୍ଗମ ହୋଇ ଉତ୍କର୍ଷ ହାସଲ କରିବାରେ ସଫଳ ହୋଇପାରିବୁ ।

ଶ୍ୱେତକେତୁ ପିତାଙ୍କ ଆଦେଶ ଅକ୍ଷରେ ଅକ୍ଷରେ ପାଳନ କଲେ । ଗୁରୁକୁଳ ଆଶ୍ରମରେ ପହଁଚି ଗୁରୁଙ୍କ ସେବାରେ ନିଜକୁ ସମ୍ପୂର୍ଣ୍ଣ ଭାବେ ସମର୍ପିତ କଲେ । ଚବିଶ ବର୍ଷରେ ପଦାର୍ପଣ କରିବା ପରେ ସେ ବାହୁଡିଆସିଲେ ନିଜ ଆବାସକୁ । ତାଙ୍କଠୁ ବଳି ବେଦକୁ ଏ ଦୁନିଆରେ ଆଉ କେହି ବି ବ୍ୟାଖ୍ୟାନ କରିପାରିବ ନାଇଁ ବୋଲି ମନରେ ତାଙ୍କର ମିଥ୍ୟାଭିମାନ ଜାତହେଲା । ସେମିତି ଧର୍ମଶାସ୍ତ୍ରାଦି ବ୍ୟାଖ୍ୟାରେ ସେ ସମସ୍ତଙ୍କୁ ଶୋଚନୀୟ ଭାବେ ପରାସ୍ତ କରିପାରିବେ -ଏ ଭ୍ରାନ୍ତ ଧାରଣା ଓ ଅହଙ୍କାର ତାଙ୍କୁ ଗୋଟାପଣେ ଆବୋରିବସିଲା । ମିଥ୍ୟା ଗର୍ବରେ ଧରାକୁ ସରା ମନେକଲେ ସେ । ପିତା ଆରୁଣି କିନ୍ତୁ ପୁତ୍ରର ମିଥ୍ୟାଭିମାନ ଓ ଉଦ୍ଧତ ସ୍ୱଭାବକୁ ବେଶ୍ ଠଉରେଇନେଲେ । ସେ ଜାଣିଗଲେ ଯେ ପୁତ୍ରର ଅଶିଷ୍ଟ,ଅମର୍ଯ୍ୟାଦା ସ୍ୱଭାବ ଆଉ ଅହମିକା ଦିନେ ନା ଦିନେ ତା ଅଧୋପନର ପ୍ରମୁଖ କାରଣ ସାଜିବ । ଅଧୋଗତିର କରାଳ ଗର୍ତ୍ତକୁ ଟାଣିନେବ । ଏଇଆ ଭାବି ଦିନେ ସେ ପୁତ୍ର ଶେତକେତୁ କିଛିପ୍ରଶ୍ନ ପୁଛିଲେ । ହେଲେ ଶ୍ୱେତକେତୁ କୌଣସି ପ୍ରଶ୍ନର ବି ସଠିତ ଉତର ଫେରାଇ ପାରିଲେନି । ଋଷି ଆରୁଣି କହିଲେ -ପୁତ୍ର, ତୁମ ଗୁରୁ ମହାନ ପଣ୍ଡିତ ଆଉ ସାଧକ । ମନେ ହେଉଛି ଅହଙ୍କାରଗ୍ରସ୍ତ ହୋଇଥିବା ଯୋଗୁଁ ତୁ ତାଙ୍କଠୁ କିଛି ବିଦ୍ୟା ଅର୍ଜନ କରିପାରି ନ ଥିବୁ । ଗୁରୁଙ୍କଠୁ କିଛି ପାଇବାକୁ ହେଲେ ବିନୟଶୀଳ ହେବାକୁ ପଡିବ । ଅଜ୍ଞ ଆଉ ନିଷ୍ପାପ ହେଲେ କିଛିଟା ଶିଖି ହୋଇଯାଏ । ପିତା ଋଷି ଆରୁଣିଙ୍କ କେଇପଦ ତୁଣ୍ଡକଥାରେ ଶ୍ୱେତକେତୁଙ୍କ ଗର୍ବଦର୍ପ ଚୁରମାର ହୋଇଗଲା ।

♥ ଓସ୍କାର ସିଟି,
ପ୍ଲଟ ନଂ-୪୫୪,ଲେନ ନଂ-୯
ଲକ୍ଷ୍ମୀସାଗର କେନାଲ ରୋଡ,
ଭୁବନେଶ୍ୱର
ମୋ-୯୪୩୮୩୩୨୧୩୮

# ଜୀବନର କଥା



ନିରୁପମା ଭୂୟାଁ



ସୁଖ ଥିଲେ ଦୁଃଖ ଅଛି, ଆନନ୍ଦ, ଉପଲବ୍ଧି ଏବଂ ଈଶ୍ୱର ଚିନ୍ତନ ଏ ସବୁ ତ ଜୀବନର କଥା ଗାଥା ଆଉ ବ୍ୟଥା । କିନ୍ତୁ ବଡ଼ ଅଭାବନୀୟ ଦୁଃଖ ହେଉଛି ଆମ୍ଭ ମାନଙ୍କ ଗହଣରେ ଆମ ଲୋକମାନେ ଆମକୁ ହିଁ କ୍ଷତାକ୍ତ କରିବା । ଜୀବନରେ କେଉଁ ଯଶ ନେଇଯିବା ପାଇଁ ଆମେ ପ୍ରସ୍ତୁତ ହେଉଛେ କେବେ ଆମ ଅନ୍ତରାତ୍ମାକୁ ପଚାରିଛେ ? ଆମର ବ୍ୟକ୍ତିସ୍ୱଜନ, ଆତ୍ମୀୟ, ରକ୍ତଜ ଯେଉଁମାନେ ଆମର ସର୍ବସ୍ୱ ଖୁସି, ସୁଖ ଓ ଆନନ୍ଦକୁ ଚିନ୍ତା କରିବା କଥା କିନ୍ତୁ ସେମାନେ ଯେତେବେଳେ ଆନନ୍ଦର ଇନ୍ଦ୍ରଧନୁ ଭିତରେ କଳା ବାଦଲକୁ ପ୍ରବେଶ କରାନ୍ତି ଯେତେବେଳେ ଖୁସି ଭିତରେ ଦୁଃଖ ନୈରାଶ୍ୟର ଲୁଣପାଣିକୁ ମିଶାଇ ଦିଅନ୍ତି ସେମାନେ ଜାଣି ପାରନ୍ତି ନାହିଁ ଯେ ଜୀବନର ଏହି କଥାବ୍ୟଥା ଭିତରେ ଆମେ ସମସ୍ତେ ହିଁ ଏକାକାର । ବ୍ୟକ୍ତିନିଷ୍ଠ ଜୀବନ ଭିତରେ ଅନେକ ଆହ୍ୱାନକୁ ସାମ୍ନା କରିଛି । ସବୁଠି ଯେ ବିଜେତା ହୋଇଛି ତାହା ନୁହେଁ କିନ୍ତୁ ନୈରାଶ୍ୟର ମରିଚିକା ଭିତରେ ଆନନ୍ଦର ଉପଲବ୍ଧି ବଡ଼ ରାସ୍ତା ଦେଖାଇଛି ଆଲୋକବର୍ତ୍ତିକ ସଦୃଶ । କାହିଁକି କେଜାଣି ନିଜ ଲୋକମାନେ ଆମକୁ ହିଁ କ୍ଷତାକ୍ତ କରନ୍ତି ? ସ୍ୱାର୍ଥ, ଅବିଶ୍ୱାସର ଭାବନା ଚିରସ୍ଥାୟୀ ହୋଇପାରେନା । ଅମୃତ ଉପଲବ୍ଧି ଭିତରେ ତ୍ୟାଗ, ସମର୍ପଣ ତ ନିଶ୍ଚିନ୍ତ ଭାବେ ଜୀବନଚର୍ଯ୍ୟାର ବଡ଼ ଜୀବନାଦର୍ଶ । କିନ୍ତୁ ଏ ସବୁ ଭିତରେ ଆମ ମାନଙ୍କ ପାଇଁ ଆହ୍ୱାନ ହେଉଛି ଜୀବନକୁ ଆଗେଇ ନେବା ପାଇଁ ଭଗବାନ ଶ୍ରୀସତ୍ୟସାଇ ବାବାଙ୍କ ମାର୍ଗ ନିର୍ଦ୍ଦେଶିତ ମାନବୀୟ ମୂଲ୍ୟବୋଧର ଅନୁଚିନ୍ତନ । ଜୀବନ ଆଗେଇବ ଆମ୍ଭେମାନେ ବି ଆଗେଇବା କିନ୍ତୁ ଅବିଶ୍ୱାସ, ମିଥ୍ୟ, ପ୍ରଲୋଭନ, ଛଦ୍ମବେଶୀ ଆତ୍ମପ୍ରଚାର, ଅନ୍ୟ ପରିବାରର ଦୁଃଖ ସୃଷ୍ଟିକାରତା ଏହିପରି ଚରିତ୍ର କ'ଣ ପାଇଁ ଆଉ କେତେ ଦିନ ପାଇଁ ? ଭଗବାନ ସମସ୍ତଙ୍କୁ କଲ୍ୟାଣ କରନ୍ତୁ, ସମସ୍ତଙ୍କ ଭିତରେ ଅମୃତ ଚେତନା ରହିଛି, ସମସ୍ତେ ଅନ୍ୟ ପରିବାର ଭିତରେ ଝଡ଼ ସୃଷ୍ଟି କରିବା ପୂର୍ବରୁ ନିଜ ପରିବାରକୁ ଦେଖନ୍ତୁ, ନିଜ ବିବେକକୁ ଟିକେ ପଚାରନ୍ତୁ ଯେ ଆମ୍ଭେମାନେ ଅମୃତର ସନ୍ତାନ ତ ! ଆମ୍ଭେମାନେ ସାଇ ପରିବାରର ସଦସ୍ୟ ତ ! ତାହାହେଲେ ଜୀବନକୁ ନେଇ କାହିଁକି ମିଥ୍ୟାଚାର, କାହିଁକି ଛଳନାର ଛଦ୍ମବେଶୀ ଚାଦର ତଳେ ମମତାର ଭଲ ପାଇବା । ନିଜକୁ ଟିକେ ପଚାରନ୍ତୁ, ନିଜକୁ ବଦଳାନ୍ତୁ ଏହା ହିଁ ଆଜିର ସମୟ ପାଇଁ ଆମ ସମସ୍ତଙ୍କ ନିମିତ୍ତ ଏକ ଜୀବନାଦର୍ଶର ଆଲୋକବର୍ତ୍ତିକା ।

♥ ଜିଲ୍ଲା ସଂଯୋଜିକା (ଶିକ୍ଷା)
ଶ୍ରୀ ସତ୍ୟସାଇ ସେବା ସଙ୍ଗଠନ,
କେନ୍ଦ୍ରାପଡ଼ା ଜିଲ୍ଲା, ପଲାଇ
ବାଲିଚନ୍ଦ୍ରପୁର, ଯାଜପୁର,
(ମୋ) ୯୯୩୭୪୭୦୯୮୦

# ଝଞ୍ଜାବର୍ତ୍ତ ; ନାରୀ ଜୀବନର ଅପ୍ରକାଶ୍ୟ ଯନ୍ତ୍ରଣାର ଇସ୍ତାହାର



କସ୍ତୁରୀ ଚରଣ ରାଉତ

ଆମ ସମୟର ଜଣେ ପ୍ରତିଭାମୟୀ ସ୍ରଷ୍ଟା ସୁନନ୍ଦା ବି ମହାପାତ୍ର ତାଙ୍କର ପ୍ରଥମ ଗଳ୍ପ ସଂକଳନ 'ଝଞ୍ଜାବର୍ତ୍ତ'ରେ ପାରମ୍ପରିକ ଜୀବନବୋଧକୁ ଅକାର୍ପଣ୍ୟ ଭାବରେ ବାଢି ଦେଇଛନ୍ତି । ରକ୍ଷଣଶୀଳତାର ନିଗଡ଼ରୁ ମୁକ୍ତ ହୋଇ ଜୀବନାୟନରେ ମୂଲ୍ୟବୋଧର ପୁନଃ ପ୍ରତିଷ୍ଠାର ସଂବେଦନଶୀଳ ବାର୍ତ୍ତା ରହିଛି ଅଧିକାଂଶ ଗଳ୍ପରେ । ସାଂପ୍ରତିକ ସମାଜରେ ବ୍ୟଭିଚାର ଓ ଭଦ୍ରମୁଖା ତଳେ ଏସବୁ କାଣ୍ଡ ଭିଆଉଥିବା ନରପିଶାଚଙ୍କୁ ସର୍ବସମ୍ମୁଖରେ ଅନାବରଣ କରିବାର ସାହସ ଦେଖାଇଛନ୍ତି ସେ ।

'ଝଞ୍ଜାବର୍ତ୍ତ' ଗଳ୍ପ ସଙ୍କଳନଟି ୨୦୨୨ ମସିହାରେ ପର୍ଣ୍ଣିମା ପବ୍ଲିକେଶନ୍ସ ଦ୍ୱାରା ପ୍ରକାଶିତ । ବହିର ମୁଖବନ୍ଧ 'ମୋ କଥା'ରେ ପୁସ୍ତକର ନାମକରଣ ସଂପର୍କରେ ଗାଳ୍ପିକା କହନ୍ତି, 'ଦୁଃଖ, ଯନ୍ତ୍ରଣା ରୂପକ ଝଡ଼ଝଞ୍ଜାର ଆବର୍ତ୍ତନରେ ଆଜୀବନ ଘୂରି ବୁଲୁଥାଏ ମଣିଷ । କେବେ ନିଜ ଭିତରେ ତ କେବେ ନିଜ ଚତୁଃପାର୍ଶ୍ୱରେ । ଏହାର ପ୍ରଭାବରେ ସେ ନଇଁଯାଏ, ଭାଙ୍ଗିପଡ଼େ ସିନା ନିଶ୍ଚିହ୍ନ ହୋଇଯାଏ ନାହିଁ ବରଂ ଆଗାମୀ ଝଡ଼କୁ ସାମ୍ନା କରିବାକୁ ପାଏ ଧୈର୍ଯ୍ୟ,ସାହସ ଓ ସହନଶୀଳତା ।'

ସଂକଳନରେ ସ୍ଥାନିତ ମୋଟ୍ ୨୦ଟି ଗଳ୍ପ ଭିତରେ ନାରୀ ଜୀବନର ଅନେକ ଅକୁହା କଥା, ଅବଦମିତ ଯନ୍ତ୍ରଣାକୁ ପରିପ୍ରକାଶ କରିବାର ସାହସ ଜୁଟାଇଛନ୍ତି ତାଙ୍କର ଗଳ୍ପ ନାୟିକାମାନେ । ଘରେ, ବାହାରେ, ବିଦ୍ୟାଳୟରେ,ପରିବାର ଭିତରେ ତଥା ସମାଜରେ ନିଜର ଆତ୍ମୀୟ ଓ ସଂପର୍କୀୟଙ୍କ ଦ୍ୱାରା ନିର୍ଯ୍ୟାତିତ ହେବାର ଘଟଣା ତଥା ଅନେକ ଅସହ୍ୟ ଓ ଅକୁହା ସତ୍ୟକୁ ଗଳ୍ପ ମାଧ୍ୟମରେ ପାଠକ ଆଗରେ ଥୋଇ ଦେଇଛନ୍ତି ନିର୍ଭୀକ ଭାବେ । ଗଳ୍ପର ଅଧିକାଂଶ ଚରିତ୍ର ଆମ ଆଖପାଖରେ ଆତଯାତ ହେଉଛନ୍ତି ଅହରହ ।

ସଂକଳନର ପ୍ରଥମ ଗଳ୍ପ 'ଅକ୍ଟୋପାସ୍'ରେ ଗାଳ୍ପିକା ଲେଖନ୍ତି - 'ଶୂନଶାନ ରାତିର ଗାଢ ଅନ୍ଧାର ଭେଦି ଅକ୍ଟୋପାସର ପଞ୍ଝା ଯେମିତି ଧୀରେ ଧୀରେ ବଢ଼ିଆସେ ମୋ' ଖଟ ଧାରକୁ... । ମୋତେ କେବଳ ସେ ହାତ ଓ ଜଳୁଥିବା ଆଖି ବ୍ୟତୀତ ଆଉ କିଛି ଦିଶେନି ।' ଘନ ଅନ୍ଧାରରେ ରାଜି ଅପା ଖଟ ପାଖରେ ଠିଆ ହୋଇଥିବା ଛାଇକୁ ଦେଖି ଛୋଟ ଝିଅଟିର ବିଶ୍ୱାସ ଓ ଭରସା ତୁଟିଯାଉଛି ଅତି ଆପଣାର ଲୋକଙ୍କ ଉପରୁ । ଏପରିକି ନିଜ ଜନ୍ମକଲା ବାପା ଉପରେ ବି ତା'ର ସନ୍ଦେହ ! ନିଜ ଘରେ ସେ ମଣୁଛି ଅସୁରକ୍ଷିତ ନିଜକୁ । ବୟସ ବଢ଼ିବା ପରେ ବି ଝିଅଟି ବାରମ୍ବାର ଦେଖୁଛି ଗୋଟାଏ ଛାଇର ସ୍ୱପ୍ନ । ସେ ଅକ୍ଟୋପାସ ହୋଇ ଲମ୍ୱେଇ ଆଣୁଛି ତା'ର ବଳିଷ୍ଠ ଶିକାରୀ ହାତ ଓ ଆଖି । ଗାଳ୍ପିକାଙ୍କ ଭାଷାରେ :-

'କ୍ଷୁଧାର୍ତ୍ତ କ'ଣ ଦେଖେ କିଏ ଖାଦ୍ୟ ଆଉ କିଏ ଅଖାଦ୍ୟ ? କିଏ ଯୋଗ୍ୟ କିଏ ଅଯୋଗ୍ୟ ? ସେ କ'ଣ ବିଚାର କରିପାରେ ଉଚିତ ଓ ଅନୁଚିତ ଭିତରର ତାରତମ୍ୟ ? ବୁଝିପାରେ ସଂପର୍କର ଗୁରୁତ୍ୱ ? ତା'ର ତ ଭୋକ ମେଣ୍ଟିଲେ ହେଲା... !'

(ଅକ୍ଟୋପାସ)

ପଶୁ ଓ ମଣିଷ ଭିତରେ ଥିବା ଅନାବିଳ ଆତ୍ମୀୟତାର କାହାଣୀ 'ବଂଶୀର ବିଳାପ' । ସୁଧଖୋର ମହାଜନର ମହାଜନୀ ଅଦଉତି ପାଖରେ ବନ୍ଧା ପଡ଼ିଛି କାହ୍ନାର ସର୍ବସ୍ୱ । ଶେଷରେ ତା'ର ପ୍ରାଣାଧିକ 'ରାଣୀ' ମଧ । ରାଣୀର ବିରହରେ କାହ୍ନା ଫୁଙ୍କୁଥିଲା ବଂଶୀ । ବଂଶୀର ବିଳାପ ଥରାଉଥିଲା ରାଣୀର ହୃଦୟ । ତା'ର କରୁଣ ମୂର୍ଚ୍ଛନାରୁ ସତେ ଯେମିତି ଝରୁଥିଲା ଥୋପା ଥୋପା ରକ୍ତ ! ଶେଷରେ ଗହନ ଜଙ୍ଗଲ ଭିତରୁ ମିଳିଛି ଦୁଇଟି ଶବ । ଗୋଟେ ବଇଁଶୀ ଏବଂ ଗୋଟେ ପଘା - ଖୁଣ୍ଟ ସହିତ । ସାଆନ୍ତଙ୍କ ଚକ୍ରାନ୍ତରେ ସମାଧି ନେଇଛି ଗାଈ ରାଣୀ ଓ କାହ୍ନାର ନିରୀହ ଜୀବନ । ପାଠକ ହୃଦୟକୁ ଦୋହଲାଇଦେବ ଏ ନିଃସର୍ତ୍ତ ସ୍ୱର୍ଗୀୟ ପ୍ରେମ କାହାଣୀ ।

(ବଂଶୀର ବିଳାପ)

ମାୟାର ଜାଲରେ ପଡ଼ିଲେ ମଣିଷ କେବଳ ଘାଣ୍ଟିହୁଏ । ସେମିତି ଗଳ୍ପନାୟକ ମାନବ ମାୟାର ପ୍ରେମଜାଲରେ ଛନ୍ଦିହୋଇ ଅଣନିଃଶ୍ୱାସୀ ହୋଇଛି, ଅକଥନୀୟ ଯନ୍ତ୍ରଣା ଭୋଗିଛି । ମାୟା ତା'କୁ ପ୍ରତାରଣା କରି ଅନ୍ୟତ୍ର ବିବାହ କରିବା ଓ କୋମଳ ବୟସରେ ବୈଧବ୍ୟ ଯନ୍ତ୍ରଣା ଭୋଗୁଥିବା ମୁକ୍ତାକୁ ଆପଣାର କରିବା ଭିତରେ ବିଧବା ବିବାହକୁ ନେଇ ସମାଜ ସଂସ୍କାରର ବାର୍ତ୍ତା ଦେଇଛନ୍ତି ଗାଳ୍ପିକା 'ଷ୍ଟେସନ' ଗଳ୍ପରେ । (ଷ୍ଟେସନ)

'ଚୁପ୍' ଗଳ୍ପରେ ସବୁକିଛି ଅନ୍ୟାୟ ଅତ୍ୟାଚାର,ପାପକୁ ଝିଅଟିଏ କେମିତି ସହିଯାଏ ସେ କଥାକୁ ବର୍ଣ୍ଣନା କରିଛନ୍ତି ଗାଳ୍ପିକା । ହଁ ଏମିତି ହୁଏ ପାପ...ଯେଉଁ ପାପ ଅଣ୍ଟି ନିଆଁ ପରି ଅହରହ ଜାଳିପୋଡ଼ି କ୍ଷତାକ୍ତ କରେ କିନ୍ତୁ ସବୁଦିନ ପାଇଁ ଅନୁଚ୍ଚାରିତ କୋହ ହୋଇ ରହିଯାଏ... । ନିଜ ସଂପର୍କୀୟ ଭାଇ, ଟିଉସନ ସାର୍, ଡାକ୍ତର, ଅଧ୍ୟାପକ ଆଦିଙ୍କଦ୍ୱାରା ଅତ୍ୟାଚାରିତ ହେଲା ପରେ ବି ପ୍ରତିବାଦ ନକରି ଚୁପ୍ ରହିବାକୁ ଝିଅଟିର ମାଆ ପରାମର୍ଶ ଦେଇଛି ଗଳ୍ପ ନାୟିକାକୁ । ଗାଳ୍ପିକାଙ୍କ ଭାଷାରେ :- 'ବାଡ଼ ଯଦି ନିଜେ କ୍ଷେତ ଖାଇଯାଏ, ରକ୍ଷକ ଯଦି ଭକ୍ଷକ ସାଜେ, ଗୁହାରୀ କରିବ କାହାକୁ ?'

'ଏବେ ମୁଁ ଖୁବ୍ ବଡ଼ ହେଇ ଯାଇଛି । ଭୀଷଣ ସତର୍କ ବି ! ତେବେ କିଏ କହିପାରେ ଜୀବନ ରାସ୍ତାରେ ଚାଲୁଥିବା ବେଳେ ସମୟ କେଉଁ ମୋଡ଼ରେ କି କି ପ୍ରକାର ଦୁର୍ଦ୍ଦିନ ଭେଟେଇବ ? ବୋଉ ବଞ୍ଚିଥିଲେ ବୁଝେଇ ଦେଇ ଥାଆନ୍ତି - ବାଘ ରାମ୍ପୁଡ଼ାଠୁ ବାଘ ଘୋଷାଡ଼ିବାର କଷ୍ଟ କେତେ ଅଧିକ ! ନିଜକୁ ଅକ୍ଷତ ଅବସ୍ଥାରେ ମୁକୁଳାଇ ଆଣି ପାରିବାର ଯନ୍ତ୍ରଣା କେତେ ଭାରି ! ମନ ଭିତରେ ସାରା ପୁରୁଷ ଜାତି ପ୍ରତି ମୋର ଘୃଣା, ଅବିଶ୍ୱାସ, ସନ୍ଦେହ ଏକ ନୀରବ ଝଡ଼ର ରୂପ ନେଉଥିଲା । ବିଦ୍ରୋହୀ ହୋଇ ଉଠୁଥିଲି ମୁଁ । ପ୍ରତିଟି ସଂପର୍କକୁ ମୁଁ ସନ୍ଦେହ ଦୃଷ୍ଟିରୁ ଦେଖୁଥିଲି ।'

(ଚୁପ୍)

'ଏନକାଉଣ୍ଟର' ଗଳ୍ପରେ ଏତେ ପାଠପଢି ମଣିଷ କିପରି ନୃଶଂସ ଓ ଅମଣିଷ ହୋଇଯାଏ ତା'ର ଏକ ବାସ୍ତବ ଚିତ୍ର ଦେଇଛନ୍ତି ଗାଳ୍ପିକା । ବାପାମାଆ ନିଜେ କଷ୍ଟ ସହି ସନ୍ତାନଙ୍କୁ ଉଚ୍ଚଶିକ୍ଷିତ କରି ଭଲ ମଣିଷ କରିବାକୁ ବାହାରେ ପାଠ ପଢାନ୍ତି । ହେଲେ ସେମାନେ ପାଠପଢ଼ା ଭୁଲି ନିଶାଖୋର ହେବା ସହ ମାରଣାସ୍ତ୍ର ଧରି ଅନ୍ଧାରି ଦୁନିଆରେ ପାଦ ଥାପନ୍ତି ଓ ନିଜ ବାପମାଆଙ୍କ ସ୍ୱପ୍ନକୁ ସମାଧି ଦେଇ ଦିଅନ୍ତି । ସରଳ ନିରୀହ ପିଲାଟିଏ ପାଠ ପଢିବାକୁ ଯାଇ ନିଜ ଆଖିରେ ଗରିବ ଭିନ୍ନକ୍ଷମ ଅସହାୟା ବାପଛେଉଣ୍ଡ ଚାକରାଣୀ ଝିଅଟିର ଦୁଷ୍କର୍ମ ଦେଖି ଏନକାଉଣ୍ଟର କରି ଦେଇଛି ସମ୍ପର୍କୀୟ ଭାଇ ରୋହନ ଓ ତା' ସାଙ୍ଗକୁ । ତା'ପରେ ନିଜେ ଆତ୍ମ ସମର୍ପଣ କରିଛି ପୋଲିସ ପାଖରେ ।





(ଏନକାଉଣ୍ଟର)

ସେମିତି 'ଛୁଆଁ' ଗଳ୍ପରେ ପୌରୁଷତ୍ୱର ଅହଙ୍କାର ତଳେ ନାରୀ ଜୀବନର ସମସ୍ତ ମାନ ମର୍ଯ୍ୟାଦା କିପରି ନିଷ୍ପେସିତ ଓ ଲୁଣ୍ଠିତ ହେଉଛି ତାହାର ଏକ ବାସ୍ତବ ଚିତ୍ର ପ୍ରଦାନ କରିଛନ୍ତି ଗାଳ୍ପିକା । ନିଜ ସନ୍ତାନର ସୁଖ ଅପେକ୍ଷା ନିଜର ବଂଶ ମର୍ଯ୍ୟାଦା ଓ ଆତ୍ମସମ୍ମାନକୁ ଗୁରୁତ୍ୱ ଦେଉଥିବା ସୁଲଗ୍ନାର ଅହଙ୍କାରୀ ବାପା ଦୁଇ ଦୁଇଟି ଜୀବନକୁ ଜାଳିପୋଡ଼ି ଛାରଖାର କରି ଦେଇଛନ୍ତି । ନିଜର ବଂଶ ମର୍ଯ୍ୟାଦା ଓ ବାପାଙ୍କ ସ୍ୱାଭିମାନ ଆଗରେ ବଳି ପଡିଛି ସୁଲଗ୍ନା । ଶାଶୁଘରେ ଅକଥନୀୟ ଯନ୍ତ୍ରଣା ସହିଲେ ବି ପିନ୍ଧିଛି ସୁଖୀ ମଣିଷର ଖୋଳପା । ସ୍ତବ୍ଧ ହେବେ ଜାଣି, ସୁଲଗ୍ନା ଶରୀରରେ ନିଜ ସ୍ୱାମୀର ବୁଟ୍ ଓ ବେଲ୍ଟର ରକ୍ତାକ୍ତ ହସ୍ତାକ୍ଷର ଦେଖି । ଚମକି ପଡିବେ ନୃଶଂସତାର ଚରମ ସୀମାକୁ କେମିତି ଲଙ୍ଘିପାରେ ପୁରୁଷଟେ ! ପତ୍ନୀଟିଏ କେତେ ସହିପାରେ, ସୁଲଗ୍ନାକୁ ଦେଖିଲେ ସହଜରେ ଅନୁମାନ କରିହୁଏ !! ନାରୀ ଜୀବନର ମେଞ୍ଚାମେଞ୍ଚା ଅବସୋସ ଓ ହତାଶାର ଚିତ୍ର ରହିଛି ଗଳ୍ପଟିରେ ।

(ଛୁଆଁ)

ଅନ୍ଧବିଶ୍ୱାସ ଓ କୁସଂସ୍କାରର ପରିଣତି କି କରୁଣ ହୋଇପାରେ ତାହାର ଜ୍ୱଳନ୍ତ ଉଦାହରଣ 'ଡାହାଣୀ' ଗଳ୍ପ । ଦୁଇଟି ପ୍ରେମପକ୍ଷୀର ବଳିଦାନର କାହାଣୀ । ଗାଳ୍ପିକାଙ୍କ ଭାଷାରେ - 'ଲଳିତା ଓ ଅଜ ସାର୍‌ଙ୍କର ଅସଫଳ ପ୍ରେମ କାହାଣୀର ଦୁଃଖଦ ଅନ୍ତ ଘଟିଲା । ତେବେ ପ୍ରେମର ମୃତ୍ୟୁ କାହିଁ ! ପ୍ରେମ ତ ମୃତ୍ୟୁ ପରେ ବି ବଞ୍ଚିରହେ । ହେଉପଛେ ସାହାଡ଼ା ଶାଖାରେ ଅଶରିରୀ ହୋଇ !'

(ଡାହାଣୀ)

'ବିଡ଼ମ୍ବନା' ଗଳ୍ପରେ ନିଶାଗ୍ରସ୍ତ ଯୁବସମାଜର ଘୃଣିତ ଚେହେରାର ବାସ୍ତବ ରୂପାୟନ । ଝିଅଟିଏ ବାହାରକୁ ଯିବ । ଫେରି ଆସିବ ବି । କିନ୍ତୁ କିଏ କହିବ ଫେରିଲେ ସେ ଅକ୍ଷତ ଥିବ ନା ନାହିଁ ! ସେମିତି ଘଟିଛି ରୋମା ସହ । ନିଶାରେ ଚୁର୍ ନିଜ ଭାଇ ଭିକିର ଉପସ୍ଥିତିରେ ତା' ମାତାଲ ସାଙ୍ଗମାନଙ୍କ ଦ୍ୱାରା ଧର୍ଷିତା ହୋଇଛି ଭଉଣୀ ରୋମା ଏକ ବର୍ଷଣମୁଖର ରାତିରେ । ହୋସ୍ ଆସିଲା ପରେ ଘୃଣା ଓ ପଶ୍ଚାତାପରେ ନିଖୋଜ ହେଇଛି ଭିକି । ନିଜ ଅପାକୁ ଶେଷ ପ୍ରଣାମ ସହ କ୍ଷମା ମାଗି ଡାକରେ ପଠେଇଛି ଚିଠି ଓ ନିଜେ ଆତ୍ମହତ୍ୟା କରିଛି । ମିଳିଥିବା ମୃତଦେହର ହାତରେ ବନ୍ଧାଥିଲା ତା'ର ଅପା କିଣିଥିବା ବ୍ରେସଲେଟ୍, ଯେଉଁଥିରେ ଲେଖାଥିଲା - 'ଭିକି' ।

(ବିଡ଼ମ୍ବନା)

କଥାରେ ଅଛି, ଗରିବ ମାଇପ ସବୁରି ଶାଳୀ । ଆଉ ଯଦି ସେ ଟିକେ ସୁନ୍ଦରୀ ହେଲା ତ କଥା ସରିଲା । ନିଜ ସ୍ତ୍ରୀ ପ୍ରତି କରୁଥିବା ଅଶ୍ଳୀଳ ଆଚରଣର ବିରୋଧ କରିବାରୁ ଗାଁ ମୁଖିଆ ନେଇଥିବା ପ୍ରତିଶୋଧ 'ଜୋତା' ଗଳ୍ପର ନାୟକ ସନାତନକୁ ନିଃସ୍ୱ କରିଦେଇଛି । ନିଜ ପୁଅର ଆବଶ୍ୟକ ପଡୁଥିବା ହଳେ ଜୋତା କିଣି ଦେଇ ନପାରିବାର ଅସହାୟତା ଉଜାଡ଼ି ଦେଇଛି ତା'ର ସୁନାର ସଂସାର । ସବୁଦିନ ପାଇଁ ହରେଇଛି ନିଜର ଏକମାତ୍ର ପୁଅ ସୂରଜକୁ... । ଧନହୀନ ମଣିଷକୁ କେବଳ ଧନ ନୁହେଁ,ଅନେକ କଥାରେ ହୀନ ଦେଖେ ଏ ସମାଜ ।

(ଜୋତା)

'ପଦ୍ମ ଘୁଞ୍ଚି ଘୁଞ୍ଚି ଯାଉଛି' ଗଳ୍ପରେ ବି ସମାନ ପରିସ୍ଥିତିର ସାମନା କରିଛି ମଇନା । ନିଜ ବଡ଼ବାପା ପୁଅ ଭାଇ ବି ତା'ର ବଢିଲା ଯୌବନ ଉପରେ ଲୋଭିଲା ଦୃଷ୍ଟି ପକେଇଛି । କି କୁତ୍ସିତ ଭାବନା ସତରେ... !

'ଚଉକି' ଗପରେ ରଙ୍ଗ ଛଡା ଚଉକିଟି ଘରର ସୌନ୍ଦର୍ଯ୍ୟ ଏବଂ ସମ୍ମାନ ନଷ୍ଟ କରୁଛି ବୋଲି ଜମିଦାର ରାମଚନ୍ଦ୍ର ସୁନ୍ଦରରାୟଙ୍କ ପିଲାଙ୍କର ଅଭିଯୋଗ । ବାପା କିନ୍ତୁ ନିଜ ନିଷ୍ପତ୍ତିରେ ଅଟଳ; ନିଜର ସ୍ୱାଭିମାନ ଓ ଖାନଦାନୀର ଚିହ୍ନ ଚଉକିକୁ ଫିଙ୍ଗା ଯିବନି । ବାପାଙ୍କ ମୃତ୍ୟୁ ପରେ ନୂଆ ଘରର ମର୍ଯ୍ୟାଦା ହାନି କରୁଥିବା କାରଣରୁ ଭଙ୍ଗା ଚଉକିଟିକୁ ଘରର ବୋଲହାକ କରୁଥିବା ବାବୁନା ନେଇଯିବାକୁ ଅନୁମତି ମାଗିଲା । କିନ୍ତୁ ସାନପୁଅ ଅଭି ବାପାଙ୍କର ସ୍ମୃତି ଓ ଶେଷ ସନ୍ତକ ଚଉକିକୁ ଛଡେଇ ନେଇ ଯାଇଛି ଘର ଭିତରକୁ । ଅଭି ଚଉକି ଉପରେ ମୁଣ୍ଡ ରଖି ଖୁବ୍ କାନ୍ଦିଛି । ଲାଗୁଥିଲା ସେ ଯେମିତି ବାପାଙ୍କ କୋଳରେ ମୁଣ୍ଡ ଗୁଞ୍ଜିଛି । ସେ କଥା ହେଉଥିଲା ଅଦୃଶ୍ୟ ଅଶରିରୀ ବାପାଙ୍କ ସହ । ସମସ୍ତେ ଭାବିଲେ ଅଭି ପାଗଳ ହେଇ ଯାଇଛି । ତା' ପରଦିନ ଆମ୍ବୁଲାନ୍ସ ଠିଆ ହୋଇଥିଲା ତା'ଙ୍କ ଘର ଆଗରେ ।

(ଚଉକି)

ଉତ୍କଟ ଜାତି ଗତ ବୈଷମ୍ୟର ନଗ୍ନ ରୂପ ହେଉଛି ଗଳ୍ପ 'ଜାତି' । ପ୍ରେମର ତୀବ୍ରତା ଜାତି ପାଖେ ହାର୍ ମାନିଛି ।ଅଜାତିରେ ବିବାହ ଆମ ସମାଜରେ ଏକ ଅକ୍ଷମଣୀୟ ଅପରାଧ । ଯାହାର ଫଳସ୍ୱରୂପ ସେଇ ରକ୍ଷଣଶୀଳତାର ଝଞ୍ଜାରେ ଭାଙ୍ଗିଯାଇଛି ଦୁଇଟି ପ୍ରେମପକ୍ଷୀର ସ୍ୱପ୍ନର ନୀଡ଼ । ହେଲେ ଅତୀତ କିନ୍ତୁ ପିଛା କରି ପହଞ୍ଚି ଯାଇଛି ବର୍ତ୍ତମାନର ଦ୍ୱାର ଦେଶରେ । ଶେଷରେ ପ୍ରେମିକାର ଝିଅ ଭଲପାଇ ବିବାହ କରୁଛି ପ୍ରେମିକର ପୁଅକୁ ! ଅପସରି ଯାଉଛି ସାମାଜିକତାର ଲକ୍ଷ୍ମଣରେଖା ।

(ଜାତି)

ସାଂପ୍ରତିକ ସମାଜରେ ଯୌନବିକାରଗ୍ରସ୍ତ ମଣିଷର ଅଭାବ ନାହିଁ । ସୌରଭ ଓ ସ୍ୱନ୍ଦନ ପରି ନିରୀହ ବାଳକମାନେ ବି ବର୍ତ୍ତିପାରି ନାହାଁନ୍ତି ସେମାନଙ୍କ ସେଇ କୁତ୍ସିତ ବାସନାରୁ । ବ୍ୟସ୍ତବହୁଳ ଜୀବନ ଭିତରେ ନିଜର ସନ୍ତାନସନ୍ତତିଙ୍କୁ ସଂଗୀତ ଶିକ୍ଷକ ହେଉ ବା ଟିଉସନ ସାରଙ୍କ ଦାୟିତ୍ୱରେ ଛାଡ଼ିଦେଇ ସଂପୂର୍ଣ୍ଣ ନିଶ୍ଚିନ୍ତ ରହୁଥିବା ଅଭିଭାବକଙ୍କୁ ସତର୍କ ବାଣୀ ଶୁଣାଇଛନ୍ତି ଗାଳ୍ପିକା 'ଲଢେଇ' ଗଳ୍ପ ମାଧ୍ୟମରେ । ଶେଷରେ ନିଜ ଭୁଲ୍ ବୁଝିପାରିଛି ମାଆଟି । ନିଜ ସନ୍ତାନର ଭବିଷ୍ୟତ ଓ ସ୍ୱାଭିମାନକୁ ବଞ୍ଚାଇବାକୁ ଯାଇ ସଇତାନ ବିରୁଦ୍ଧରେ ଅସ୍ତ୍ର ଧରି ଲଢେଇ କରିବାକୁ ପ୍ରସ୍ତୁତ ହେଇଛି ।

(ଲଢ଼େଇ)

ସହରୀ ସଭ୍ୟତାର ବାସ୍ନା ଓ ପାଶ୍ଚାତ୍ୟ ଶିକ୍ଷାର ପ୍ରଭାବ ତଥା ପୁଅଝିଅଙ୍କୁ ଡାକ୍ତର,ଇଞ୍ଜିନିୟର କରାଇବା ଲକ୍ଷ୍ୟ ନେଇ ଅଭିଭାବକମାନେ ପିଲାଙ୍କୁ ଉଚ୍ଚ ଶିକ୍ଷିତ କରାନ୍ତି । ଫଳ ସ୍ୱରୂପ ସେମାନେ ବିଦେଶରେ ଚାକିରୀ କରି ସେଠାରେ ସ୍ଥାୟୀ ଭାବେ ରହିଯାନ୍ତି । ରୋଗରେ ପଡ଼ି ପିତାମାତା ଶଯ୍ୟାଶାୟୀ ହେଲେ କି ପ୍ରାଣ ହରାଇଲେ ବି ସେମାନଙ୍କର ଦେଖାଦର୍ଶନ ନଥାଏ କି ଭଲମନ୍ଦ ବୁଝିବାକୁ ସମୟ ନଥାଏ । ସେମିତି ଏକ ସାମାଜିକ ଅବକ୍ଷୟର କାହାଣୀ ହେଉଛି 'ଋଣ' । ଯେଉଁ ଗଳ୍ପରେ ଜନ୍ମିତ ସନ୍ତାନ ବିଦେଶରୁ ନ ଆସିବା ଓ ରକ୍ତର ସଂପର୍କ ନଥିବା ଚନ୍ଦୁ ମୁଖାଗ୍ନି ଦେଇ ନିଜ ମାମ୍‌ଙ୍କ ଋଣ ସୁଝିବା ବର୍ଣ୍ଣିତ । ଶିକ୍ଷିତ ସନ୍ତାନଙ୍କ ସ୍ୱାର୍ଥପରତା ଓ ଉଚ୍ଚଶିକ୍ଷାର କୁପରିଣାମକୁ ଅଙ୍ଗୁଳି ନିର୍ଦ୍ଦେଶ କରିଛନ୍ତି ଗାଳ୍ପିକା । (ଋଣ)

କରୋନା କାଳରେ ଦାଦନ ଶ୍ରମିକମାନେ ସମ୍ମୁଖୀନ ହୋଇଥିବା ବିଭିନ୍ନ ସମସ୍ୟା ଓ ସଂଘର୍ଷର ବିକଳ ଚିତ୍ର ରହିଛି ' ଆହୁରି କେତେ ଯେ ବାକି...' ଗଳ୍ପରେ । ସେମିତି ଘଟିଛି ଆକାଶ ଓ ବସୁଧା ଜୀବନରେ । ଅଖିଆ ଅପିଆ ଚାଲି ଚାଲି ଘରକୁ ଫେରିବା ସମୟରେ ଜୀବନ ହାରିଛି ଆକାଶ । ସ୍ୱାମୀର ମୃତ ଦେହକୁ ଅଧାବାଟରେ ଛାଡ଼ି ସନ୍ତାନକୁ ଧରି ବାଧ ହୋଇ ଆଗେଇଛି ବସୁଧା । ଗାଳ୍ପିକା ଲେଖନ୍ତି :- 'ମହାମାରୀର ମହାକୋପ ଅନେକ କିଛି ଛଡ଼େଇନେବା ସହିତ ମାନବିକତାକୁ ମଧ ସଂପୂର୍ଣ୍ଣ ଧ୍ୱଂସ କରି ଦେଇଛି । ଏ ହା-ହୁତାଶ ବେଳେ ଲକ୍ଷ୍ୟସ୍ଥଳରେ ପହଞ୍ଚିବାର ଦୁର୍ବାର ଇଚ୍ଛାରେ ଏକମୁହାଁ ସଭିଏଁ ।'

(ଆହୁରି କେତେ ଯେ ବାକି...)

'ପକ୍ଷୀ ଆଉ ଫେରେ ନାହିଁ... !' ଗଳ୍ପରେ ଅର୍ଥ ପ୍ରତିପତ୍ତି, ସ୍ୱାମୀ ସଂସାର ଥାଇ ବି ନାରୀଟିଏ କିପରି ନିଜକୁ ନିଃସ୍ୱ ଓ ଅସହାୟ ମନେ କରିଛି ତାହାର ଏକ ସୁନ୍ଦର ଅବତାରଣା କରିଛନ୍ତି ଗାଳ୍ପିକା । ଏକଦା ଯିଏ ଗୋଟେ ରାଜ୍ୟର ରାଣୀ ଥିଲେ ସେ ଏବେ ସଂପୂର୍ଣ୍ଣ ନିଃସଙ୍ଗ ଓ ଉଦାସ । ନିଃସଙ୍ଗ ପ୍ରାଣ ତାଙ୍କର ବନ୍ଧୁଟିଏ ଲୋଡ଼ିଲା । କାଣିଚାଏ ସ୍ନେହ,ପ୍ରେମ ପାଇଁ ଆକୁଳ ହେଲେ ରାଣୀ । ଏମିତି ଏକ ବନ୍ଧୁ ମିଳିଲା ବି ତା'ଙ୍କୁ । ହେଲେ କିଛି ଅଘଟଣ ଘଟିବା ପୂର୍ବରୁ ଉଭୟେ ସଚେତନ ଓ ସଂଯତ ହୋଇଛନ୍ତି । ଗାଳ୍ପିକାଙ୍କ ଭାଷାରେ :- 'ଦୁହେଁ ବିବାହିତ । ଉଭୟଙ୍କର ଘର ପରିବାର ଅଛି । ତେଣୁ ରାଣୀ ଉଭୟ କଥା ଓ କାର୍ଯ୍ୟରେ ଯଥେଷ୍ଟ ଦୂରତାରେ ରହି ଓ ସତର୍କତା ଅବଲମ୍ୱନ ସହିତ ସଂପର୍କଟିକୁ ବଞ୍ଚେଇ ରଖିବାର ଚେଷ୍ଟା କରିବାରେ ଲାଗିଲେ ।'

ବନ୍ଧୁ ଜଣଙ୍କ ଫେରିଯିବା ପରେ ରାଣୀ ପୁଣି ଏକୁଟିଆ ହୋଇ ଯାଇଛନ୍ତି ।

(ପକ୍ଷୀ ଆଉ ଫେରେ ନାହିଁ... !)

କଥାରେ ଅଛି ଯେତେ ଭାଇ ସେତେ ଘର, ଯେତେ କନିଆ ସେତେ ବର । ସଂକଳନର ଶେଷ ଗପ 'ଭାଇଭାଗ' ରେ ବିଦେଶରୁ ଘରକୁ ଫେରିଥିବା ଗଳ୍ପନାୟକ ଅତନୁ ନିଜ ପରିବାରର ସ୍ୱର୍ଣ୍ଣିମ ଅତୀତକୁ ସ୍ମରଣ କରୁଥିଲା । ସେତେବେଳେ ଲାଗୁଥିଲା, ସଭିଏଁ ଜଣେ ଜଣେ ଭରତ ହେବାକୁ ପଣ କରିଥିଲେ ଯେମିତି ।ଜଣେ ଜଣଙ୍କ ପାଇଁ ତ୍ୟାଗ କରିବାରେ କି ଅଫୁରନ୍ତ ଆନନ୍ଦ ଥିଲା ! କିନ୍ତୁ ଅଚାନକ ଅଗଣା ମଝିରେ ଉଠିଥିବା ପାଚେରୀକୁ ଦେଖି ପାଦତଳୁ ତା'ର ମାଟି ଖସି ଯାଉଥିଲା । କୋରି ହେଇ ଯାଉଥିଲା ହୃଦୟ । ସହଜରେ ଗ୍ରହଣ କରି ପାରୁନଥିଲା ଅତନୁ ଯେ,ଗୋଟିଏ ମାଆ ପେଟରୁ ଜନ୍ମ ହୋଇ କେମିତି ଭାଇଟେ ଭାଇର ଶତ୍ରୁ ହୁଏ ? ଶେଷରେ ତା ଭାଗ ଭାଇମାନଙ୍କୁ ଦେଇ ସେ ସବୁଦିନ ପାଇଁ ଘର ଛାଡ଼ି ଚାଲିଯାଇଛି । ଗାଳ୍ପିକାଙ୍କ ଭାଷାରେ :-

' ମୁଁ ମମତା ଚାହିଁଥିଲି...ମାଟି ନୁହେଁ... । ସହୋଦରମାନଙ୍କ ସହୃଦୟତା ଚାହିଁଥିଲି,ଶତ୍ରୁତା ନୁହେଁ ! ଗୋଟିଏ ଛାତ ତଳେ ଏକାଠି ରହିବାର ସ୍ୱପ୍ନ ଦେଖୁଥିଲି । ଯଦି ଏସବୁ ମୋତେ ମିଳିଲାନି,ଏ ଘର ମୋ'ର କ'ଣ ହେବ ?'

(ଭାଇ ଭାଗ)

କୋଡ଼ିଏଟି ବଳିଷ୍ଠ ଗପରେ ସନ୍ନିବିଷ୍ଟ 'ଝଞ୍ଜାବର୍ତ୍ତ' ଗାଳ୍ପିକା ସୁନନ୍ଦା ମହାପାତ୍ରଙ୍କର ଆଦ୍ୟ ସଙ୍କଳନ ଭାବରେ ସମକାଳୀନ ଓଡ଼ିଆ ଗଳ୍ପ ଜଗତରେ ପରିବାର ଓ ସମାଜବୃତ୍ତରେ ବେଶ୍ ଅନ୍ତରଙ୍ଗ ପରିବେଷଣ । ବାସ୍ତବ ତଥା କାଳ୍ପନିକ ଭୂମିର ଚରିତ୍ର ଚୟନ,ସଂଯୋଜନ ଓ ଚିତ୍ରଣରେ ସେ ନିଜର ନିଖାଦ ସଚ୍ଚୋଟତା ପ୍ରଦର୍ଶନ କରିଛନ୍ତି । ଗଳ୍ପକାରିତାର ଚମତ୍କାରିତା ଏବଂ ଧୂଳିର ଧରଣୀରେ ଅଭିପ୍ରେତ କଥାପାତ୍ରର ଘନିଷ୍ଠ ଆରୋପଣରେ ଶ୍ରୀମତୀ ମହାପାତ୍ର ଜଣେ ସଚ୍ଚା କାରିଗର । ଗଳ୍ପଗୁଡ଼ିକ ନିଶ୍ଚୟ ପାଠକମାନଙ୍କୁ ଛୁଇଁବ ।

♥ ସତ୍ୟବାଦୀ ହାଇସ୍କୁଲ୍, ଧଣ୍ଡାମାଳ
ବଲାଙ୍ଗିର.ମୋ.୮୯୧୭୩୯୭୩୪୮

## ଆ ଲୋ ଚ ନା

# ଭାରତୀୟ ସମାଜରେ ନାରୀ

## ଶ୍ରୀବତ୍ସ ନାୟକ



ଭାରତୀୟ ସଭ୍ୟତା ଓ ସଂସ୍କୃତି ସର୍ବଦା ନାରୀ ମାନଙ୍କୁ ଉଚ୍ଚାସନ ଦେଇଆସିଛି । ଭାରତୀୟ ସଂସ୍କୃତି ଓ ସଭ୍ୟତାର ଉଷାକାଳ କୁହାଯାଉଥିବା ପ୍ରାଗ୍ ଐତିହାସିକ ଯୁଗରୁ ଆରମ୍ଭକରି ଆଧୁନିକ ଯୁଗ ପର୍ଯ୍ୟନ୍ତ ବି ନାରୀମାନେ ସମ୍ମାନର ଉଚ୍ଚରେ ରହିଛନ୍ତି। ବୈଦିକ ଯୁଗରେ ମଧ ନାରୀ ମାନଙ୍କର ସ୍ଥିତି ଅତ୍ୟନ୍ତ ଉତ୍ତମ ଥିଲା । ସେ ସମୟର ମୁକ୍ତ ସମାଜରେ ନାରୀମାନଙ୍କୁ ସଦ୍ୟୋବଧୂ ଓ ବ୍ରହ୍ମବାଦିନୀର ଆଖ୍ୟା ଦିଆଯାଉଥିଲା । ହରିତାସ୍ମୃତିର ମତାନୁସାରେ ସଦ୍ୟୋବଧୂ ନାରୀମାନେ ଗ୍ରାହସ୍ଥ୍ୟ ସଞ୍ଚାଳନ କରୁଥିବା ବେଳେ ବ୍ରହ୍ମବାଦିନୀ ନାରୀମାନେ ଅବିବାହିତ ରହି ଧାର୍ମିକ ତଥା ଯଜ୍ଞ, ହୋମାଦି କାର୍ଯ୍ୟ ସମ୍ପାଦନା କରୁଥିଲେ । ଏ କ୍ଷେତ୍ରରେ ଦେଖିଲେ ଲୋପାମୁଦ୍ରା ଗାର୍ଗୀ ଓ ମୈତ୍ରୀୟୀ ଆଦି ବ୍ରହ୍ମବାଦିନୀ ନାରୀମାନେ ମାନେ ବେଶ୍ ପରିଚିତ ଥିଲେ । ବିଧବାମାନେ ପୁନାର୍ବିବାହ, ନାରୀମାନଙ୍କୁ ଶସ୍ତ୍ରବିଦ୍ୟାର ଶିକ୍ଷା ସ୍ୱାଧୀନତା କ୍ଷେତ୍ରରେ ଅନେକ କିଛି ସୁବିଧା ସୁଯୋଗ ଦେଇ ନାରୀମାନଙ୍କର ମର୍ଯ୍ୟଦାକୁ ଅକ୍ଷୁର୍ଣ୍ଣ ରଖୁଥିଲେ । ବିଶ୍ୱର ଅନେକ ଧର୍ମ ଥିଲେ ମଧ ବିଶେଷ କରି ହିନ୍ଦୁ ଧର୍ମ ରେ ନାରୀ ମାନଙ୍କର ସ୍ଥାନ ଥିଲା ସ୍ୱତନ୍ତ୍ର। ଋକ୍ ବେଦାନୁଯାୟୀ 'ଯତ୍ର ନାର୍ଯ୍ୟାସ୍ତୁ ପୂଜ୍ୟନ୍ତେ ତତ୍ର ରମନ୍ତେ ଦେବତା', ଅର୍ଥାତ ଯେଉଁଠି ନାରୀ ମାନଙ୍କୁ ପୂଜା କରାଯାଏ ସେଠି ଦେବତାମାନେ ବିଚରଣ କରନ୍ତି । ବୈଦିକ ଯୁଗରେ ନାରୀ ମାନଙ୍କୁ ସୁରକ୍ଷା ଦେବାକୁ ଯାଇ ମନୁସ୍ମୃତିର ପ୍ରଣେତା ମନୁ ଉଲ୍ଲେଖ କରିଛନ୍ତି ଯେ 'ପିତା ରକ୍ଷତି କୌମାରେ, ଭର୍ତ୍ତା ରକ୍ଷତି ଯୌବନେ, ରକ୍ଷନ୍ତି ସ୍ତବିରେ ପୁତ୍ରା ନ ସ୍ତ୍ରୀ ସ୍ୱତନ୍ତ୍ର୍ୟ ଅହର୍ତି' ଅର୍ଥାତ ନାରୀଟିଏ ଶୈଶବ ଅବସ୍ଥାରେ ପିତା, ଯୁବତୀ ଅବସ୍ଥାରେ ପତି ଏବଂ ବୃଦ୍ଧାବସ୍ଥାରେ ପୁତ୍ରର ଆଶ୍ରୟରେ ଜୀବନ ନିର୍ବାହ କରେ । ନାରୀ ମାନଙ୍କୁ କେବେ ଜନନୀ, ତ କେବେ ଭଗିନୀ ତ କେବେ ଜାୟା ତ କେବେ କନ୍ୟା ବୋଲି ମଧ ସମ୍ବୋଧନ କରାଯାଇଛି । ପୁରାଣ ବର୍ଣ୍ଣିତ କଥାକୁ ଦେଖିଲେ ଜଗନ୍ନାଥଙ୍କ ପତ୍ନୀ ହେଉଛନ୍ତି ମହାଲକ୍ଷ୍ମୀ ଯିଏ କି ଅମାପ ଧନର ଅଧିକାରିଣୀ ତଥା ସମଗ୍ର ଜୀବଜଗତର ପ୍ରାଚୂର୍ଯ୍ୟର ଦେବୀ, ନାରୀମାନଙ୍କୁ ପୁରୁଷ ସହ ସମକକ୍ଷ କରିବାକୁ ଯାଇ ସଂହାର କର୍ତ୍ତା ମହେଶ୍ୱରଙ୍କ ଅର୍ଦ୍ଧ ନା ରୂପ ବି ନାରୀଙ୍କ ପ୍ରତି ଉଚ୍ଚାସନର ଆଉ ଏକ ନିଦର୍ଶନ । ଶକ୍ତିର ପ୍ରତୀକ ସ୍ୱରୂପ ମା ଦୁର୍ଗା, ଜ୍ଞାନର ଦେବୀ ଭାବେ ମା ସରସ୍ୱତୀ, ପାପନାଶିନୀ ମା କାଳୀ, ଏବଂ ସର୍ବୋପରି ଭାରତୀୟ ନଦୀ ଯଥା ଗଙ୍ଗା, ଯମୁନା, ସରସ୍ୱତୀ, ନର୍ମଦା, କାବେରୀ, ସାଲୁଙ୍କୀ, ମେଘନା, ଚିତ୍ରାବତୀ, ମନ୍ଦାକିନୀ, ଉତ୍ପଳା ଭାବେ ନାମକରଣ କରିବା ସହ ନଦୀ ମାନଙ୍କୁ 'ମା' ର ଆଖ୍ୟା ମଧ ଦିଆଯାଇଛି । ଭାରତୀୟ ସଂସ୍କୃତି ଓ ପରମ୍ପରା ଅନୁଯାୟୀ ସ୍ନାନ କଲାବେଳେ ମଧ 'ଗଙ୍ଗେ ଚ ଜମୁନେ ଚୈବ ଗୋଦାବରୀ ସରସ୍ୱତୀ, ନର୍ମଦେ ସିନ୍ଧୁ କାବେରୀ ଜଳେ ଅସ୍ମିନ କୁରୁ' ଶ୍ଳୋକଟି ଗାୟନ କରାଯାଏ। ନାରୀ ବିନା ଏ ବିଶ୍ୱ ବ୍ରହ୍ମାଣ୍ଡର ସୃଷ୍ଟି ସମ୍ଭବ ନୁହେଁ । ପ୍ରକୃତିର ଦୁଇଟି ସୃଷ୍ଟି ହେଉଛି ପୁରୁଷ ଓ ନାରୀ। ନାରୀ ବିନା ପୁରୁଷ ଅଧା। ଶୁଭକାର୍ଯ୍ୟ ଯଥା ଗୃହ ପ୍ରତିଷ୍ଠା,ଶ୍ରାଦ୍ଧ ଆଦି ପୂଜାପର୍ବାଣୀ କାର୍ଯ୍ୟରେ ବିନା ସ୍ତ୍ରୀରେ ଏ ସବୁ କାର୍ଯ୍ୟ ସମ୍ପାଦନା କରିପାରି ନଥାଏ । ଏ ସମାଜ ନାରୀର ଭିନ୍ନ ଭିନ୍ନ ରୂପକୁ ନେଇ ଭିନ୍ନ ଭିନ୍ନ ନାମକରଣ କରିଥିବାର ନଜର ମଧ ଅଛି ଯଥା ପୁରୁଷ ନାରୀର ଭରଣପୋଷଣ କରୁଥିବାରୁ 'ଭାର୍ଯ୍ୟା', ପୁରୁଷ ସହ ରହୁଥିବାରୁ 'ସହଧର୍ମିଣୀ', ପୁରୁଷ ସହ ମିଶି ଶୁଭ କାର୍ଯ୍ୟ ସମ୍ପାଦନା କରୁଥିବାରୁ 'ଅର୍ଦ୍ଧାଙ୍ଗିନୀ', ବହନ କରୁଥିବା ଯୋଗ୍ୟା କାରଣରୁ 'ବଧୂ', ପୁରୁଷର ସ୍ନେହକୁ ବହନ କରୁଥିବାରୁ 'ବାମା' ଏବଂ ଋଗ୍ ବେଦ ଅନୁସାରେ ପରିବାରର ସୂତ୍ରଧାର ଓ ସନ୍ତାନ ସନ୍ତତି ଜନ୍ମ ଦେଉଥିବାରୁ ତାକୁ 'ଜନ୍ମଦାତ୍ରୀ' ବୋଲି ମଧ କୁହନ୍ତି। ସେମାନେ ସଂସାରର କହାରି ଠାରୁ ତୁଳନାତ୍ମକ ଭାବେ କୌଣସି ଗୁଣରେ କମ୍ ନୁହନ୍ତି । ସେ ଅବଳା ନୁହେଁ କି ଦୁର୍ବଳା ନୁହେଁ। ଭାରତୀୟ ସଭ୍ୟତା ଓ ସଂସ୍କୃତିର ଆଉ ଏକ ମହନୀୟତା ହେଉଛି, ଏକତ୍ର ପୁରୁଷ ଓ ନାରୀର କାର୍ଯ୍ୟ ସମ୍ପାଦିତ ସମୟରେ ଆଗରେ ନାରୀର ନାମ ଉଚ୍ଚାରଣ ହୁଏ ଯଥା ଉମାମହେଶ୍ୱର, ରାଧେଶ୍ୟାମ, ସୀତାରାମ, ଲକ୍ଷ୍ମୀନାରାୟଣ, ଲକ୍ଷ୍ମୀ ନୃସିଂହ । ଯଦିଓ ଶାରୀରିକ ବିଶିଷ୍ଟତା କାରଣରୁ ପୁରୁଷ ଓ ନାରୀ ଦୁଇଟି ଅଲଗା କିନ୍ତୁ ପୁରୁଷ ଓ ନାରୀଙ୍କ ମିଳନରେ ପ୍ରକୃତି ସୃଷ୍ଟି ହୁଏ। ପୁରୁଷ ନାରୀଙ୍କ ମଧ୍ୟରେ ଭେଦ ଭାବ ନ ଆଣିବା ପାଇଁ ବେଦ, ଉପନିବେଶ ଆଦି କ୍ଷେତ୍ରରେ ମଧ୍ୟରେ ବର୍ଣ୍ଣିତ ଅଛି । ସେହିଭଳି ଭାରତୀୟ ସମ୍ବିଧାନ ରେ ମଧ ନାରୀ ମାନଙ୍କୁ ଅନେକ କିଛି ସୁବିଧା ସୁଯୋଗ ବିଷୟରେ ବର୍ଣ୍ଣନା କରାଯାଇଛି । ସମସ୍ତ ଭାରତୀୟ ମହିଳା ସମାନତା (ଧାରା ୧୪), ରାଜ୍ୟ ଦ୍ୱାରା କୌଣସି ଭେଦଭାବ (ଧାରା ୧୫), ସୁଯୋଗର ସମାନତା (ଧାରା ୧୬), ସମାନ କାମ ପାଇଁ ସମାନ ଦରମା ପ୍ରଦାନ କରେ। ଧାରା ୧୫ ଅନୁଯାୟୀ ମହିଳା ଏବଂ ଶିଶୁଙ୍କ ସପକ୍ଷରେ ରାଜ୍ୟ ଦ୍ୱାରା ସ୍ୱତନ୍ତ୍ର ବ୍ୟବସ୍ଥା କରିବାକୁ ଅନୁମତି ଦେଇଥାଏ, ଧାରା ୪୨ ଅନୁଯାୟୀ ମହିଳାଙ୍କ ସମ୍ମାନକୁ ଅପମାନିତ କରୁଥିବା ଅଭ୍ୟାସକୁ ତ୍ୟାଗ କରିଥାଏ ଏବଂ ଏହା ମଧ ଅନୁମତି ଦେଇଥାଏ କାର୍ଯ୍ୟର ନ୍ୟାୟପୂର୍ଣ୍ଣ ତଥା ମାନବିକ ଅବସ୍ଥା ତଥା ମାତୃତ୍ୱ ସହାୟତା ପାଇଁ ରାଜ୍ୟ ଦ୍ୱାରା ପ୍ରସ୍ତୁତ ବ୍ୟବସ୍ଥା ବିଷୟରେ ମଧ ବର୍ଣ୍ଣନା କରି ନାରୀମାନଙ୍କୁ ସର୍ବଦା ସମାଜର ମୁଖ୍ୟ ସ୍ରୋତରେ ସାମିଲ କରିବା ପାଇଁ ଚେଷ୍ଟିତ ।

ପରିବର୍ତ୍ତନଶୀଳ ଜଗତରେ ଅନେକ ସଭ୍ୟତା, ଅନେକ ପରମ୍ପରା ଏବଂ ଅନେକ ସଂସ୍କୃତି ଉଦିତ ହୋଇ ଅସ୍ତଗାମୀ ରବି ଭଳି ମଳିନ ହୋଇପଡିଛି । ସମୟର ସ୍ରୋତରେ ସବୁକିଛି ଅପସରି ଯାଇଛି ଏବଂ ଆଉ କିଛି ଅବକ୍ଷୟମୁଖୀ । କାଳକ୍ରମେ ନାରୀର ଗୌରବ ହ୍ରାସ ପାଇବାକୁ ଲାଗିଛି । ଯେଉଁ ଭାରତ ବର୍ଷ ରେ ନାରୀ ମାନଙ୍କୁ ପୂଜା କରାଯାଉଥିଲା ଆଜି ସେମାନେ ଲୁଣ୍ଠନ, ବଳାତ୍କାର, ପାରିବାରିକ ହିଂସା, ଶାରୀରିକ ମାନସିକ ଯନ୍ତ୍ରଣା,ରାସ୍ତାରେ ହଇରାଣ ଆଦିର ଶିକାର ହେଉଛନ୍ତି । ସାମ୍ପ୍ରତିକ ପରିସ୍ଥିତିରେ ନାରୀର ଉଚ୍ଚାରଣ, ଆଚରଣ, ଚାଲିଚଳନ, ଆଚାର ବ୍ୟବହାର, ବେଶଭୂଷାରେ ଅନେକ ପରିବର୍ତ୍ତନ ଆସିଗଲାଣି । ସ୍ୱାଧୀନତା ଓ ଆଧୁନିକତାରର ଦ୍ୱାହି ଦେଇ ଭାରତୀୟ ନାରୀମାନେ ଅନେକ କିଛି ପ୍ରଥା ପରମ୍ପରାକୁ ଭୁଲିଗଲେଣି । ବିଜ୍ଞାନର ଗ୍ରାହକ ସାଜି ଯଦିଓ ସେମାନେ ସ୍ୱାବଲମ୍ବୀ ହେବା ସହ ପୁରୁଷର ସମକ୍ଷକ ହେଲେଣି କିନ୍ତୁ ନିଜର ନୈତିକତା ଓ ମୌଳିକତାର ବିଲୟ ନିଶ୍ଚିତ ରୂପେ ଏକ ଚିନ୍ତାର କାରଣ । ସେ ଯୁଗର ନାରୀ ଓ ଏବେକାର ନାରୀ ମାନଙ୍କ ମଧ୍ୟରେ ଅନେକ କିଛି ତାରତମ୍ୟ ଦେଖିବାକୁ ମିଳିଛି । ସେ ସମୟର କଲ୍ୟଣମୟୀ ନାରୀ ମୂର୍ତ୍ତୀ ଆଜି ସମ୍ପୂର୍ଣ୍ଣ ବିକଳାଙ୍ଗ। ନୀତି, ନୈତିକତା, ଲଜ୍ୟା, ସ୍ୱାଭିମାନ, ଦିନେ ନାରୀକୁ ଗୌରବ ମଣ୍ଡିତ କରିଥିଲା ଯାହା ଆଜିକାଲି ଆଉ ଦେଖିବାକୁ ମିଳୁନାହିଁ, ବରଂ ଆମେ ଦେଖୁଛେ ବିକାଶ ନାମରେ ବିନାଶ । ନାରୀ ସଶକ୍ତିକରଣ, ନାରୀ ଜଗରଣ କ୍ଷେତ୍ରରେ ସରକାର ବିଭିନ୍ନ ପ୍ରକାର ପଦକ୍ଷେପ ନେଉଛନ୍ତି। ସେହିଭଳି ଚାକିରି କ୍ଷେତ୍ରରେ ହେଉ କିମ୍ବା ରାଜନୈତିକ କ୍ଷେତ୍ରରେ ହେଉ ନାରୀ ମାନଙ୍କୁ ସମସ୍ତ ପ୍ରକାରର ସୁବିଧା ସୁଯୋଗ ଦିଆଯିବା ସହ ଅଗ୍ରାଧିକାର ଭିତ୍ତିରେ ମଧ ସହାୟତା ଦିଆଯାଉଛି, ଯାହା କି ଏକ ଖୁସିର କଥା । ବିଶ୍ୱର ସବୁଠାରୁ ଶକ୍ତିଶାଳୀ ଆର୍ଥିକ ଗୋଷ୍ଠୀ ଜି୨୦ର ଏବେ ଭାରତ ଅଧକ୍ଷ ପଦ ଗ୍ରହଣ କରିବା ଅବସରରେ ଏକ ମହିଳା ନେତୃତ୍ୱ କୈନ୍ଦ୍ରିକ ବିକାଶର ମାର୍ଗ ବିଶ୍ୱକୁ ପ୍ରଦାନ କରିବା ସହ ମହିଳାମାନଙ୍କୁ ସମାଜର ପ୍ରଗତିରେ ସାମିଲ କରିଛନ୍ତି ସରକାର । ନାରୀ ହେଲେ ପାଠୋଇ ଦେଶ ଯିବ ଆଗେଇ କିନ୍ତୁ ନାରୀ ଖାଲି ପାଠୋଇ ହେଲେ ଚଳିବ ନାହିଁ ବରଂ ପାଠୋଇ ହେବା ସହ ନିଜର ମୌଳିକତାକୁ ପ୍ରାଥମିକତା ଦେଇ ନିଜର ପରିସର ଭିତରେ କାର୍ଯ୍ୟ କରିବା ଉଚିତ । ନିଜର ପୂର୍ବ ମହନୀୟତାକୁ ବଜାୟ ରଖିବାକୁ ହେଲେ ଆଦର୍ଶବାଦ ଚିନ୍ତାଧାରା ସହ ସୁସ୍ଥ ମାନସିକତା ଦରକାର ନହେଲେ ପୁଣ୍ୟ ଶ୍ଳୋକ ଭାରତ ବର୍ଷ ପୁନଶ୍ଚ ତାର ସ୍ୱତନ୍ତ୍ରତା ବଜାୟ ରଖିବା କଷ୍ଟକର ହୋଇପଡିବ ଏଥିରେ ସନ୍ଦେହ ନାହିଁ ।

♥ ଅଧାପକ, ବାଣିଜ୍ୟ ବିଭାଗ, କଟକ

## ସ୍ମୃତି ଶତଦଳ ୨୮୨

# ନାରୀ ପାଇଁ ସମ୍ମାନ



ଡା. ସରୋଜିନୀ ଷଡଙ୍ଗୀ
♥ ଲିଙ୍କ୍‌ରୋଡ୍, କଟକ-୧୨
(ମୋ) -୯୪୩୭୦୫୫୦୦୭

**ସଂଘର୍ଷ ତ' ସବୁଠି ଲାଗି ରହିଛି ଘରେ, ବାହାରେ ଶିକ୍ଷାକ୍ଷେତ୍ରରେ ଏବଂ କାର୍ଯ୍ୟକ୍ଷେତ୍ରରେ ବିନା ସଂଘର୍ଷରେ କୌଣସି ଜିନିଷ ସମ୍ଭବପର ହୋଇପାରେ ନାହିଁ । ଏଥିପାଇଁ ଦରକାର ସାଧନା । ଏହା ସହ ନାରୀ ନିଜର ସ୍ୱାଭିମାନ ମଧ୍ୟ ବଜାୟ ରଖୁ, ନାରୀ ପୁରୁଷ ମଧ୍ୟରେ ଲିଙ୍ଗଗତ ତାରତମ୍ୟ ନରହୁ । ନିଜ ଉପରେ ଆତ୍ମବିଶ୍ୱାସ ରହୁ ।**

(ପୂର୍ବ ପ୍ରକାଶିତ ଉତ୍ତାରୁ)

"ଚାରିଟି ବିଗିନ୍ସଫ୍ରମ ହୋମ୍" ଭଳି ନାରୀ ପାଇଁ ସମ୍ମାନ ଘରୁ ହିଁ ଆରମ୍ଭ ହୋଇଥାଏ । ନିଜ ଘରେ ସମ୍ମାନ ନପାଇଲେ ସେ ଆଉ କେଉଁଠାରୁ ସମ୍ମାନ ପାଇବା ପାଇଁ ଆଶା କରିବ ? ପିଲାବେଳେ ଆଗ ଝିଅ ହିସାବରେ ବାପା ମା' ଙ୍କଠାରୁ ସେତିକି ସ୍ନେହ ଓ ଅନୁଶାସନ ପାଇବା ସହ ଖାଦ୍ୟରେ, ସ୍ୱାସ୍ଥ୍ୟରେ, ପାଠରେ ବା' ଅନ୍ୟ କୋଣସି କ୍ଷେତ୍ରରେ ସେ ନ୍ୟୁନତା ଅନୁଭବ କରିବା ଠିକ୍ ନୁହେଁ । ବେଳେବେଳେ ଘରେ ପୁଅମାନଙ୍କୁ ସବୁ କ୍ଷେତ୍ରରେ ଅଧିକ ଯତ୍ନ ନିଆଯାଇଥାଏ ଯାହା ଝିଅଟି ପାଇନଥାଏ , ଫଳରେ ଝିଅଟିର ନ୍ୟୁନ ମନୋଭାବ ସୃଷ୍ଟି ହୋଇଥାଏ ।

"ହୀନମନ୍ୟତାର ଚାଦର ତଳେ
ଚିରକାଳ ଶୋଇଥାଏ ଝିଅ"

ତେଣୁ ସେ ମା'ର ପଣତ କାନି ତଳେ ସବୁବେଳେ ଲୁଚିଯିବାକୁ ଚାହିଁଥାଏ । ହୀନମନ୍ୟତା ସବୁ ଉନ୍ନତି ପଥରେ ଅନ୍ତରାୟ ହୁଏ ଏବଂ ପ୍ରାଚୀର ସଦୃଶ ଠିଆ ହୁଏ ଯାହା ଫଳରେ ସୁବବେଳେ ଝିଅଟି ମନରେ ଦୃଢ ଧାରଣା ହୁଏ ଯେ, ମୋ ଜନ୍ମ ଓ କର୍ମ ହେଉଛି ବାହାହୋଇ ପର ଘରକୁ ଯିବା ଏବଂ କେବଳ ରନ୍ଧା ବଢା ବା' ସିଲେଇ କରି ଜୀବନ ସାରିଦେବା କିନ୍ତୁ ସାନଝିଅ ଟିଏ କେତେ ଯେ ଉପରକୁ ଉଠିବାର ସାମର୍ଥ୍ୟ ରଖେ ଏବଂ ଆକାଶଠାରୁ ଆହୁରି ଉର୍ଦ୍ଧ୍ୱ ସ୍ଥାନରେ ବସବାସ କରିବାର ଶକ୍ତି।' ପାଖରେ ଥାଏ । ଏକଥା ସେ ନିଜେ ମଧ୍ୟ ଜାଣେନାହିଁ । ଝିଅ ଜନମ ଚୁଲିମୁଣ୍ଡକୁ ଏକଥା ବିଧିବଦ୍ଧ ଭାବରେ ଷ୍ଟାମ୍ପ ଭଳି ତା' ହୃଦୟରେ ଲିପିବଦ୍ଧ ହୋଇଯାଏ । କିନ୍ତୁ ଗାଁ ଗହଳରେ ଝିଅମାନଙ୍କୁ ଏ ପ୍ରକାର ମାନସିକ ଅବସ୍ଥାରୁ ମୁକୁଳାଇ ନେବାକୁ ହେଲେ ବାରଂବାର ତାଙ୍କ କାନରେ ସଂଜୀବନୀ ମନ୍ତ୍ର ପାଠ କରିବାକୁ ପଡିବ ଏବଂ କହିବାକୁ ପଡିବ ଯେ, ଝିଅର ଉଡାଣ ଦିଗ୍‌ବଳୟ ଆରିପାରି ପର୍ଯ୍ୟନ୍ତ ନୁହେଁ, ଅସୀମ ଅନ୍ତରୀକ୍ଷକୁ ଭେଦ କରି ଆହୁରି ମହାଶୂନ୍ୟକୁ ଛୁଇଁବା ପର୍ଯ୍ୟନ୍ତ ତା' ଡେଣାରେ ପରାକ୍ରମ ଅଛି । ସେ ପ୍ରଚୁର ସ୍ୱପ୍ନ ଦେଖୁ ଏବଂ ଉଡିବା ଶିଖୁ, ନିଶ୍ଚୟ ତା'ର ଆଶା ପୂରଣ ହେବ ।

ଝିଅଟିର ଜନ୍ମ ସମୟରୁ ବଡ ହେବାଯାଏଁ ପ୍ରତ୍ୟେକ ମା' ବାପାଙ୍କର କର୍ତ୍ତବ୍ୟ ହେଉଛି ପୁଅ ଓ ଝିଅମାନଙ୍କୁ ସମାନ ଦୃଷ୍ଟିରେ ଦେଖି ଖାଦ୍ୟ, ସ୍ୱାସ୍ଥ୍ୟଠାରୁ ଆରମ୍ଭ କରି ଶିକ୍ଷାକ୍ଷେତ୍ର ପର୍ଯ୍ୟନ୍ତ ସବୁ କ୍ଷେତ୍ରରେ ସେମାନଙ୍କୁ ସମାନ ଅଧିକାର ଦେବା ଏବଂ ମାଟିରୁ ଆକାଶଯାଏଁ ଝିଅମାନଙ୍କୁ ପରିବ୍ୟାପ୍ତ କରିବା ଉଚିତ୍ ।

ସଂଘର୍ଷ ତ' ସବୁଠି ଲାଗି ରହିଛି ଘରେ, ବାହାରେ ଶିକ୍ଷାକ୍ଷେତ୍ରରେ ଏବଂ କାର୍ଯ୍ୟକ୍ଷେତ୍ରରେ ବିନା ସଂଘର୍ଷରେ କୌଣସି ଜିନିଷ ସମ୍ଭବପର ହୋଇପାରେ ନାହିଁ । ଏଥିପାଇଁ ଦରକାର ସାଧନା । ଏହା ସହ ନାରୀ ନିଜର ସ୍ୱାଭିମାନ ମଧ୍ୟ ବଜାୟ ରଖୁ, ନାରୀ ପୁରୁଷ ମଧ୍ୟରେ ଲିଙ୍ଗଗତ ତାରତମ୍ୟ ନରହୁ । ନିଜ ଉପରେ ଆତ୍ମବିଶ୍ୱାସ ରହୁ । ତେବେ ଯାଇ ପ୍ରଚୁର ସ୍ୱାଭିମାନ ସହ ସେ ପ୍ରତ୍ୟେକ କ୍ଷେତ୍ରରେ କାମ କରିପାରିବ ଓ ଯଶ ଓ କୀର୍ତ୍ତିରେ ଆକାଶ ଛୁଇଁବ ।

ଯଦି ଓ ନାରୀ ଓ ପୁରୁଷ ମଧ୍ୟରେ ତଫାତ୍ ହେଉଛି ଦୁଇଟି ହରମୋନ୍ । ଇଷ୍ଟ୍ରୋଜେନ ଯେମିତି ନାରୀଟିକୁ ସବୁ ଲାଳିତ୍ୟ ଓ ନାରୀତ୍ୱ ଦେଇଥାଏ ଠିକ୍ ସେମିତି ଟେଷ୍ଟୋଷ୍ଟେରୋନ ପୁଅଟିକୁ ପୁରୁଷତ୍ୱ ଦେଇଥାଏ । ଇଷ୍ଟ୍ରୋଜେନ ଝିଅମାନଙ୍କୁ ପ୍ରଖର ବୁଦ୍ଧି ଦେବା ସହ ସ୍ମରଣ ଶକ୍ତି ବଢାଇଥାଏ ଏବଂ ଅନେକଗୁଡିଏ ରୋଗରୁ ରକ୍ଷା କରିଥାଏ । ତେଣୁ ଝିଅମାନଙ୍କୁ ବଳିଷ୍ଠ କରିବା ପାଇଁ ଖାଦ୍ୟପେୟ ସହ ବିଭିନ୍ନ ଆତ୍ମରକ୍ଷା ର କୌଶଳ ଯଥା "ତାଇକୁଣ୍ଡ" ଓ "କରାଟେ" ଆଦି ଶିଖାଇବା ଉଚିତ୍ ।

ଆଉ ଗୋଟିଏ ବଡକଥା ହେଉଛି ନାରୀମାନଙ୍କର ଶକ୍ତିର ପରାକାଷ୍ଠା ଉପରେ ସମସ୍ତେ ବିଶ୍ୱାସ ରଖିବା ଉଚିତ୍ । ଝିଅମାନେ ସାଇକେଲ ଚଳାଇଲେ ମଧ୍ୟ ତାଙ୍କ ପଛସିଟରେ ବସିବାକୁ ସମସ୍ତେ ଡରନ୍ତି । କାଳେ ଗଳେଇ ପକେଇବ କି ଆକସିଡେଣ୍ଟ କରି ଦେବ । ସ୍କୁଟି, ମଟର ସାଇକେଲ , କାର୍, ବସ୍, ଟ୍ରକ୍, ଟ୍ରେନ ବା' ଏରୋପ୍ଲେନ୍ କଥା ତ' ଛାଡନ୍ତୁ । ଝିଅଟିଏ ଏତକ ଚଳାଇଲେ ବସିବା ଲୋକର ହୃଦସ୍ପନ୍ଦନ ବଢିଯାଏ । ଇଣ୍ଟର ନ୍ୟାସନାଲ ଫ୍ଲାଇଟ ରେ ମହିଳା ପାଇଲଟ ଚଳାଇଲେ ଡର ବଢିଯାଏ କିଛି ଦୁର୍ଘଟଣା ନଘଟି ଝିଅଟି ଆମକୁ ସୁସ୍ଥ ଅବସ୍ଥାରେ ଗନ୍ତବ୍ୟ ସ୍ଥଳରେ ପହଞ୍ଚାଇବ ତ' ? ନାରୀଟିଏ ପାଇଁ ଏ ଅନାସ୍ଥାଭାବ କାହିଁକି ?

ତଥାପି ଆଶାକୁ ନେଇ ହିଁ ମଣିଷ ବଞ୍ଚି ରହେ ଏବଂ ଆଶା କରିବା ଆଗାମୀ ଭବିଷ୍ୟତ ହିଁ ମହିଳାମାନଙ୍କ ପାଇଁ ଏକ ସୁବର୍ଣ୍ଣ ଯୁଗ ଗଢିଦେବ, ଯେତେବେଳେ ସେମାନେ ସବୁ କାମରେ କେବଳ ସକ୍ଷମ ହେବେ ନାହିଁ ପାରଙ୍ଗମ ହେବେ । ସେଇଦିନ ସମାଜ ଆଉ ପୁଅଝିଅଙ୍କ ମଧ୍ୟରେ ତାରତମ୍ୟ ରଖିବ ନାହିଁ ଏବଂ ଏକ ଉଦ୍ଭାସିତ ଯୁଗରେ ସମସ୍ତେ ସୌନ୍ଦର୍ଯ୍ୟର ସହ ଓ ମର୍ଯ୍ୟାଦାର ସହ ବସବାସ କରିବେ । (କ୍ରମଶଃ)

# ଧାରାବାହିକ ଅନୁବାଦ ଉପନ୍ୟାସ-(୧୬)

# ମାଆ



ମୂଳ ମରାଠୀ :
ଉତ୍ତମ କାମ୍ବଳେ





ଅନୁସୃଜନ:
ନନ୍ଦିତା ମହାନ୍ତି

(ପୂର୍ବ ପ୍ରକାଶିତ ଉତ୍ତାରୁ)

କୁଆଡ଼େ ଆଉ ଲିଗଲା ଚାର୍ବାକ? ତାକୁ ନିଜର ନାଁ ବି କହି ଆସିବନି। ଆଉ ଠିକଣା କହିବା ତ ଦୂରର କଥା। କୌଣସି ଗାଡ଼ିର ଚକ ତଳେ ଆସିଯାଇ ଥିବ କି? କେହି ଆଉ ତାକୁ ଅପହରଣ କରିନେଲାନି ତ? ନାଳରେ ପଡ଼ିଗଲାନି ତ? କେମିତି ମୋର ଏମିତି ମତିଭ୍ରମ ହେଲା ଯେ ମୁଁ କେଳାର ବାଉଁଶରାଣୀ ଖେଳ ଦେଖିବାକୁ ବସିଗଲି? ତାକୁ ଭାରତୀୟ ସମାଜ ବ୍ୟବସ୍ଥା ଓ ସଂସ୍କୃତି ବିଷୟରେ ଜଣାଇବାର ଥିଲା। ହେଲେ ଚାଖଣ୍ଡେ ପିଲା ବା ସଂସ୍କୃତି ଓ ବ୍ୟବସ୍ଥା ବିଷୟରେ କଣ ବୁଝିବ ସେ କଥା ମୁଁ କାହିଁକି ବୁଝି ପାରିଲିନି। ମୁଁ ଗୋଟେ ନିକମା ଓ ଅପାରଗ ବାପା। କେଜାଣି ମୁଁ କେତେ ଗାଳି ଦେଇ ଚାଲିଲି ନିଜକୁ। ମୋର ଦୁଇ ଆଖି ଚକ୍ରବାତ ପରି ଚାରିଆଡ଼େ କିଛି ଖୋଜିଚାଲିଥିଲା। ବୁଲି ବୁଲି ମୋର ଦୁଇ ଆଖି ଗୋଟେ ଧୂପକାଠି ବିକ୍ରି କରୁଥିବା ଠେଲା ଉପରେ ସ୍ଥିର ହୋଇଥିଲା। ଗୋଟେ ବୁଢ଼ୀ ବସିଥିଲା ସେଠି। ଦୌଡ଼ି କରି ପହଞ୍ଚିଗଲି ଯାଇ ତା' ନିକଟରେ "ଆଇ! ଗୋଟେ ଛୋଟ ଛୁଆ, ଅମୁକ ରଙ୍ଗର ସାର୍ଟ ପିନ୍ଧିଥିଲା, ଦେଖିଛ କି ତାକୁ? ସିଏ ମୋର ପୁଅ, ଆଇ ସିଏ କେଉଁଠି ହଜି ଯାଇଛି।" ବୁଢୀ ଶାନ୍ତ ଭାବରେ କହିଲା "ନାଇଁରେ ବାବା, ମୁଁ ତାକୁ ଦେଖିନାହିଁ। ହେଲେ ଗଲା ଦୁଇ ମାସ ଭିତରେ ଏଇ ଅଞ୍ଚଳରୁ ଦୁଇଟି ଛୁଆ କୁଆଡ଼େ ହଜିଯାଇଛନ୍ତି। ସେମାନେ ଏବେ ଯାଏ ମିଳି ନାହାଁନ୍ତି।

ସେଇ ବୁଢ଼ୀ କଥା ଶୁଣି ମୋତେ ଏମିତି ଲାଗିଲା, ମୁଁ ମୁଣ୍ଡ ବୁଲେଇ ପଡିଯିବି। ମୁଣ୍ଡରେ କିଛି ପଶୁ ନ ଥିଲା। ଶେଷରେ ମନରେ ଗୋଟେ ବିଚାର ଆସିଲା। ପୁଲିସ୍ ଥାନା ଯାଇ ଗୋଟେ ଏଫ.ଆଇ.ଆର. ଦେଇଦେବି। କିନ୍ତୁ ସେମାନେ ଫଟୋ ମାଗିବେ। ଫଟୋ ଆଣିବା ପାଇଁ ଘରକୁ ଯିବାକୁ ପଡ଼ିବ। ଘରେ ସ୍ତ୍ରୀ ଆଉ ମାଆକୁ କଣ କହିବି? ନା... ନା... ଫଟୋ ନଥାଉ। ଥାନାକୁ ଯାଇ ଏମିତି ହିଁ ରିପୋର୍ଟ କରି ଦେବି। ଡ୍ରାଇଭରକୁ କହିଲି "ଚାଲ ସରକାର ବାଡା ପୋଲିସ୍ ଥାନା ଯିବା। ହେଲେ ଯା ଭିତରେ ମନକୁ ଆସିଲା, ଆଉ ଥରେ ଯାଇ ଏମ.ଜି. ରୋଡ୍ ବୁଲି ଆସିବି। ଆରେ! ଆଉ କେତେ ଥର ଯିବୁ ସେଠାକୁ। ଅନ୍ତର୍ମନ ପଚାରୁଥିଲା । ଖାଲି ଏମ.ଜି ରୋଡ୍ ଦିଗରେ ଚାରି ପାଦ ଯାଇଥିବି କି ନାହିଁ ଆଖି ସାମ୍ନାରେ ଯିଏ ଥିଲା ତାକୁ ଦେଖି ଖୁସିର ଆତିଶଯ୍ୟରେ ଜୋର୍‌ରେ ଚିତ୍କାର କରିବାକୁ ମନ ହେଲା। ଦୁଇ ଜଣ ଯୁବକ ମୋ ପୁଅକୁ ଧରି ଚାଲିଥିଲେ। ଜଣେ ଯୁବକ ଗୋଟେ ହାତ ଓ ଆଉ ଜଣେ ଯୁବକ ଆର ହାତ ଧରି ଚାଲିଥିଲେ। ଝଡ଼ ପରି ମୁଁ ଯାଇ ପହଂଚିଗଲି ତା' ନିକଟରେ। ଚାର୍ବାକ୍‌କୁ ତଳୁ ଉଠେଇ ନେଇ ଚାପି ଧରିଲି ଛାତିରେ। ଶହ ଶହ ଚୁମାରେ ଛାଇ ଦେଲି ତାକୁ। ଛୁଆଟି ପାଇଁ ମୋର ଏ ଭଲ ପାଇବା ଦେଖି, ସେଇ ଯୁବକମାନେ ଦ୍ୱନ୍ଦ୍ୱରେ ପଡିଗଲେ। ମୋ ପଛେ ପଛେ ଆସୁଥିବା ଡ୍ରାଇଭର୍ ବି ହସିବାକୁ ଲାଗିଥିଲା। ତାର ନାଁ ଥିଲା ସନ୍ତୋଷ। ଗଲା ଚାରି/ ପାଂଚ ଘଂଟା ଧରି ଆମେ ପାଗଳ ପରି ଘୁରି ବୁଲୁଥିଲୁ। ଏବେ ଖୁସିର ଆତିଶଯ୍ୟରେ ଆଖିର ସରହଦ ଡେଇଁ ଲୁହ ଉଛୁଳି ପଡ଼ିବା ହିଁ ବାକି ଥିଲା। ସେଇ ଯୁବକ ଦୁହେଁ କହିଲେ, ଆମକୁ ଏଇ ପିଲାଟି ଗାଡ଼ଗେ ବାବାଙ୍କ ପ୍ରତିମୂର୍ତ୍ତି ନିକଟରେ ମିଳିଥିଲା। ସିଏ ସେଇଠି ଛିଡ଼ା ହୋଇ କାନ୍ଦୁଥିଲା। ସିଏ ନିଜର ନାଁ ବି କହିପାରୁ ନଥିଲା। "ଆରେ ପୁଅ। ତୋର ଘର କେଉଁଠି?" ପରିଲାବେଳକୁ ସିଏ କେବଳ ନିଜର ହାତ ଆଗକୁ କରି ଦେଉଥିଲା। ଶେଷରେ ଆମେ ବୁଝିପାରିଲୁ ଯେ ପିଲାଟିକୁ ନିଜ ଘରର ଠିକଣା ମନେନାହିଁ। ଦୁଇ ଘଂଟା ଯାଏଁ ଆମେ ଯାକୁ ନେଇ ଘୁରି ବୁଲିଲୁ। ଶେଷରେ ନିରୁପାୟ ହୋଇ ପୁଲିସ୍ ପାଖକୁ ଯାଉଥିଲୁ।

ମୁଁ ସେଇ ଦୁଇ ଯୁବକଙ୍କୁ ଅନେକ ଅନେକ ଧନ୍ୟବାଦ ଜଣାଇଲି। ସେମାନଙ୍କୁ ' ଚା' ପିଆଇବା ପାଇଁ ହୋଟେଲ୍‌କୁ ନେଇଗଲି। ପୁରସ୍କାର ହିସାବରେ କିଛି ଟଙ୍କା ବି ଦେବାକୁ ଚାହିଁଲି। ଯାହାକୁ ସେମାନେ ଗ୍ରହଣ କରି ନଥିଲେ। ମୁଁ ସେଇ ଯୁବକ ଦୁହିଁଙ୍କୁ ଚିହ୍ନି ନ ଥିଲି। ହେଲେ ସେମାନେ ମୋତେ ଚିହ୍ନି ପାରିଥିଲେ। "ଆପଣଙ୍କର ସେବା କରିବାର ମଉକା ଆମକୁ ମିଳିଲା" କହି ସେମାନେ ଦୁହେଁ ଚାଲିଗଲେ। ମୋତେ ଲାଗିଲା ସେଇ ଯୁବକ ଦୁହେଁ ମୋ ମୁଣ୍ଡ ଉପରେ ହିମାଳୟ ପରି ପାହାଡ଼େ ଉପକାରର ବୋଝ ଥୋଇ ଦେଇ ଯାଇଥିଲେ। ଚାର୍ବାକକୁ ଏବେ ବି ମୁଁ ଖୁବ୍ ଜୋର୍‌ରେ ଜାକି ଧରିଥିଲି ନିଜ ଛାତିରେ। ଆମେ ସମସ୍ତେ ଗାଡ଼ିରେ ବସିଲୁ। ମନ ଭିତରେ ଗୋଟିଏ ଚିନ୍ତା ଘୁରି ବୁଲୁଥିଲା। ଏଇ ଯେଉଁ ସବୁ ଘଟଣା ଘଟିଗଲା, ତାକୁ ଘରେ ଯାଇ କିପରି କହିବି?

ଆମେ ଘର ସାମ୍ନାରେ ପହଂଚିଲୁ। ଚାର୍ବାକ୍ ଡିଆଁଟିଏ ମାରି ଗାଡ଼ିରୁ ପଦାକୁ ଆସିଲା। ସିଏ ଦୌଡ଼ିଗଲା ଆଉ ଜେଜେମାଆର ଗଳାରେ ଦୁଇ ହାତ ଜଡ଼େଇ ଧରି ଖନେଇ ଖନେଇ କହିଲା, "ଜେଜି! ମୁଁ ରାସ୍ତା ଭୁଲି ଯାଇଥିଲି।"

ଧେତ୍ ତେରିକା! ଯେଉଁ କଥା ମୁଁ ଲୁଚେଇବାକୁ ଭାବୁଥିଲି ସିଏ ତ ସେ କଥାକୁ ସର୍ବପ୍ରଥମେ ପ୍ରଘଟ କରିଦେଲା। ଚାର୍ବାକ୍‌ର କଥାକୁ ମାଆ ଏତେଟା ଧ୍ୟାନ ଦେଲାନି। ମୁଁ ରୋଷେଇଘରକୁ ଗଲି। ଢାଳରେ ଢାଳେ ପାଣି ପିଇଲି। ଗୋଡ଼ ଦୁଇଟିରେ ଖୁବ୍ ଯନ୍ତ୍ରଣା ହେଉଥିଲା। କୌଣସି ପ୍ରକାରେ ଯାଇ ବସିଲି ଖଟରେ। ମାଆ ମୋତେ ପଚାରିଲା,"ଇଏ କଣ କହୁଛି?"

ଏବେ ଆଉ ଲୁଚେଇବା ସମ୍ଭବ ନ ଥିଲା। ସବୁ କିଛି କହିଦେଲି ମୁଁ। ଶୁଣୁଶୁଣୁ ମାଆର ଚେହେରାର ଭାବ ଖୁବ୍ ଜୋର୍‌ରେ ବଦଳିବାକୁ ଲାଗିଲା। ସବୁ କଥା ଶୁଣି ସାରିବା ପରେ ସିଏ ନିଜର ମୁଣ୍ଡକୁ ଭୂଇଁରେ ପିଟିବାକୁ ଲାଗିଲା।

ଆରେ ବାପରେ! ଇଏ କଣ କଲୁ ତୁ? ଯଦି କିଛି ଅଘଟଣ ଘଟି ଯାଇଥାନ୍ତା ତେବେ ମୁଁ ମୋର ନାତି ନାତୁଣୀଙ୍କର ମୁହଁ କେମିତି ଦେଖିଥାନ୍ତି? ଆରେ ଏଇ ଛୁଆମାନଙ୍କ ପାଇଁ ମୁଁ କେତେ ବାର-ବ୍ରତ କରିଛି, କେତେ ମାନସିକ କରିଛି ସେକଥା ମୁଁ ତୋତେ ବୁଝେଇ ପାରିବିନି। ତୋତେ ତୋର ନିଜ ଛୁଆକୁ ବି ସମ୍ଭାଳି ଆସୁନାହିଁ? ଲମ୍ୱାଚୌଡ଼ା ଭାଷଣ ଦେଇପାରୁଛୁ, ସାରା ଦୁନିଆକୁ ପାଠ ପଢ଼ଉଛୁ, ବୁଦ୍ଧି ଦଉଛୁ। ହେଲେ ତୋର ନିଜ ମୁଣ୍ଡରେ ଟିକେ ହେଲେ ବୁଦ୍ଧି ନାହିଁ? କିଏ ତୋତେ କଲା ସମ୍ପାଦକ ନା ଫମ୍ପାଦକ? କାହିଁକି ଯାଉଛୁ ଖବରକାଗଜ ଛାପିବାକୁ? ତୋର ମୁହଁର ଲାଜକୁ ତୁ କେଉଁଠି ଛାଡ଼ି ଆସିଲୁ? ଛୁଆ ହଜି କେମିତି ଗଲା? ଏତେ ବଡ଼ ବଡ଼ ଯାତ୍ରା, ମେଳାକୁ ନେଇକରି ଯାଇଛି ତୋତେ,ତୁ କଣ କେବେହେଲେ ହଜିଛୁ କେଉଁଠି? କାହିଁକି ପଢ଼ୁଛୁ ଏତେ ଏତେ ବହି? ଆରେ ତୁ ଛୁଆର ବାପଟି! ଛୁଆଙ୍କୁ କେମିତି ସମ୍ଭାଳିବାକୁ ହୁଏ ସେ କଥା ତୋ ଅଫିସ୍‌ରେ ଶିଖାହୁଏନି?

ଉଦ୍‌ଗୀରଣ କରୁଥିବା ଜ୍ୱାଳାମୁଖୀରୁ ବାହାରୁ ଥିବା ପ୍ରଶ୍ନର ଲାଭା ଖୁବ୍ ଭୟଙ୍କର ଥିଲା। ସବୁ ପ୍ରଶ୍ନର ହାତବୋମା ମୋ ଉପରକୁ ଫୋପାଡୁ ଫୋପାଡୁ ମାଆ ର୍ବାକ୍‌କୁ ଛାତିରେ ଭିଡ଼ି ଧରିଥିଲା। ଅଞ୍ଚଳରେ ଘୋଡ଼େଇ ପକାଉଥିଲା। ପାଗଳ ପରି ତାକୁ ଚୁମ୍ବନ କରିବାକୁ ଲାଗିଥିଲା ସିଏ।ମୋର ସୋନା....ମୋର ସୋନା ତୋର ଜେଜେମାଆ ପାଖରେ କେମିତି ପହଞ୍ଚିଗଲୁରେ . . .ବୋଲି ପଚାରିବାକୁ ଲାଗିଥିଲା ମାଆ ।ମାଆର ଏପରି ବିସ୍ଫୋରକ କ୍ରୋଧ ବା ତାର କୌଣସି ପ୍ରଶ୍ନର ଉତ୍ତର ନଥିଲା ମୋ ନିକଟରେ। ମାଆ ଯେମିତି ଗାଳି ଦେଇ ଚାଲିଥିଲା ତାକୁ ଶୁଣି ଶୁଣି ମୋର ବି ପାରାଚଢି ଚାଲିଥିଲା। ଶେଷରେ ଆଉ ସହି ନ ପାରି ମୁଁ କହିଲି "ମାଆ.. ସେ ନିଜେ ମୋତେ ଛାଡ଼ି ଚାଲି ଯାଇଥିଲା, ସନ୍ତୋଷକୁ ବି ଛାଡ଼ି ଚାଲି ଯାଇଥିଲା, ମୁଁ କଣ ଜାଣିଶୁଣି ତାକୁ ହଜେଇ ଦେଇଥିଲି ନା କଣ?"

ମୋର ଏଇ କୈଫିୟତ ଶୁଣି ମାଆ ଆହୁରି ବେଶି ରାଗିଯାଇ କହିଲା, "ଆରେ ନିର୍ଲଜ, କେଉଁ ମୁହଁରେ ଏ କଥା କହୁଛୁ ତୁ? ଖାଦ୍ୟ ବଦଳରେ ତୁ କଣ ଗୋବର ଖାଉଛୁ?"

ଏବେ ମୁଁ ଚୁପ୍ ରହିବାକୁ ନିଷ୍ପତ୍ତି ନେଲି। ଯେତେବେଳେ ବି ଆମ ମାଆପୁଅଙ୍କ ମଧ୍ୟରେ ଝଗଡ଼ା ହେଉଥିଲା ସାଧାରଣତଃ ମୋର ପତ୍ନୀ ସେଥିରେ ମୁଣ୍ଡ ପୁରାଉ ନଥିଲା। ସିଏ ଚୁପ୍ ରହୁଥିଲା ଓ କିଂ କର୍ତ୍ତବ୍ୟବିମୂଢ଼ ହୋଇ ଯାଉଥିଲା। ହେଲେ ଚାର୍ବାକ ହଜି ଯାଇଥିବା ଓ ପରେ ପୁଣି ମିଳିବା କଥା ଶୁଣି ତାର ଚେହେରାରେ ବି ବ୍ୟସ୍ତତାର ମୁଦ୍ରା ସୃଷ୍ଟି ହୋଇଥିଲା। ଜେଜେମାଆ ସହିତ ଜାକି ହୋଇ ବସିଥିବା ଚାର୍ବାକ୍ ତା ଠାରୁ ଅଲଗା ହେବାକୁ ରାଜି ନ ଥିଲା। ଘରର ବାତାବରଣ ବି ଥିଲା ଗମ୍ଭୀର। କେହି କାହା ସହ କଥା କହିବା ଅବସ୍ଥାରେ ନଥିଲେ। ମାଆ ଚାର୍ବାକକୁ ନେଇ ଉଠିଲା। ତାକୁ କାଖେଇଲା। ତା' ମୁଣ୍ଡରେ ଶାଢିର ଆଂଚଲରେ ଘୋଡ଼େଇଲା, ଆଉ ବାହାରିଗଲା।

ଏବେ ମାଆ ତାକୁ ନେଇ ବଗିକୁ ଯିବ... ଓଟବାଡ଼ି ପୋଲ ଉପରେ ମହସୋବା ଦେବତାଙ୍କ ଆଗରେ ମୁଣ୍ଡିଆ ମାରିବ।

ମୁଁ ଅଫିସ୍ ଯିବା ପାଇଁ ବାହାରକୁ ବାହାରିଲି। ସତ କହିବାକୁ ଗଲେ ଆଜି ମନ ନଥିଲା ଜମା ଅଫିସ୍ ଯିବାକୁ। ହେଲେ ଅଫିସ୍ ଯାଇ କାମରେ ମନ ନ ଲଗାଇବା ଛଡ଼ା ଆଉ କିଛି ରା ନ ଥିଲା। ସନ୍ଧ୍ୟାରେ ଯେତେବେଳେ ଘରକୁ ଫେରିଲି ମାଆ ଚାର୍ବାକ୍ ଚାରିପଟେ ଆରତୀ କଲାପରି ଗୋଟେ ଅଣ୍ଡାକୁ ବୁଲାଉଥିଲା। କିଛି ସମୟ ସେମିତି ବୁଲେଇ ସାରି ସିଏ ଅଣ୍ଡାକୁ ନାଳରେ ଫିଙ୍ଗିଦେଲା। ଶୁଖିଲା ଲଙ୍କା ବୁଲେଇ ନଜର ଛଡ଼େଇଲା। ତଜନେ ସରିକି ଠାକୁରଙ୍କ ପାଖରେ ଭୋଗ ଯାଚିଲା।

ମୁଁ କହିଲି "ମାଆ, ଦୁନିଆର କୌଣସି ଭଗବାନ ଆମର ଭଲ କରିନାହାନ୍ତି। ଥରେ ଖାଲି ତୁ ଏଇସବୁ ଅନ୍ଧବିଶ୍ୱାସରୁ ମୁକ୍ତ ହୋଇଯାଅ। ବାକି ସବୁ ଜିନିଷ ତୁ ବୁଝିପାରୁଛୁ। ହେଲେ ତୁ ଖାଲି ଏଇ କଥାଟା କାହିଁ ବୁଝିପାରୁନୁ?"

ସିଏ: ଆରେ ବାବା! କେଉଁଠି ତ ବିଶ୍ୱାସ ରଖିବାକୁ ହେବ।

ମୁଁ : କେଉଁଠି କାହିଁକି... ମୋ ଉପରେ ବିଶ୍ୱାସ ରଖ।

ସିଏ : ଦେଖି ନେଲି ବିଶ୍ୱାସ କରି ଚା'ଖଣ୍ଡେ ଛୁଆକୁ ତୁ ସମ୍ଭାଳି ପାରିଲୁନାହିଁ।

ମୁଁ : ଆରେ, ତା ସହିତ ଭଗବାନଙ୍କର କଣ ସମ୍ପର୍କ?

ସିଏ: ରଖ, ରଖ ତୋ କଥା।

କଣ କଲେ ମାଆ ଏଇ ସବୁ ଅନ୍ଧବିଶ୍ୱାସରୁ ମୁକ୍ତ ହେବ ସେଇ ଚିନ୍ତାର ହିନ୍ଦୋଳାରେ ଝୁଲୁ ଝୁଲୁ ମୁଁ ଶୋଇପଡ଼ିଲି। (କ୍ରମଶଃ)

♥ ରାଜଭବନ ଡାକଘର,
ଭୁବନେଶ୍ୱର-୮
(ମୋ) ୮୨୪୯୪୩୭୨୭୬

# ଗାଁ ସାଥୀଙ୍କୁ ୩ ବର୍ଷ ବକେୟା ପ୍ରାପ୍ୟ ନମିଳିଲେ ଆନ୍ଦୋଳନ ମେ'ରେ

ଭଦ୍ରକ, ୮।୪ : (ନି.ପ୍ର) ଭଦ୍ରକ ଜିଲ୍ଲାରେ କାର୍ଯ୍ୟରତ ଥିବା ଗାଁସାଥୀ (ମେଟ୍) ମାନଙ୍କର ୩ ବର୍ଷର ବକେୟା ପ୍ରାପ୍ୟ ମିଳି ନାହିଁ। ଜିଲ୍ଲାସ୍ତରରେ ହେଉଥିବା ନିଷ୍ପତି ଓ ପ୍ରତିଶୃତିର କାର୍ଯ୍ୟକାରିତା କରାଯାଉ ନାହିଁ। ଯାହାକୁ ନେଇ ଗାଁସାଥୀ (ମେଟ୍)ମାନଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ଜାରି ରହିଛି। ବାରମ୍ବାର ପ୍ରଶାସନର ଦୃଷ୍ଟି ଆକର୍ଷଣ କରାଯାଉଥିଲେ ମଧ୍ୟ ପ୍ରଶାସନ ଦାବିଗୁଡ଼ିକ ପ୍ରତି ଅଣଦେଖା କରୁଛି। ଏ ନେଇ ଗତକାଲି ଗାଁସାଥୀ (ମେଟ୍)ମାନଙ୍କର ଏକ ଭର୍ଚୁଆଲ ମିଟିଂ ରାଜ୍ୟ ସଭାପତି ଲକ୍ଷ୍ମୀଧର ବିଶ୍ୱାଳଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ହୋଇଥିଲା। ଏଥିରେ ଜିଲ୍ଲାସ୍ତରୀୟ କର୍ମକର୍ତ୍ତାଙ୍କ ସହିତ ୭ଟି ବ୍ଲକର କର୍ମକର୍ତ୍ତା ଅଂଶଗ୍ରହଣ କରି ଆଲୋଚନାରେ ଭାଗ ନେଇଥିଲେ। ମିଟିଂରେ ବ୍ଲକ ଓ ଜିଲ୍ଲା ସ୍ତରରେ ରହିଥିବା ବିଭିନ୍ନ ସମସ୍ୟା ଉପସ୍ଥାପନ କରାଯାଇଥିଲା। ଦୀର୍ଘ ୩ ବର୍ଷରୁ ଉର୍ଦ୍ଧ୍ୱ କାଳ ଧରି ସମସ୍ତ ବ୍ଲକ ସ୍ତରରେ ପଡ଼ିରହିଥିବା ଗାଁସାଥୀଙ୍କ ବକେୟା ପ୍ରାପ୍ୟ ତୁରନ୍ତ ପ୍ରଦାନ କରିବାକୁ ପ୍ରଶାସନକୁ ନିବେଦନ କରାଯାଇଥିଲା। ଯଦି ଚଳିତ ଅପ୍ରେଲ ମାସ ଶେଷ ସୁଦ୍ଧା ପ୍ରଶାସନ ପ୍ରାପ୍ୟ ପ୍ରଦାନ ନ କରେ ତେବେ ମେ' ମାସରେ ଗାଁସାଥୀ(ମେଟ୍) ମାନେ ଜିଲ୍ଲାବ୍ୟାପୀ ଆନ୍ଦୋଳନ କରିବେ ବୋଲି ପ୍ରଶାସନକୁ ଚେତାବନୀ ଦେଇଛନ୍ତି। ଏହା ସହିତ ଉକ୍ତ ନିଷ୍ପତି ସମ୍ପର୍କରେ ଜିଲ୍ଲାର ସମସ୍ତ ବ୍ଲକର ବିଡ଼ିଓମାନଙ୍କୁ ଚିଠି ମାଧ୍ୟମରେ ମଧ୍ୟ ଅବଗତ କରାଯାଇଛି। ଏହି ଭର୍ଚୁଆଲ ମିଟିଂରେ ଜିଲ୍ଲା ସଭାପତି ପ୍ରମୋଦ ସାମଲ, ଜିଲ୍ଲା ସମ୍ପାଦକ ମନୋଜ ପାଢୀ, ଜିଲ୍ଲା କୋଷାଧକ୍ଷ ଭରତ ଚନ୍ଦ୍ର ବାରିକ, କାର୍ଯ୍ୟାଳୟ ସମ୍ପାଦକ ବିଶ୍ୱନାଥ ରାଉତ, ପ୍ରଭାତ ବେହେରା, ମୀନା ରାଣି ଦାସ, ରବୀନ୍ଦ୍ର ମାଝୀ, ବିକାଶ ସାହୁ, ବୈଷ୍ଣବ ଦାସ, ଅରୁଣ ମଲ୍ଲିକ, ଅକ୍ଷୟ ଜେନା, ନରେନ୍ଦ୍ର ସାମଲ, ଲୀଳାବତୀ ମଲ୍ଲିକଙ୍କ ସମେତ ୫୦ରୁ ଉର୍ଦ୍ଧ୍ୱ ଗାଁସାଥୀ ସଂଗଠକ ଭାଗ ନେଇଥିଲେ।

# କବି ଭରତ ଚନ୍ଦ୍ର ଦାଶଙ୍କୁ କବିବର କବିତା ସମ୍ମାନ



ସୋର, ୮।୪ : (ନି.ପ୍ର) ଓଡିଶା ସାହିତ୍ୟ ଏକାଡେମୀର ବାଲେଶ୍ୱର ଜିଲ୍ଲା ସଦସ୍ୟ ତଥା ପ୍ରୀତି ପ୍ରଣୟର କବିଭାବେ ପ୍ରତିଷ୍ଠା ଲାଭକରିଥିବା କବ ଭରତ ଚନ୍ଦ୍ର ଦାଶଙ୍କୁ ରାଧାନାଥ ପାଠାଗାର , ସୋର ପକ୍ଷରୁ ଆୟୋଜିତ କବିବର ରାଧାନାଥ ରାୟଙ୍କ ୧୧୫ତମ ଶ୍ରାଦ୍ଧବାର୍ଷିକୀ ଅବସରରେ ଅନୁଷ୍ଠିତ ରାଜ୍ୟସ୍ତରୀୟ କବିତା ପାଠୋତ୍ସବରେ କବିବର କବିତା ସମ୍ମାନରେ ସମ୍ମାନିତ କରାଯାଇଛି। ପାଠାଗାରର ସଭାପତି ତଥା ସୋରର ବିଧାୟକ ପର୍ଶୁରାମ ଧଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସାରସ୍ୱତ ସମାରୋହରେ ମୁଖ୍ୟଅତିଥି ଭାବେ ଓଡିଶା ସାହିତ୍ୟ ଏକାଡେମୀର ସଭାପତି ଡକ୍ଟର ହୃଷୀକେଶ ମଲ୍ଲିକ୍, ମୁଖ୍ୟବକ୍ତାଭାବେ କବି ଡକ୍ଟର ହରିଶ୍ଚନ୍ଦ୍ର ବେହେରା, ବରେଣ୍ୟ ଅତିଥି ଭାବେ କବି ବିମଳ ଜେନା ଉପସ୍ଥିତ ଥିଲେ। କବିଙ୍କୁ ଉତ୍ତରୀୟ ଓ ସ୍ମୃତି ଫଳକ ପ୍ରଦାନ କରାଯାଇ କବିବର କବିତା ସମ୍ମାନ ପ୍ରଦାନ କରାଯାଇଥିଲା ।ଦୀର୍ଘ ୪୦ ବର୍ଷଧରି ସାହିତ୍ୟ ସାଧନାରେ ବ୍ରତୀଥିବା କବି ଭରତ ଚନ୍ଦ୍ର ଦାଶ ସୃଜନ ଶ୍ରୀକ୍ଷେତ୍ରର ପ୍ରତିଷ୍ଠାତା ସଚିବ ଭାବେ ସେ କାର୍ଯ୍ୟକରୁଛନ୍ତି।

## ରାଉରକେଲାରେ ଅନୁଷ୍ଠିତ ହେଉଥିବା ଆଦି ମହୋତ୍ସବକୁ ନେଇ ଟ୍ୱିଟ କଲେ ପ୍ରଧାନମନ୍ତ୍ରୀ

ଭୁବନେଶ୍ୱର, ୦୮/୦୪ : ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଶନିବାର ଦିନ ରାଉରକେଲାରେ ଅନୁଷ୍ଠିତ ହେଉଥିବା ଆଦି ମହୋତ୍ସବକୁ ନେଇ ଟ୍ୱିଟ କରିଛନ୍ତି । ବିଧାୟକ ଭବାନୀ ଶଙ୍କର ଭୋଇଙ୍କ ରାଉରକେଲାରେ ଆଦି ମହୋତ୍ସବକୁ ନେଇ କରାଯାଇଥିବା ଟ୍ୱିଟକୁ ରିଟ୍ୱିଟ କରି ପ୍ରଧାନମନ୍ତ୍ରୀ ଲେଖିଛନ୍ତି ଯେ - ଓଡ଼ିଶାର ରାଉରକେଲାରେ ଅନୁଷ୍ଠିତ ହେଉଥିବା 'ଆଦି ମହୋତ୍ସବ' ଆମ ସଂସ୍କୃତିର ଏକ ଆକର୍ଷଣୀୟ ସୂତ୍ର । ଆମର ଜନଜାତି ସମୁଦାୟର ଐତିହ୍ୟ ଓ ସଂସ୍କୃତି ପାଇଁ ଭାରତ

# ପ୍ରବେଶ ଉତ୍ସବକୁ ସ୍ୱାଗତ ପାଇଁ ଅପେକ୍ଷା କରିଛନ୍ତି ବାପ ଛେଉଣ୍ଡ ଛାତ୍ର 'ମହେଶ୍ୱର'



ଉଦଳା ତା.୦୮/୦୪(ନି.ପ୍ର)- ଉଦଳା ବ୍ଲକର ଦୁଗୁଧା ପଂଚାୟତ ଅନ୍ତର୍ଗତ ଅଙ୍ଗାରପଡ଼ା ଗ୍ରାମର ବାସିନ୍ଦା ୰ ବିରାମ ମୁର୍ମୁଙ୍କ ପୁତ୍ର ମହେଶ୍ୱର ପଂଚମ ଶ୍ରେଣୀ ପାସ ପରେ, ଆଉ ଷଷ୍ଠ ଶ୍ରେଣୀରେ ନାମ ଲେଖାଇ ନାହାଁନ୍ତି । ତାଙ୍କର ମା' ପୁତ୍ର ମହେଶ୍ୱରଙ୍କୁ ଛାଡ଼ି, ପୁଣି ଅନ୍ୟତ୍ର ବିବାହ କରିଯିବା ଫଳରେ ମହେଶ୍ୱର ସମ୍ପୂର୍ଣ୍ଣ ଏକାକୀ ଜୀବନ ବିତାଉଛନ୍ତି । ତେବେ ମହେଶ୍ୱରଙ୍କୁ କୌଣସି ହଷ୍ଟେଲରେ ରଖି ପାଠ ପଢ଼ାର ବ୍ୟବସ୍ଥା କରାଯାଉ ବୋଲି ସାମାଜିକ କର୍ମୀ ରୁପାଏ ବାସ୍କେ ଦାବୀ ଜଣାଇଛନ୍ତି । ପ୍ରଥମରୁ ୧୪ ବର୍ଷ ବୟସ ପର୍ଯ୍ୟନ୍ତ ସରକାର ମାଗଣା ଓ ବାଧ୍ୟତା ମୂଳକ ଶିକ୍ଷା ଘୋଷଣା କରିଥିବା ବେଳେ ମହେଶ୍ୱରଙ୍କୁ ବର୍ତମାନ ବୟସ ୧୩ ଛୁଇଁଲା । ତାହା ଛଡ଼ା ଏବେ ବିଦ୍ୟାଳୟ ମାନଙ୍କରେ ନାମ ଲେଖା (ପ୍ରବେଶ ଉତ୍ସବ) ଚାଲିଛି । ବିଭାଗୀୟ କର୍ତୃପକ୍ଷଙ୍କର ଦୃଷ୍ଟି ନିଷ୍ଚୟ ମହେଶ୍ୱର ଉପରେ ପଡ଼ିବ ବୋଲି ସାଧାରଣରେ ଚର୍ଚ୍ଚା ହେଉଛି ।

# ସାମାଜିକ ସୁରକ୍ଷା ଯୋଜନା ହୋଇଛି ବାଟବଣା : ୮ ବର୍ଷ ପ୍ରତୀକ୍ଷା ପରେ ମଧ୍ୟ ବିଧବାଙ୍କୁ ମିଳୁନି ଭତ୍ତା



ଉଦଳା ତା.୦୮/୦୪(ନି.ପ୍ର)- ଯେ ହେଉଛି କପ୍ତିପଦା ବ୍ଲକର କୋଳିଅଳମ ପଂଚାୟତ ଅନ୍ତର୍ଗତ କଲୋନିସାହିର ଦୃଶ୍ୟ । ଏହି ସାହିର ବାସିନ୍ଦା ବିଧବା ମହିଳା ଶୁକୁରୀ ଦେଇଙ୍କୁ ସାମାଜିକ ସୁରକ୍ଷା ଯୋଜନାରେ ଭତା ପାଇବା ପାଇଁ ଆଜକୁ ୮ ବର୍ଷଧରି ଅପେକ୍ଷା କରିବାକୁ ପଡ଼ିଛି । ଦିନେ କାମକୁ ନଗଲେ ଘରେ ଚୁଲି ଜଳୁ ନଥିବା ଏହିଭଳି ଜଣେ ମହିଳାଙ୍କ ପାଇଁ ଭତା ଟଙ୍କା ନିହାତି ଜରୁରୀ ହୋଇ ପଡୁଥିବା ବେଳେ, ସରକାରୀ ବାବୁ ମାନଙ୍କର ଗୋଡ଼ଲମ୍ବା ନୀତି ଖୁବ୍ ଯନ୍ତଣା ଦାୟକ ହୋଇ ଉଠିଛି ବୋଲି ଶୁକୁରୀ ଜଣାଇଛନ୍ତି । ସ୍ୱାମୀ ତୁରୀଙ୍କର ଦେହାନ୍ତ ପରେ ବିଧବା ଜୀବନ ସାଙ୍ଗକୁ ଦାରିଦ୍ର୍ୟର ଯନ୍ତଣା, ମୋଟା ଅଂକରେ ଦରମା ନେଇ ଜୀବନ ବିତାଉଥିବା ସରକାରୀ ବାବୁ ମାନେ ଅନୁଭବ କରି ନାହାଁନ୍ତି । ତେଣୁ ତତ୍ପରତା କାହିଁକି ପ୍ରକାଶ କରିବେ ବୋଲି ଅନେକ ମତ ଦେଇଛନ୍ତି । ଏହି ବିଧବା ମହିଳାଙ୍କୁ ତୁରନ୍ତ ଭତା ଟଙ୍କା ପ୍ରଦାନ ପାଇଁ ଜନଜାଗୃତି ମଂଚର ଟିମ୍ ଲିଡ଼ର ଗଦାଧର ଦାଶ ଦାବୀ ଜଣାଇଛନ୍ତି ।

## [ସିୟୁ]ଟିଏମ୍ ଓ କୋରାପୁଟ କେନ୍ଦ୍ରୀୟ ବିଦ୍ୟାଳୟ ପକ୍ଷରୁ ଜି-୨୦ ଜନଭାଗିଦାରୀ କାର୍ଯ୍ୟକ୍ରମ

ଭୁବନେଶ୍ୱର, ୦୮/୦୪ : ଆସନ୍ତା ୨୬ରୁ ୨୮ ତାରିଖ ପର୍ଯ୍ୟନ୍ତ ଭୁବନେଶ୍ୱରରେ ଅନୁଷ୍ଠିତ ହେବାକୁ ଥିବା ଜି-୨୦ ଶିକ୍ଷା କାର୍ଯ୍ୟଗୋଷ୍ଠୀର ତୃତୀୟ ବୈଠକ ପୂର୍ବରୁ ଜନସଚେତନତା ସୃଷ୍ଟି କରିବା ଲାଗି ଜନଭାଗିଦାରୀ କାର୍ଯ୍ୟକ୍ରମର ଅଂଶବିଶେଷ ସ୍ୱରୂପ ରାଜ୍ୟର ବିଭିନ୍ନ ଶିକ୍ଷାନୁଷ୍ଠାନ ପକ୍ଷରୁ ଭିନ୍ନ ଭିନ୍ନ କାର୍ଯ୍ୟକ୍ରମ ମାନ ଆୟୋଜନ କରାଯାଉଛି। ଏହି କ୍ରମରେ ଆଜି ସେଂଚୁରିଅନ ୟୁନିଭର୍ସିଟୀ ଅଫ୍ ଟେକ୍ନୋଲୋଜି ଏବଂ ମ୍ୟାନେଜମେଣ୍ଟ (ସିୟୁଟିଏମ) ପକ୍ଷରୁ ଗଜପତି ଜିଲ୍ଲାରେ ଏକ ଗ୍ରାମୀଣ ହାଟ ଆୟୋଜନ କରାଯାଇଥିଲା। ହାଟରେ ବିଭିନ୍ନ ପ୍ରକାର ଫଳ, ପନିପରିବା, ଘରକରଣା ସାମଗ୍ରୀ ବିକ୍ରି କରାଯାଇଥିଲା। ସିୟୁଟିଏମର ଛାତ୍ରଛାତ୍ରୀ ସ୍ଥାନୀୟ ଅଂଚଳରେ ଜି-୨୦ ବୈଠକକୁ ନେଇ ସଚେତନତା ସୃଷ୍ଟି କରିଥିଲେ । ଅନ୍ୟପକ୍ଷରେ ଜି-୨୦ ଜନଭାଗିଦାରୀ ବୈଠକର ଅଂଶବିଶେଷ ଭାବେ କୋରାପୁଟ କେନ୍ଦ୍ରୀୟ ବିଦ୍ୟାଳୟ ଦ୍ୱାରା ଏକ ସ୍ଲୋଗାନ୍ ଲେଖା ପ୍ରତିଯୋଗିତା ଆୟୋଜନ କରାଯାଇଥିଲା। ଛାତ୍ରଛାତ୍ରୀମାନେ ଜି୨୦ ସମ୍ମିଳନୀର ପ୍ରଚାର ଉଦ୍ଦେଶ୍ୟରେ ସ୍ଲୋଗାନମାନ ଲେଖିଥିଲେ । ସେହିପରି ଶିକ୍ଷାନୁଷ୍ଠାନ ପରିସରରେ ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

# କେନ୍ଦ୍ରମନ୍ତ୍ରୀଙ୍କ ବାଲିଆପାଳ ଗସ୍ତ ସମୟରେ ବସ୍ତାରେ ସ୍ୱାଗତ ଓ ଦାବିପତ୍ର ପ୍ରଦାନ



ବସ୍ତା୮.୪ (ନିପ୍ର) ଆଦିବାସୀ ଜଳସମ୍ପଦବ୍ୟାପାର ମନ୍ତ୍ରୀ ବିଶ୍ୱେଶ୍ୱର ଟୁଡୁ ଙ୍କ ବାଲିଆପାଳ ଗସ୍ତ ବେଳେ ବସ୍ତାତାରିଣି ଛକନିକଟରେ ବସ୍ତା ବିଜେପି ତରଫରୁ ମନ୍ତ୍ରୀଙ୍କୁ ସ୍ୱାଗତ କରାଯାଇଥିଲା ।ବସ୍ତାର ବିଭିନ୍ନ ସମସ୍ୟାକୁ ନେଇ ଦାବୀପତ୍ର ଦିଆଯାଇଥିଲା ।କରୋନା ଆଳଦେଖିଇ ।ବସ୍ତା ରେଳ ଷ୍ଟେସନ ବିଭିନ୍ନ ଟ୍ରେନକୁ ରହଣି ନରିବା ଯଥା ପୁରୀ ହରିଦ୍ୱାର ଉତ୍କଳ ଏକ୍ସପ୍ରେସ,ହାଇଦାରବାଦ ଶାଳିମାର ଇଷ୍ଟକୋଷ୍ଟଏକ୍ସପ୍ରେସ ର ରହଣି ରେଳଅଭର ବ୍ରିଜ, ଏକଲବ୍ୟ ସ୍କୁଲ କରିବାର ଦାବୀ ପ୍ରଧାନ କରିଥିଲେ । ଏଥିରେ ଆଡଭୋକେଟ ପରେଶ ବେହେରା, ସୂର୍ଯ୍ୟନାରାୟଣ ସାହୁ, ରବିନ୍ଦ୍ର ଜୈନ,ରବିନ୍ଦ୍ରକୁମାର ଦାସ,ଲକ୍ଷ୍ମୀକାନ୍ତ ଦଳେଇ , କମଲଲୋଚନ ବାରିକ ଗୋକୁଳା ଜେନା,ବିଣାପାଣି ଦାସଅଧିକାରୀ, ଦେବବ୍ରତ ମଲ୍ଲିକ,ବିଶ୍ୱନାଥ ସିଂ, ଆକାଶ ବେହେରା, ଦେବାଶିଷ ଦାସଅଧିକାରୀ, କମଳା ବେହେରା,ପ୍ରମୁଖ ଉପସ୍ଥିତଥିଲେ। ତେବେ ମନ୍ତ୍ରୀଙ୍କ ସାଥିରେ ମୟୁରଭଞ୍ଜ ବିଜେପି ର ବରିଷ୍ଠ ନେତା ପ୍ରଦୀପ ମାହାନ୍ତି ଥିଲେ । ରେଳବୋର୍ଡସହିତସହିତ ଆଲୋଚନାକରି ଖୁବଶିଘ୍ର ସମସ୍ତ ଦାବୀପୁରଣ କରାଯିବବୋଲି ମନ୍ତ୍ରୀ କହିଥିଲେ ।

## ଜାପାନ - ଓଡିଶା ମଧ୍ୟରେ ପର୍ଯ୍ୟଟନ ଏବଂ କ୍ରୀଡ଼ା କ୍ଷେତ୍ରରେ ସୁଯୋଗ ନେଇ ଆଲୋଚନା କଲେ ମୁଖ୍ୟମନ୍ତ୍ରୀ

ଟୋକିଓ /ଭୁବନେଶ୍ୱର, ୦୮/୦୪ (ନି.ପ୍ର): ପର୍ଯ୍ୟଟନ ଏବଂ କ୍ରୀଡ଼ା କ୍ଷେତ୍ରରେ ଜାପାନ ଏବଂ ଓଡିଶା ମଧ୍ୟରେ ସହଯୋଗର ସୁଯୋଗ ରେଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କାଇଟୋରେ ଏକ ରାଉଣ୍ଡ ଟେବୁଲ୍ ଆଲୋଚନା କରିଥିଲେ। ଏହି ଆଲୋଚନାରେ ପ୍ରମୁଖ ଟୁର୍ ଅପରେଟର ଏବଂ ଜାପାନର ଆତିଥ୍ୟ କ୍ଷେତ୍ରର ପ୍ରତିନିଧୀ ତଥା ଜାପାନର ବିଭିନ୍ନ କ୍ରୀଡ଼ା ସଙ୍ଗଠନ ଏବଂ କ୍ରୀଡା କ୍ଷେତ୍ରର ପ୍ରତିନିଧୀମାନେ ଯୋଗ ଦେଇଥିଲେ। ଆଲୋଚନା ସମୟରେ ମୁଖ୍ୟମନ୍ତ୍ରୀ ପର୍ଯ୍ୟଟନ ସ୍ଥଳୀ ଭାବରେ ଓଡିଶାର ଅପାର ସମ୍ଭାବନାକୁ ଆଲୋକିତ କରିଥିଲେ। ଓଡ଼ିଶାର ସମୃଦ୍ଧ ବୌଦ୍ଧ ପରମ୍ପରା ବିଶେଷତଃ ଧଉଳି, ଲଳିତଗିରି, ରତ୍ନଗିରି, ଉଦୟଗିରି ସମ୍ପର୍କରେ ମୁଖ୍ୟମନ୍ତ୍ରୀ ସୂଚନା ଦେଇଥିଲେ। ରାଜ୍ୟରେ ପର୍ଯ୍ୟଟନକୁ ପ୍ରୋତ୍ସାହିତ କରିବା ତଥା ପର୍ଯ୍ୟଟନ ଭିତିଭୂମିରେ ଉନ୍ନତି ଆଣିବା ପାଇଁ ଓଡିଶା ସରକାର ନେଇଥିବା ବିଭିନ୍ନ ପଦକ୍ଷେପ ବିଷୟରେ ସେ କହିଥିଲେ।

## ଓଡିଶାରେ ଜିମ୍ନାଷ୍ଟିକ୍ ହାଇପରଫରମାନ୍ସ ସେଂଟର ପାଇଁ ଏମଓୟୁ

ଟୋକିଓ /ଭୁବନେଶ୍ୱର, ୦୮/୦୪ (ନି.ପ୍ର): ଓଡ଼ିଶାରେ ହେବ ଜିମ୍ନାଷ୍ଟିକ୍ ହାଇପରଫରମାନ୍ସ ସେଂଟର । ଆର୍ସେଲର ମିତଲ ନିପ୍ପନ ଷ୍ଟିଲ ଏହି ଜିମ୍ନାଷ୍ଟିକ୍ ହାଇପରଫରମାନ୍ସ ସେଂଟର ପ୍ରତିଷ୍ଠା କରିବ। ଏଥିପାଇଁ ଶନିବାର ରାଜ୍ୟ କ୍ରୀଡ଼ା ବିଭାଗ ଓ ଆର୍ସେଲର ମିତଲ ନିପ୍ପନ ଷ୍ଟିଲ ମଧ୍ୟରେ ବୁଝାମଣା ପତ୍ର ସ୍ୱାକ୍ଷର ହୋଇଛି। ଜାପାନରେ ମୁଖ୍ୟମନ୍ତ୍ରୀଙ୍କ ଉପସ୍ଥିତିରେ ଏମଓୟୁ ସ୍ୱାକ୍ଷର ହୋଇଛି। ଏହି ବିଶ୍ୱ ସ୍ତରୀୟ କ୍ରୀଡା କେନ୍ଦ୍ର ଭବିଷ୍ୟତର ଚାମ୍ପିଅନ୍ ମାନଙ୍କ ପାଇଁ ସହାୟକ ହେବ ବୋଲି ମୁଖ୍ୟମନ୍ତ୍ରୀ ଆଶା ପ୍ରକାଶ କରିଛନ୍ତି।

## ଖୁବ୍ ଶୀଘ୍ର ଝାରସୁଗୁଡା ଉପ ନିର୍ବାଚନ ପାଇଁ ବିଜେପିର ପ୍ରାର୍ଥୀ ଘୋଷଣା ହେବ : ପୃଥ୍ୱୀରାଜ

ଭୁବନେଶ୍ୱର, ୦୮/୦୪ : ଖୁବ ଶୀଘ୍ର ଝାରସୁଗୁଡା ଉପ ନିର୍ବାଚନ ପାଇଁ ବିଜେପିର ପ୍ରାର୍ଥୀ ଘୋଷଣା ହେବ ବୋଲି ସୂଚନା ଦେଇଛନ୍ତି ବିଜେପିର ସାଧାରଣ ସମ୍ପାଦକ ପୃଥ୍ୱୀରାଜ ହରିଚନ୍ଦନ । ସାମ୍ବାଦିକ ମାନଙ୍କ ପ୍ରଶ୍ନର ଉତରରେ ଶ୍ରୀ ହରିଚନ୍ଦନ କହିଛନ୍ତି ଯେ ଆଜି ରାତି କିମ୍ବା କାଲି ସକାଳ ସୁଦ୍ଧା ପ୍ରାର୍ଥୀ ଘୋଷଣା ହୋଇଯିବାର ସମ୍ଭାବନା ରହିଛି । ତେବେ ଉପ ନିର୍ବାଚନ ପାଇଁ ଦଳ ସମ୍ପୂର୍ଣ୍ଣ ଭାବେ ପ୍ରସ୍ତୁତ ରହିଛି । ବିଜେପି ଝାରସୁଗୁଡାରେ ରେ ବ୍ଲୁ ପ୍ରିଣ୍ଟ ପ୍ରସ୍ତୁତ କରିବାର ପ୍ରକ୍ରିୟା ଆରମ୍ଭ କରି ସାରିଛି । ପ୍ରାର୍ଥୀ ଘୋଷଣା ହେବା ମାତ୍ରେ ଦାୟିତ୍ୱ ଦିଆଯାଇଥିବା ନେତାଙ୍କ ତାଲିକା ମଧ୍ୟ ଘୋଷଣା କରାଯିବ ବୋଲି ସେ କହିଛନ୍ତି ।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ ....

## ଝାରସୁଗୁଡା ଉପନିର୍ବାଚନ...

ଯାହା ରାଜନୀତିରେ ଚର୍ଚ୍ଚାର ବିଷୟ ହୋଇଛି । ଝାରସୁଗୁଡା ଉପନିର୍ବାଚନ ପାଇଁ ବିଜେଡି ଯେତେବେଳେ ଜୋରଦାର ପ୍ରସ୍ତୁତି କରୁଛି । କେଉଁ ନେତା କେଉଁ ଅଞ୍ଚଳ ଦାୟିତ୍ୱରେ ରହିବେ, ଦଳ ପକ୍ଷରୁ ଦାୟିତ୍ୱ ବଣ୍ଟାଯାଇଛି, ସେତିକିବେଳେ, ସୁଶାନ୍ତ ସିଂଙ୍କ ନା ନଥିବା ଚର୍ଚ୍ଚାକୁ ଖୋରାକ ଯୋଗାଇଛି । ପଶ୍ଚିମ ଓଡିଶାର ଅନ୍ୟତମ ଟାଣୁଆ ନେତା ହୋଇଥିଲେ ବି ଝାରସୁଗୁଡାରେ ତାଙ୍କୁ ଦେଖିବାକୁ ନମିଳିବା, ବିରୋଧୀଙ୍କୁ ସମାଲେଚାନା ପାଇଁ ଏକ ସୁଯୋଗ ଆଣି ଦେଇଛି । ବିଜେପି ନେତା ପୃଥ୍ୱିରାଜ ହରିଚନ୍ଦନ ଅଭିଯୋଗ କରି କହିଛନ୍ତି, ଜାଣିଶୁଣି ବିଜେଡି ନେତାଙ୍କୁ ପର୍ଯ୍ୟବେକ୍ଷକ ତାଲିକାରୁ ବାଦ୍ ଦିଆଯାଇଛି । ଦଶାହ କାର୍ଯ୍ୟରୁ ମଧ୍ୟ କିଛି ଲୋକଙ୍କୁ ଦୂରେଇ ରଖାଯାଇଥିଲା । ହତ୍ୟାକାଣ୍ଡ ସହ ସମ୍ପୃକ୍ତ ଅଛନ୍ତି ବୋଲି ରାଜ୍ୟ ସରକାର ସ୍ୱୀକାର କରିଛନ୍ତି । ଅନ୍ୟପଟେ କଂଗ୍ରେସ ବିଧାୟକ ସୁର ରାଉତରାୟ ସୁଶାନ୍ତଙ୍କୁ କାହିଁକି ତାଲିକାରୁ ବାଦ ଦିଆଗଲା ସେ ନେଇ ପ୍ରଶ୍ନ ଉଠାଇଛନ୍ତି । କିନ୍ତୁ ବିରୋଧୀଙ୍କ ଅଭିଯୋଗକୁ ଖଣ୍ଡନ କରିଛି ବିଜେଡି । ବିଜେଡି ନେତା କହିଛନ୍ତି, ବିରୋଧୀ ଦଳ ବହୁତ କଥା କହୁଛନ୍ତି । ଏମିତି କଣ ମାନେ ଅଛି, ଜଣେ ଲୋକଙ୍କୁ ସବୁବେଳେ ସବୁ ଜାଗାରେ ଦାୟିତ୍ୱ ଦିଆଯିବ । ସେ ଅଞ୍ଚଳରେ ବିଜେଡିର ଆହୁରି ଆକ୍ଟିଭ୍ ନେତା ଅଛନ୍ତି ବୋଲି ବିଜେଡି କହିଛି । ତେବେ ସୁଶାନ୍ତଙ୍କ ନାଁ ହେଭିୱେଟ୍ ତାଲିକାରେ ନ ନରହିବା, ପଛରେ ଏକାଧିକ କାରଣ ଥିବା ଚର୍ଚ୍ଚା ହେଉଛି ।

## ହେଲଦି ଲାଇଫ' ପକ୍ଷରୁ ...

ପ୍ରତ୍ୟେକ ବର୍ଷ ଆନ୍ତର୍ଜାତିକ ଯୋଗ ଦିବସ ପାଳନ ହେଉଥିଲେ ବି ଏହାକୁ ଜନାଦୃତ ପାଇଁ ସାମୂହିକ ପ୍ରଚେଷ୍ଟା ପାଇଁ ଅତିଥିମାନେ ଆହ୍ୱାନ ଦେଇଥିଲେ। ହେଲଦି ଲାଇଫ ମହାବିଦ୍ୟାଳୟର ନିର୍ଦ୍ଦେଶକ ଡାକ୍ତର ଚିତ୍ତରଞ୍ଜନ ସାହୁ ଏହି ଉଦଘାଟନୀ ଉତ୍ସବରେ ଅଧ୍ୟକ୍ଷତା କରିବା ସହିତ ଜାତୀୟସ୍ତରୀୟ ପ୍ରତିଯୋଗିତାର ବିଭିନ୍ନ ଦିଗ ସମ୍ପର୍କରେ ସୂଚନା ଦେଇଥିଲେ। ଅନୁଷ୍ଠାନର ଅଧ୍ୟକ୍ଷା ଦେବୀଅର୍ଚ୍ଚନା ଦାସ ଏଥିରେ ସଂଯୋଜନା କରିବା ସହ ଜାତୀୟ ସ୍ତରର ଯୋଗ ପ୍ରତିଯୋଗିତାର ଆଭିମୁଖ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ସମସ୍ତ ସାଂସ୍କୃତିକ ଓ ପ୍ରତିଯୋଗିତାମୂଳକ କାର୍ଯ୍ୟକ୍ରମକୁ ମହାବିଦ୍ୟାଳୟର ଅଧ୍ୟାପକ ଅଭିଷେକ ଦାସ ପରିଚାଳନା କରିଥିଲେ । ବାଲେଶ୍ୱର ଯୋଗ ସମିତିର ସମ୍ପାଦକ ସୁଜିତ ଜେନା ଶେଷରେ ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ । ସହରର ଯୋଗ ପ୍ରଶିକ୍ଷାର୍ଥୀ, ଯୋଗ ପ୍ରଶିକ୍ଷକଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ଉଦଘାଟନୀ ଉତ୍ସବରେ ଉପସ୍ଥିତ ଥିଲେ । ଏଥିରେ ସ୍ଥାନୀୟ ଓଡିଶାର ବିଭିନ୍ନ ଅଂଚଳର ଯୋଗ ମହାବିଦ୍ୟାଳୟ ଓ ଅନୁଷ୍ଠାନମାନଙ୍କରୁ ୭୦ ଜଣ ଓ ରାଜ୍ୟ ବାହାରୁ ୩୦ ଜଣଙ୍କ ସମେତ ସ୍ଥାନୀୟ ପ୍ରତିଯୋଗୀଙ୍କୁ ମିଶାଇ ମୋଟ ୨୨୫ଜଣ ଅଂଶଗ୍ରହଣ କରୁଛନ୍ତି। ଦେଶର ବିଭିନ୍ନ ଅଂଚଳର ବିଚାରକ, କୋଚ ଓ ରେଫରୀ ପ୍ରତିଯୋଗିତା ପରିଚାଳନା କରୁଛନ୍ତି। ବିଭିନ୍ନ ବର୍ଗର ପ୍ରତିଯୋଗିତାରେ ମନୋନୀତ ଶ୍ରେଷ୍ଠ ପ୍ରତିଯୋଗୀଙ୍କୁ ଉଦଯାପନୀ କାର୍ଯ୍ୟକ୍ରମରେ ପୁରସ୍କୃତ କରାଯିବ ବୋଲି ହେଲଦି ଲାଇଫ ପକ୍ଷରୁ ସୂଚନା ଦିଆଯାଇଛି ।

# ନବୀନ ମିଛ ସ୍ୱପ୍ନ ବାଂଟିବାର ସୌଦାଗର : କଂଗ୍ରେସ

ଭୁବନେଶ୍ୱର, ୦୮, ୦୪ : ମୁଖ୍ୟମନ୍ତ୍ରୀ ଓଡ଼ିଶାକୁ ଶିଳ୍ପ ସମୃଦ୍ଧ ରାଜ୍ୟରେ ପରିଣତ କରିବେ ବୋଲି ୨୦୦୦ ମସିହାରୁ ଅନବରତ ଘୋଷଣା କରିଚାଲିଛନ୍ତି । ସେଥିପାଇଁ ବିଭିନ୍ନ ସମୟରେ ରାଜ୍ୟବାସୀଙ୍କ ସମ୍ମୁଖରେ ବିଭିନ୍ନ ଉଦ୍ୟୋଗ ପତିମାନେ ଓଡ଼ିଶାକୁ ଉଦ୍ୟୋଗ ସ୍ଥାପନ କରିବାରେ ଆଗେଇ ଆସିଛନ୍ତି ବୋଲି କହୁଛନ୍ତି। ଏପରିକି ୨୦୦୩ ମସିହା ପର ଠାରୁ ଆଜି ପର୍ଯ୍ୟନ୍ତ ଯେଉଁ ସବୁ ବୃହତ ଶିଳ୍ପ ଓଡ଼ିଶା ସ୍ଥାପନ ହୋଇଛି ତାହା କେବଳ ଖଣିଜ ଭିତିକ ଶିଳ୍ପ ଛଡ଼ା ଅନ୍ୟ କୌଣସି ଶିଳ୍ପ ପତିଷ୍ଠା ହୋଇନାହିଁ। କିନ୍ତୁ ବାସ୍ତବ କଥା ହେଉଛି ୨୦୦୦ ମସିହାରୁ ଆଜି ପର୍ଯ୍ୟନ୍ତ ରାଜ୍ୟରେ ଯେତେଗୁଡ଼ିକ କୃଷିଭିତିକ ଶିଳ୍ପ ଥିଲା ସେ ସମସ୍ତ ଗୋଟେ ପରେ ଗୋଟେ ଅକାଳରେ ନବୀନ ବାବୁଙ୍କ ଶାସନ ସମୟରେ ବନ୍ଦ ହୋଇଗଲା। ଖୋଦ୍ ମୁଖ୍ୟମନ୍ତ୍ରୀଙ୍କ ଜିଲ୍ଲାରେ ଆଜି ପର୍ଯ୍ୟନ୍ତ ଗୋଟିଏ ଶିଳ୍ପ ପ୍ରତିଷ୍ଠା ହୋଇପାରିଲା ନାହିଁ। ସେ ଅଂଚଳରୁ ୫ ଲକ୍ଷରୁ ଅଧିକ ଲୋକ ଭାରତ ବର୍ଷର ବିଭିନ୍ନ ରାଜ୍ୟକୁ ଦାଦନ ଖଟିବା ପାଇଁ ପ୍ରତିବର୍ଷ ଯାଉଛନ୍ତି। ଏପରିକି ପେଟ ଚାଖଣ୍ଡକୁ ପୁରାଇବା ପାଇଁ ଯାଇ ଅକଥନୀୟ ଅତ୍ୟାଚାର, ଶୋଷଣର ଶିକାର ହେଉଛନ୍ତି। ପରିଶେଷରେ ସେଠାରେ ତାଙ୍କର ମୃତ୍ୟୁବରଣ ମଧ୍ୟ ହେଉଛି। ଦାଦନ ଖଟିବାକୁ ଯାଇଥିବା ବ୍ୟକ୍ତିଟିଏ ଗାଁକୁ ଶବ ହୋଇ ଫେରୁଛି। ମୁଖ୍ୟମନ୍ତ୍ରୀ ବାରମ୍ବାର ପୁରସ୍କାର ପାଉଛନ୍ତି ବୋଲି ଦାବୀ କରୁଛନ୍ତି। ଏକ ନମ୍ବର ମୁଖ୍ୟମନ୍ତ୍ରୀଙ୍କର ଦୀର୍ଘ ୨୩ ବର୍ଷ ପରେ ମଧ୍ୟ ଏ ରାଜ୍ୟବାସୀଙ୍କର ପ୍ରତି ସାମାନ୍ୟତମ ନିଷ୍ଠା ନାହିଁ କି? ରାଜ୍ୟକୁ ଦାଦନ ମୁକ୍ତ କେବେ କରିବେ? ସରକାରଙ୍କ ପାଖରେ ଆଜି ପର୍ଯ୍ୟନ୍ତ କୌଣସି ସଠିକ୍ ତଥ୍ୟ ନାହିଁ। କେଉଁ ଜିଲ୍ଲାରୁ କେତେ ଲୋକ ରାଜ୍ୟ ବାହାରକୁ ଦାଦନ ଖଟିବା ପାଇଁ ଯାଇଛନ୍ତି। ସରକାର ଟ୍ରାନ୍ସଫରମେସନ ଏବଂ ସମୟାନୁବର୍ତିତା କଥା କହୁଛନ୍ତି କିନ୍ତୁ ୨୩ ବର୍ଷ ଭିତରେ ରାଜ୍ୟର ଦାଦନ ଶ୍ରମିକଙ୍କର କୌଣସି ଠିଠା ଏବଂ ଠିକଣା ନ ରହିବା ଏହା ରାଜ୍ୟ ସରକାରଙ୍କର କିଭଳି ଟ୍ରାନ୍ସଫରମେସନ ହେଉଛି ଏବଂ ସମୟନୁସାରେ କିଭଳି କାମ ହେଉଛି ଏଥିରୁ ସ୍ପଷ୍ଟ ପ୍ରମାଣ ମିଳୁଛି। ଶହ ଶହ ଗରୀବ କଲ୍ୟାଣ ଯୋଜନା କରାଯାଉଛି ବୋଲି କୁହାଯାଉଛି କିନ୍ତୁ ଏମାନଙ୍କ ପାଖରେ ଏ ଯୋଜନା ଆଜି ଅପହଂଚ କାହିଁକି? ଏହାର ସୁଫଳ କାହାକୁ ମିଳୁଛି। ସ୍ୱପ୍ନ ବିକିବା ଆପଣଙ୍କର ଏକମାତ୍ର କାମ। କିନ୍ତୁ ବାସ୍ତବତା ଛୋଟ ଝିଅଟି ବନ୍ଧା ପଡୁଛି ଇଟାଭାଟିର ମାଲିକ ପାଖରେ। ଏହା ଠାରୁ କରୁଣ କାହାଣି ଆଉ କ'ଣ ହୋଇପାରେ। ଏହା ପରେ ମଧ୍ୟ ଆପଣ ବିଦେଶ ଏବଂ ଦେଶ ଭିତରେ ଲକ୍ଷ ଲକ୍ଷ କୋଟି ଟଙ୍କାର ପୁଞ୍ଜି ବିନିଯୋଗର ଚିଠା ବାଂଟୁଛନ୍ତି। ପ୍ରତିଶ୍ରୁତି ଓ ପ୍ରତାରଣା ଆପଣଙ୍କ ସରକାର ବଡ଼ ଉପଲବ୍ଧି ବୋଲି ରଜନୀ କୁମାର ମହାନ୍ତି ଏକ ପ୍ରେସ୍ ବିବୃତିରେ କହିଛନ୍ତି।

# ଜାତୀୟ ପଂଚୟତ ପୁରସ୍କାର : ଗଞ୍ଜାମ ଜିଲ୍ଲା ଶ୍ରେଷ୍ଠ ଜିଲ୍ଲା ପରିଷଦ ଏବଂ ହିଞ୍ଜିଳିକାଟୁ ଶ୍ରେଷ୍ଠ ବ୍ଲକ୍ ପଂଚାୟତ'

ଭୁବନେଶ୍ୱର, ୦୮/୦୪ : - ଗଞ୍ଜାମ ଜିଲ୍ଲା ସମଗ୍ର ଓଡ଼ିଶା ପାଇଁ ଗର୍ବ ଓ ଗୌରବ ନେଇ ଆସିଛି। ଭାରତ ସରକାରଙ୍କ ପଂଚାୟତିରାଜ ମନ୍ତ୍ରାଳୟ ପକ୍ଷରୁ ସଦ୍ୟ ଘୋଷିତ 'ଜାତୀୟ ପଂଚାୟତ ପୁରସ୍କାର-୨୦୨୨'ରେ ଗଞ୍ଜାମ ଜିଲ୍ଲା ଦେଶର ଶ୍ରେଷ୍ଠ ଜିଲ୍ଲା ପରିଷଦ ଓ ହିଞ୍ଜିଳିକାଟୁ ଦେଶର ୬୬୧୨ଟି ପଂଚାୟତ ସମିତି ମଧ୍ୟରେ ଶ୍ରେଷ୍ଠ ବ୍ଲକ୍ ପଂଚାୟତ ଭାବେ ଆସନ୍ତା ୧୭ ତାରିଖରେ ମାନ୍ୟବର ରାଷ୍ଟ୍ରପତିଙ୍କ ଦ୍ୱାରା ସମ୍ମାନିତ ହେବେ । ଦେଶର ଶ୍ରେଷ୍ଠ ଜିଲ୍ଲା ପରିଷଦ ଭାବେ ଗଞ୍ଜାମ ଜିଲ୍ଲା ପରିଷଦକୁ ୫ କୋଟି ଟଙ୍କାର ଅର୍ଥରାଶି ଏବଂ ହିଞ୍ଜିଳିକାଟୁ ପଂଚାୟତ ସମିତିକୁ ପୁରସ୍କାର ବାବଦରେ ୨ କୋଟି ଟଙ୍କାର ଅର୍ଥରାଶି ମିଳିବ । ହିଞ୍ଜିଳିକାଟୁ ବ୍ଲକର କଂଚୁରୁ ଗ୍ରାମ ପଂଚାୟତ ସୁସ୍ଥ ପଂଚାୟତ ବିଭାଗରେ ଦ୍ୱିତୀୟ ଶ୍ରେଷ୍ଠ ବିବେଚିତ ହୋଇଛି । ସେହିପରି ଭଞ୍ଜନଗର ବ୍ଲକର କୁଲାଡ ଗ୍ରାମ ପଂଚାୟତ ସାମାଜିକ ସୁରକ୍ଷିତ ବ୍ଲକ ବିଭାଗରେ ଦ୍ୱିତୀୟ ଶ୍ରେଷ୍ଠ ବିବେଚିତ ହୋଇଛି । ଉଭୟ ବ୍ଲକ୍ ପୁରସ୍କାର ବାବଦରେ ୭୫ଲକ୍ଷ ଟଙ୍କା ଏବଂ ମାନପତ୍ର ପାଇବେ । ହିଞ୍ଜିଳିକାଟୁ ବ୍ଲକର ଶାସନ ଆମ୍ବଗାଁ ଗ୍ରାମ ପଂଚାୟତ ସ୍ୱଚ୍ଛ ଓ ସବୁଜ ପଂଚାୟତ ବିଭାଗରେ ଦ୍ୱିତୀୟ ସ୍ଥାନ ହାସଲ କରି ମାନପତ୍ର ସମେତ ପୁରସ୍କାର ବାବଦରେ ୭୫ଲକ୍ଷ ଟଙ୍କାର ଅର୍ଥରାଶି ପାଇବ। ପାତ୍ରପୁର ବ୍ଲକର ଆଙ୍କୁଲି ଗ୍ରାମ ପଂଚାୟତ ଗ୍ରାମ ଉର୍ଜା ସ୍ୱରାଜ ବିଶେଷ ପଂଚାୟତରେ ଦ୍ୱିତୀୟ ଶ୍ରେଷ୍ଠ ହୋଇଛି । ଏହି ଗ୍ରାମପଂଚାୟତକୁ ପୁରସ୍କାର ବାବଦରେ ୭୫ଲକ୍ଷ ଟଙ୍କା ଏବଂ ମାନପତ୍ର ମିଳିବ । କାର୍ବନ ନେଚୁରାଲ ବିଶେଷ ପଂଚାୟତ ପୁରସ୍କାର ବାବଦରେ ସୁନ୍ଦରଗଡ଼ ଜିଲ୍ଲା ବଣାଇଗଡ ପଂଚାୟତକୁ ମାନପତ୍ର ସହ ୫୦ ଲକ୍ଷ ଟଙ୍କାର ଅର୍ଥରାଶିରେ ସମ୍ମାନିତ କରାଯିବ ।

# ବିଦ୍ୟାଳୟ ଗେଟରେ ତାଲା ଦେଇ ଧାରଣା ଦେଲେ ଗ୍ରାମବାସୀ



ନୀଳଗିରି-୮/୪(ନି.ପ୍ର) ନୀଳଗିରି ଉପଖଣ୍ଡ ଅଧୀନ ଔପଦା ବ୍ଲକ ବାଉଁସବଣିଆ ଗ୍ରାମ ପଞ୍ଚାୟତ ଟଣକା ପ୍ରାଥମିକ ବିଦ୍ୟାଳୟ ରେ ସ୍କୁଲ ମିଶ୍ରଣ କୁ ବିରୋଧ କରି ସ୍କୁଲ ଗେଟ ରେ ତାଲା ପୋକାଇ ଧାରଣାରେ ବସିଲେ ଗ୍ରାମବାସୀ। ଗାଁ ଠୁଁ ଅନେକ ଦୂରରେ ଥିବା ପ୍ରତାପଡ଼ା ବିଦ୍ୟାଳୟ କୁ ଟଣକା ପ୍ରାଥମିକ ବିଦ୍ୟାଳୟ ଟି ମିଶ୍ରଣ କରାଯାଇଥିବାରୁ ଗ୍ରମାବାସି ଦେଇଛନ୍ତି ଧାରଣା। ଆଗାମୀ ଦିନରେ ସ୍ଥାନୀୟ ପ୍ରଶାସନ ଯଦି ଗ୍ରାମବାସୀ ଙ୍କ କଥା ନ ବୁଝନ୍ତି ତାହେଲେ ରାସ୍ତାରେ ଧାରଣା ଦେବା ସହିତ ଭୋଟ ବର୍ଜନ କରିବେ ବୋଲି କହିଛନ୍ତି ଲୋକେ ।ସେପଟେ ସ୍କୁଲ ରେ ସଂଖ୍ୟାଧିକ ପିଲା ନ ଥିବାରୁ ସ୍କୁଲ ଟି ପ୍ରତାପଡା ବିଦ୍ୟାଳୟ ସହିତ ମିଶ୍ରଣ କରାଯାଉଛି, ଏବଂ ବିଦ୍ୟାଳୟ ରେ ୨୧ରୁ ଅଧିକ ପିଲା ଥିଲେ ପୁନଃ ବିଦ୍ୟାଳୟ ଚାଲିପାରିବ ବୋଲି କହିଛନ୍ତି ବିଦ୍ୟାଳୟ ର ସି ଆର ସି ସି ।

ଧ୍ୱନି ପ୍ରତିଧ୍ୱନି

ପୃଷ୍ଠା

# ମହିୟସୀ ମହିଳା କସ୍ତୁରୀରାଣୀ ଜେନାଙ୍କ ପରଲୋକ



ଜଳେଶ୍ୱର,୮/୪(ନିପ୍ର) : ଜଳେଶ୍ୱର ଷ୍ଟେସନବଜାର ମିଲ କଲୋନୀ ନିବାସୀ ପ୍ରାକ୍ତନ ଅଧ୍ୟକ୍ଷ ଗୌରୀ ଶଂକର ଜେନାଙ୍କ ସହଧର୍ମିଣୀ କସ୍ତୁରୀରାଣୀ ଜେନା (୭୬)ଙ୍କର ଗତ ରାତି ୮.୧୫ରେ ପରଲୋକ ଘଟିଛି । ସେ ଗତ ୧ ମାସ ଧରି କଟକର ଶ୍ରୀରାମ ହସ୍ପିଟାଲରେ ଚିକିତ୍ସିତ ହେଉଥିଲେ । ମୃତ୍ୟୁ ବେଳେ ତାଙ୍କର ଦୁଇପୁତ୍ର ମାନସ ଓ ମନୋଜ ଓ ପୁତୁରା କଳ୍ପତରୁ ଜେନାଙ୍କ ସହିତ ଅନ୍ୟ ସମ୍ପର୍କୀୟମାନେ ଉପସ୍ଥିତ ଥିଲେ । ସେ ଜଣେ ଆଧ୍ୟାତ୍ମିକ ଚିନ୍ତା ଚେତନାର ମହିଳା, ପରୋପକାରୀ, ସଂସ୍କୃତିପ୍ରେମୀ, ସ୍ନେହଶୀଳ, କର୍ତ୍ତବ୍ୟନିଷ୍ଠ ମଣିଷ ଥିଲେ। ତାଙ୍କର ଶରୀର ନିକଟରେ ଦୁଇ ପୁଅ, ଏକମାତ୍ର ଝିଅ, ଦୁଇ ବୋହୂ, ନାତିମାନେ ଉପସ୍ଥିତ ରହିଥିଲେ। ଆଜି ସକାଳେ ତାଙ୍କ ମରଶରୀର ଜଳେଶ୍ୱରରେ ପହଞ୍ଚିବା ପରେ ବନବିହାରୀ ପ୍ରଧାନ, ଅରୁଣ ବେଜ, ହରେକୃଷ୍ଣ ଗିରି, ରାଜେନ୍ଦ୍ର ପ୍ରଧାନ, ଗଣେଶ ପାଳ, ଗୌରାଙ୍ଗ ପାତ୍ର, ଶଶୀକାନ୍ତ ପ୍ରଧାନ, ସୁନିଲ ପରିଡା, ଡ. ଜନ୍ମେଜୟ ଜେନା, ସଂଜିବ ପାଳ, କାଉନ୍‌ସିଲର ସ୍ୱାଗତିକା ପାଳ, ଅବନୀ ଚାନ୍ଦ ପ୍ରମୁଖ ତାଙ୍କର ଶେଷ ଦର୍ଶନ କରିଥିଲେ । ପରେ ନିଜ ଗ୍ରାମ ବାଲିଆପାଳଥାନା ଅନ୍ତର୍ଗତ ସୁବର୍ଣ୍ଣରେଖା କୂଳ ଅସ୍ତିଗ୍ରାମ ଶ୍ମଶାନରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହୋଇଥିଲା । ଶେଷ ପୁଅ ମନୋଜ କୁମାର ଜେନା ମୁଖାଗ୍ନି ଦେଇଥିଲେ ।

# ରାଇବଣିଆରେ ୨୨ ଦଳିଆ ହାତୀ ଉପଦ୍ରବ : ପାଚିଲା ଧାନର ବ୍ୟାପକ କ୍ଷତି



ଜଳେଶ୍ୱର,୮/୪(ନିପ୍ର) : ଚଳିତବର୍ଷ ରାଇବଣିଆ ଅଂଚଳରୁ ହାତୀ ଛାଡିଚାଲିଯିବାର ନାମ ଧରୁନାହିଁ । ଶିମିଳିପାଳ ହାତୀ ଏ ଅଂଚଳରେ ବ୍ୟାପକ କ୍ଷତି ଘଟାଇ ମୟୂରଭଂଜ ଜିଲାକୁ ଚାଲିଗଲାପରେ ଗତ ରାତିରେ ଝାଡଖଣ୍ଡରୁ ଆସିଥିବା ୨୨ଟି ହାତୀ ବ୍ୟାପକ କ୍ଷତି ଘଟାଇଛନ୍ତି । ଏହି ୨୨ ଦଳିଆ ହାତୀ ପଶ୍ଚିମବଂଗର ଚନ୍ଦ୍ରପୁର, ନୟାଗ୍ରାମ ଓ ଦୋଳଗାଁ ଅଂଚଳରୁ ଆସି ରାଇବଣିଆର ଖୁଆଡ, ଲୁହାପଡା, ଅଂଚଳରେ କ୍ଷତି ଘଟାଇଛି । ହାତୀଗୁଡିକ ବ୍ୟାପକ କ୍ଷତି ଘଟାଇବାରୁ ଉତ୍ୟକ୍ତ ଲୋକେ ବନବିଭାଗକୁ ଦାୟୀ କରି ୨ କର୍ମଚାରୀଙ୍କୁ ଟଣା ଓଟରା କରିଥିବା ରାଇବଣିଆ ଥାନାରେ ଅଭିଯୋଗ ହୋଇଛି । ହାତୀ ଗୁଡିକ ଧାନ ବିଲରେ ପଶି ପାଚିଲା ଧାନକୁ ଦଳି ମୋକଚି ପକାଇଛି । ଧାନ ଖାଇବାଠାରୁ ଅଧିକ କ୍ଷତି ଘଟିଛି । ବନ ବିଭାଗର କେତେକ କର୍ମଚାରୀ ହାତୀଗୁଡିକୁ ଘଉଡାଇବାକୁ ଚେଷ୍ଟା କରି ଭୋର ସମୟରେ ସଫଳ ହୋଇଥିଲେ ମଧ୍ୟ ସ୍ଥାନୀୟ ଲୋକେ ବନକର୍ମଚାରୀଙ୍କ୍ ଅବହେଳାକୁ ଦାୟୀ କରିଛନ୍ତି । କ୍ଷତି ଘଟିଥିବା ଚାଷୀମାନେ ଆଜି ଜଂଗଲ ବିଭାଗକୁ କ୍ଷତି ସଂପର୍କରେ ଜଣାଇନଥିଲେ ମଧ୍ୟ କ୍ଷତିଗ୍ରସ୍ତ ଚାଷୀଙ୍କୁ ସହାୟତା ଦେବା ସଂପର୍କରେ ରେଞ୍ଜର ଜୟଶ୍ରୀ ମୁର୍ମୁ କହିଛନ୍ତି । ପୂର୍ବରୁ ଓଡିଶା, ପଶ୍ଚିମବଂଗ ବନକର୍ମଚାରୀଙ୍କ ସମନ୍ୱୟ ରହୁଥିବା ବେଳେ ଗତ କିଛିଦିନ ତଳେ ଦେବବ୍ରତ ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଦୁଇ ରାଜ୍ୟର ବରିଷ୍ଠ ବନକର୍ମଚାରୀଙ୍କ ବୈଠକ ପରେ ଓଡିଶାକୁ ହାତୀ ପ୍ରବେଶ କରିବା ପୂର୍ବରୁ କର୍ମଚାରୀଙ୍କୁ ଜଣାଇ ଦିଆଯାଇଥିବା ଜଣାଯାଇଛି । ନୟାଗ୍ରାମ ଓ ଶେଷ ରେଖା ରେଞ୍ଜ ଅଂଚଳରୁ ହାତୀଗୁଡିକ ଓଡିଶା ଅଭିମୁଖେ ଆସୁଥିବାର ଜାଣି ବନ ବିଭାଗ ଅଧିକ ସକ୍ରିୟ ହୋଇନଥିବା ଅଭିଯୋଗ ହୋଇଛି ।

# ଦୟଣାଚୋରି ସାହିତ୍ୟ ଆସର : ରାଜ୍ୟସ୍ତରୀୟ କବି ସମ୍ମିଳନୀ ଓ କବିତା ପାଠୋତ୍ସବ



ଡେଲାଙ୍ଗ, ୦୮/୦୪ (ନି.ପ୍ର): ଐତିହାସିକ ପ୍ରସିଦ୍ଧ ଦୟଣାଚୋରି ଯାତ୍ରା କୁଞ୍ଜ ମେଳନ ଉପଲକ୍ଷେ ଘୋରଡ଼ିଆ, ବାରବାଟୀ ଠାରେ ମେକ୍ ଇନ୍ ଇଣ୍ଡିଆ ଆଣ୍ଡ ମିଡ଼ିଆ ପରିବାର ଓ ଜଳନ୍ଧର ସ୍ମୃତି ସାହିତ୍ୟ ପ୍ରତିଷ୍ଠାନ ତରଫରୁ ଆୟୋଜିତ ସାରସ୍ୱତ ମହୋତ୍ସବରେ ପ୍ରଫେସର ତଥା ସାହିତ୍ୟିକ ଶଶାଙ୍କଶେଖର ଚୁଡାମଣି, ବ୍ଲକ ଅଧକ୍ଷା ବାସନ୍ତି ସାହୁ, ବ୍ଲକ ଉପାଧକ୍ଷ ଦୁର୍ବାର୍ଷା ନିଶଙ୍କ, ସମାଜସେବୀ ତଥା କବି ସୁଦର୍ଶନ ପ୍ରଧାନ, ବରିଷ୍ଠ ନାଟ୍ୟକାର ବିଭୁତି ଭୂଷଣ ପଟ୍ଟନାୟକ,ଶିଶୁ ସାହିତ୍ୟିକ ଡକ୍ଟର ହେମନ୍ତ ଛୋଟରାୟ, ବରିଷ୍ଠ ସାମ୍ବାଦିକ ପ୍ରସନ୍ନ କୁମାର ତ୍ରିପାଠୀ, ଯୁବ ସାହିତ୍ୟିକ ବିଶ୍ୱ ରଂଜନ ମହାନ୍ତି, ବରିଷ୍ଠ କବି ଶରତ ରାଉତ, ଅଧାପିକା ଲକ୍ଷହିରା ମହାନ୍ତି, ସମାଜସେବୀ ବୁଲା ବେହେରା, ଉମେଶ ଚନ୍ଦ୍ର ଦାସ ଓ କବି ମାନସ ରଞ୍ଜନ ପଟ୍ଟନାୟକ ଆଦି ଅତିଥି ଭାବେ ଯୋଗଦେଇ ଦୟଣାଚୋରି ମେଳଣ ଐତିହ୍ୟ, ପରମ୍ପରା ଉପରେ ଆଲୋକପାତ କରିବା ସହ ସାହିତ୍ୟର ଗ୍ରାମାଞ୍ଚଳରେ କିପରି ଅଧିକରୁ ଅଧିକ ମାତ୍ରାରେ ପ୍ରସାର କରାଯାଇ ବିଦ୍ଧିବଦ୍ଧ ସମାଜ ସଂସ୍କାର ଆଣିବା ଉଦ୍ଦେଶ୍ୟରେ ସାହିତ୍ୟିକ ମାନଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ଅଟେ ବକ୍ତବ୍ୟ ରଖିବା ସହ ମାତୃଭାଷାର ପ୍ରଚାର ପ୍ରସାରରେ ବ୍ରତି ହେବାକୁ ଆହ୍ୱାନ ଦେଇଥିଲେ। ଅନୁଷ୍ଠାନର ଅଧକ୍ଷ ଶ୍ରୀଯୁକ୍ତ ଦିଲ୍ଲୀପ କୁମାର ଧାଉଡ଼ିଆ ସଭାପତିତ୍ୱ କରିବା ସହ ମଂଚ ପରିଚାଳନା କରିଥିଲେ ! କବିତା ସଂଯୋଜନା କରିଥିଲେ ସାହିତ୍ୟକା ସରୋଜିନୀ ଜେନା ଓ ସାରସ୍ୱତ ସାଧକ ରମେଶ ସ୍ୱାଇଁ। ରାଜ୍ୟର ବିଭିନ୍ନ ଜିଲ୍ଲାରୁ ଶତାଧିକ କବି, କବୟିତ୍ରୀ, ଅଶୋକ କୁମାର ବେହେରା, ଶରତ ଚନ୍ଦ୍ର ମହାପାତ୍ର, ରତ୍ନାକର ଜେନା କାଶୀନାଥ ମହାପାତ୍ର, ଶୁଭଲକ୍ଷ୍ମୀ ସେନାପତି, ହିମାଂଶୁ ମହାପାତ୍ର , ଜିତେନ୍ଦ୍ର ନାଥ ପେଣ୍ଟେଇ, ଅଭୟ ଚରଣ ସାହୁ, ହୃଷିକେଶ ପାଢ଼ୀ, ଅଭିପ୍ସା ପ୍ରିୟଦର୍ଶିନୀ, ନୀଳାଦ୍ରି ନାଥ ଜଗଦେବ, ଶୁଭବ୍ରତ ମହାପାତ୍ର, ବିଜୟ କୁମାର ପଟ୍ଟନାୟକ, ନିରଞ୍ଜନ ସାମନ୍ତରାୟ, ନଳିନୀ ପ୍ରଭା ପଟ୍ଟନାୟକ, ଝୁମୁରି ସାହୁ, ଚନ୍ଦ୍ର ଶେଖର,ଆସି କବିତା ପାଠ କରିବା ସହ ଅନୁଷ୍ଠାନ ତରଫରୁ ସେମାନଙ୍କୁ ସମ୍ମାନ ପତ୍ର ପ୍ରଦାନ ସ୍ୱରୂପ ସମ୍ବୋଧିତ କରାଯାଇଥିଲା । ଦୟଣଚୋରି ସମ୍ମାନରେ ଦଶ ଜଣକୁ ସମ୍ବର୍ଦ୍ଧିତ କରିବା ସହ ଦିବ୍ୟାଙ୍ଗ ଦୀପ୍ତି ରଞ୍ଜନ ପରିଡ଼ାଙ୍କୁ ମାନପତ୍ର ଉପଢୌକନ ପୁଷ୍ପ ଗୁଚ୍ଛ ଦିଆଯାଇ ସମ୍ବର୍ଦ୍ଧିତ କରାଯାଇଥିଲା। ଗ୍ରାମାଞ୍ଚଳର କୁନି କୁନି କଳାକାର ମାନେ ଭଜନର ତାଳେ ତାଳେ ନୃତ୍ୟ ସଙ୍ଗୀତ ପରିବେଶଣ କରିଥିଲେ। ପ୍ରିୟଦର୍ଶିନୀ ମଲ୍ଲିକ, ଗୀତାରାଣୀ ରଣଜିତ, ଦୁର୍ଗା ପ୍ରସାଦ ସାହୁ, ବାବୁରାମ ଦାସ, ନୀଳାମ୍ବର ନାୟକ, କିଶୋର ଜେନା ପ୍ରମୁଖ ସହଯୋଗ କରିଥିବା ବେଳେ ଧନ୍ୟବାଦ ଦେଇଥିଲେ ଶିକ୍ଷାବିତ ଉମେଶ ଚନ୍ଦ୍ର ଦାଶ !

# ବୈଶାଖୀ ମହୋତ୍ସବ-୮ ପ୍ରସ୍ତୁତି ବୈଠକ




ବାଲେଶ୍ୱର,୮/୪(ନିପ୍ର) : ତା୦୮-୦୪-୨୦୨୩: ପରାଧୀନ ଭାରତର ମୁକ୍ତିପାଇଁ ସଂଗ୍ରାମ କରିଥିବା ଉପକୂଳବର୍ତ୍ତୀ ଅଂଚଳର ଅଧିବାସୀମାନଙ୍କ ସ୍ମୃତି ରକ୍ଷା ସ୍ୱରୂପ ଇଶାଣୀ ଗ୍ରାମର ଉଡ଼ାଯାତ୍ରା ପଡ଼ିଆରେ ବୈଶାଖୀ ମହୋତ୍ସବ-୮ର ପ୍ରସ୍ତୁତି ବୈଠକ ତଥା ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠାନର ସଭାପତି ଆଇନଜୀବୀ ଅଶୋକ କୁମାର ସେନାପତିଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ବିଗତ ୭ବର୍ଷ ଧରି ଏହି ଉତ୍ସବ ଏକନିଷ୍ଠ ଶ୍ରମ ଓ ସାଧନା ବଳରେ ସଫଳତାର ସହ ସଂପାଦନା ହୋଇଆସୁଥିବାବେଳେ ଏହି ଉଡ଼ାଯାତ୍ରା ପଡ଼ିଆ 'ଲବଣ ସତ୍ୟାଗ୍ରହ ସ୍ମାରକୀ ଷ୍ଟାଡିୟମ୍' ଭାବରେ ସର୍ବସାଧାରଣରେ ବିଦିତ ହୋଇପାରିଛି । ଏହାର ଉନ୍ନତୀକରଣ ପାଇଁ ରେମୁଣା ବିଧାୟକ ତାଙ୍କ ହାତପାଣ୍ଠିରୁ ଦୁଇଥର ମୋଟ ୩ ଲକ୍ଷ ୫୦ ହଜାର ଟଙ୍କା ପ୍ରଦାନ କରିସାରିଛନ୍ତି। ଏହି ୫ ଦିନିଆ ବୈଶାଖୀ ମହୋତ୍ସବ-୮ର ୩୭ବର୍ଷର ଉଡ଼ାଯାତ୍ରାରେ ପ୍ରଥମଥର ପାଇଁ ଓଡ଼ିଶା ସରକାରଙ୍କ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ମିଳିତ ଆନୁକୂଲ୍ୟରେ ପୁରୀର ଗୋଟିପୁଅ ନୃତ୍ୟ, ସ୍କୁଲ୍ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଚିତ୍ରାଙ୍କନ, ବକ୍ତୃତା ଓ ନୃତ୍ୟ ପ୍ରତିଯୋଗିତା ହେବା ସହ ମହିଳାମାନଙ୍କ ଦ୍ୱାରା ଶଙ୍ଖ, ହୁଳହୁଳି, ଝୋଟି, ମୁରୁଜ ଆଦି ପ୍ରତିଯୋଗିତାର କାର୍ଯ୍ୟକ୍ରମ ରହିଛି। ଏହି ସାମ୍ବାଦିକ ସମ୍ମିଳନୀରେ ସାରଗାଁ ଗ୍ରାମପଞ୍ଚାୟତର ନାଏବ ସରପଞ୍ଚ ମନ୍ମଥ ମାଝୀ, ପୂର୍ବତନ ସରପଞ୍ଚ ଆଇନଜୀବୀ ରବୀନ୍ଦ୍ର କୁମାର ନାୟକ, ପୂର୍ବତନ ସରପଞ୍ଚ ନରେନ୍ଦ୍ର ଦାସ, ବୈଶାଖୀ ମହୋତ୍ସବ କମିଟିର ଉପଦେଷ୍ଟା ଭାସ୍କର ଚନ୍ଦ୍ର ପାଣିଗ୍ରାହୀ, ପୂର୍ଣ୍ଣଚନ୍ଦ୍ର ସେଠୀ, ଉପସଭାପତି ଲକ୍ଷ୍ମୀଧର ସ୍ୱାଇଁ, ପୂର୍ଣ୍ଣଚନ୍ଦ୍ର ରାଉତ, ସାରିକା କର, ବରିଷ୍ଠ ସାମ୍ବାଦିକ ମନୋଜ କୁମାର ବିଶ୍ୱାଳ (ସମ୍ବାଦ) ଆଦି ନିଜ ନିଜର ବକ୍ତବ୍ୟ ରଖିଥିଲେ। ଏହି ବୈଶାଖୀ ମହୋତ୍ସବ କମିଟିର ସାଧାରଣ ସଂପାଦକ ଭାଗବତ ସାହୁ ପ୍ରାରମ୍ଭିକ ବକ୍ତବ୍ୟ ପ୍ରଦାନ କରି ବୈଶାଖୀ ମହୋତ୍ସବ-୮ର ରୂପରେଖ ଉପସ୍ଥାପନ କରିଥିଲାବେଳେ ଏହି କାର୍ଯ୍ୟକ୍ରମକୁ କାର୍ଯ୍ୟକାରୀ ସଭାପତି କବି ଶ୍ରୀଦେବ ସଂଚାଳନ କରିଥିଲେ ଏବଂ କମିଟିର ଅନ୍ୟତମ ଉପସଭାପତି ସୁରେଶ ଚନ୍ଦ୍ର ମାଝୀ, ପ୍ରଫୁଲ୍ଲ ନାୟକ, ଦୀନବନ୍ଧୁ ଦାସ, ଡମ୍ବରୁଧର ଦାସ, ସନାତନ ବେହେରା, ମମତା ଦାସ, ଜନାର୍ଦ୍ଦନ ବିନ୍ଧାଣୀ, ରମେଶ ବେହେରା, ଅଞ୍ଜନ କୁମାର ଦାସ, ହିମାଂଶୁ ପରିଡ଼ା, ରବୀନ୍ଦ୍ର ମଲ୍ଲୁଆଳ, ଦୀନବନ୍ଧୁ ବେହେରା, ମଧୁସୂଦନ ନାୟକ ପ୍ରମୁଖ ପରିଚାଳନାରେ ସହାୟତା କରିଥିଲେ।

## ଶଶୀଭୂଷଣଙ୍କ ୨୫ତମ ଶ୍ରାଦ୍ଧ ବାର୍ଷିକୀ

ଲଙ୍ଗଳେଶ୍ୱର ୮/୪(ନିପ୍ର) ବଣିଆଡିହା ପଞ୍ଚାୟତର ଝିଙ୍କିରିଆ ଅଞ୍ଚଳ ର ବିଶିଷ୍ଟ ଶିକ୍ଷାବିତ ସ୍ୱର୍ଗତ ଶଶୀଭୂଷଣ ମାନ୍ନାଙ୍କ ୨୫ ତମ ଶ୍ରାଦ୍ଧ ବାର୍ଷିକୀ ଅବସରରେ ତାଙ୍କ ବାସଭବନରେ ଅଷ୍ଟମ ପ୍ରହରୀ ନାମ ସଂକୀର୍ତ୍ତନ ଓ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଥିଲା। ଶାନ୍ତିଲତା ମାନ୍ନାଙ୍କ ଆବାହକ ରେ ଏଥିରେ ବାଲେଶ୍ୱର ସାଂସଦଙ୍କ ବାଲିଆପାଳ ବ୍ଲକ ପ୍ରତିନିଧି ମହେଶ୍ୱର ଜେନା, ବଣିଆଡିହା ପଞ୍ଚାୟତର ସରପଞ୍ଚ କାଳିଚରଣ ଜେନା, କଇନଗିରି ପଞ୍ଚାୟତର ସରପଞ୍ଚ ରାଧାବଲ୍ଲଭ ମଣ୍ଡଳ, ସାମ୍ବାଦିକ ରବିରଞ୍ଜନ ତ୍ରିପାଠୀ, ଶିକ୍ଷକ ଅମୂଲ୍ୟ ବିଶ୍ୱାଳ, ବଂଶୀଧର ଦାସ, ଉମେଶ ଗୋଛୟତ, ରବିନ୍ଦ୍ର ଦାସ ପ୍ରମୁଖ ଯୋଗଦେଇ ସ୍ୱର୍ଗତ ଶଶୀଭୂଷଣ ମାନ୍ନା ଙ୍କ ଶୃତିଚାରଣ କରିଥିଲେ ମନ୍ମଥ କୁମାର ମାନ୍ନା,ପ୍ରମଥ ମାନ୍ନା,ସୁରଥ କୁମାର ମାନ୍ନା ପ୍ରମୁଖ ପରିଚାଳନା କରିଥିଲେ।

# ଦିବାରାତ୍ର ଭଲିବଲ ଟୁର୍ଣ୍ଣାମେଣ୍ଟ ଉଦଯାପିତ




ବସ୍ତା, ୭।୪(ନିପ୍ର): ବସ୍ତାଥାନା ଅଧିନସ୍ଥ ନୂଆଗାଁ ବାପୁଜୀ କ୍ଲବ ରେ ବାର୍ଷିକ ଉତ୍ସବ ଓ ଦିବାରାତ୍ର ଭଲିବଲ ଟୁର୍ଣ୍ଣାମେଣ୍ଟ ଅନୁଷ୍ଠିତ ହୋଇଅଛି । ବସ୍ତା ବ୍ଲକ ରାଉତପଡା ପଞ୍ଚାୟତ ନୂଆଗାଁ ବାପୁଜି କ୍ଲବ ଆନୁକୁଲ୍ୟରେ ଏଥିରେ ୮ ଟି ଟିମ ଅଂଶ ଗ୍ରହଣ କରିଥିଲେ । ଏବଂ ଜୁନିଅର/ ସିନିଅର ସ୍କୁଲ ପିଲା ମାନଙ୍କର କୁଇଜ୍ ପ୍ରତି ଯୋଗୀତା ହେଇଥିଲା ତା ସହିତ ପୁରସ୍କାର ବିତରଣ କରା ଯାଇଥିଲା । କ୍ଲବ ର ସଭାପତି ଶକ୍ତିଧର ନାୟକ, ମେମ୍ବର ଶଷଧର ସ୍ୱାଇଁ , ମୁଖ୍ୟ ଅତିଥି ଭାବରେ ଅତିରିକ୍ତ ଜିଲ୍ଲା ପାଳ ନିଲୁ ମହାପାତ୍ର, ସମ୍ମାନିତ ଅତିଥି ଡ଼ି ଏସ ଓ ପୁର୍ନଚନ୍ଦ୍ର ଜେନା, ଅତିରିକ୍ତ ଏସ ପି ସନ୍ତୋଷ କୁମାର ନାୟକ, ମାରାଥନ ଅତିରିକ୍ତ ପୋଲିସ ଅଫିସର ନିରଞ୍ଜନ ବେହେରା, ଯୋଗ ଦେଇଥିଲେ । ଦିବାରାତ୍ର ଭଲିବଲ ଟୁର୍ନାମେଣ୍ଟ ହୋଇଥିଲା । ପ୍ରଦୀପ ପଣ୍ଡା, ଶଶୀକାନ୍ତ ପଣ୍ଡା, ମହାଦେବ ଦାସ, ମାୟାଧର ମଣି, ନରହରି ଦାସ, ବିଷ୍ଣୁ ଚରଣ ରାଉତ, ପ୍ରଭାକର ମହାନ୍ତି, ଦାସରଥି ରାଉତ, ମନୋରଞ୍ଜନ ଦାସ, ରାଜକିଶୋର ମହାନ୍ତି, ହରିନାଥ ସାହୁ ପ୍ରମୁଖଙ୍କ ଯୋଗ ଦେଇ ବାର୍ଷିକ ଉତ୍ସବକୁ ସୁଚାରୁ ରୂପେ ପାଳନ କରିଥିଲେ ।

# ରୂପସା ପୁଲିସର ଗାଡି ମୋଟର ଯାଞ୍ଚ: ଜୋରିମାନା ଆଦାୟ



ବସ୍ତା, ୮।୪(ନିପ୍ର): ରୂପସା ଥାନା ଅନ୍ତର୍ଗତ ବିଭିନ୍ନ ସ୍ଥାନରେ ଗାଡି ମୋଟର ଯାଞ୍ଚ ପ୍ରକ୍ରିୟା ହୋଇ ୨୯ହଜାର ୫ଶହ ଟଙ୍କା ଆଦାୟ ହୋଇଛି। ହେଲମେଟ,ସିଟ ବେଲ୍ଟ,ଡ୍ରାଇଭିଂ ଲାଇସେନ୍ସ, ନାବାଳକ ଗାଡି ଚାଳନା ଏବଂ ଅନ୍ୟାନ୍ୟ କାଗଜପତ୍ର ଯାଞ୍ଚ ହୋଇଛି ।ପୁଲିସ ଶନିବାର ରୂପସା ବସ ଷ୍ଟାଣ୍ଡ ଠାରେ ସକାଳ ଦଶଟା ଠାରୁ ଦିବା ଦୁଇ ଘଟିକା ପର୍ଯ୍ୟନ୍ତ ଯାଞ୍ଚ କରିଥିଲେ ।ଏଥିରେ ଆଇ ଆଇ ସି ପ୍ରଫୁଲ ମଲ୍ଲିକ,ଏ ଏସ ଆଇ ସନାତନ ବେହେରା,ଏ ଏସ ଆଇ ପମା ଦେଇ ସାମିଲ ହୋଇଥିଲେ। ଉକ୍ତ ଅଞ୍ଚଳରେ ଗାଡି ଚାଳକଙ୍କ ମଧ୍ୟରେ ଭୟର ବାତା ବରଣ ଦେଖାଯାଇଥିଲା।

# ଆଦି ମହୋତ୍ସବକୁ ଦେଖି ଯୁବ ପୀଢି ଅନୁପ୍ରାଣିତ ହେବେ : ଧର୍ମେନ୍ଦ୍ର ପ୍ରଧାନ

ଭୁବନେଶ୍ୱର, ୦୮/ ୦୪ : ରାଉରକେଲାରେ ଅନୁଷ୍ଠିତ ହେଉଥିବା 'ଆଦି ମହୋତ୍ସବ' ମହୋତ୍ସବକୁ ବିଶେଷ ଭାବରେ ଯୁବପିଢିମାନେ ଦେଖି ଅନୁପ୍ରାଣିତ ହେବେ ବୋଲି ଆଶା ପ୍ରକାଶ କରିଛନ୍ତି କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ । ସେ ଟ୍ୱିଟ କରି କହିଛନ୍ତି ଯେ ଜନଜାତି ପରମ୍ପରା ଆମର ଏକ ଅବିଚ୍ଛେଦ୍ୟ ଅଙ୍ଗ । ଭାରତ ସରକାରଙ୍କ ଜନଜାତି ବ୍ୟାପାର ମନ୍ତ୍ରଣାଳୟ ପକ୍ଷରୁ ଚଳିତବର୍ଷ ରାଉରକେଲାରେ ଅନୁଷ୍ଠିତ ହେଉଥିବା 'ଆଦି ମହୋତ୍ସବ' ଆମ ଦେଶର ବିବିଧ ସଂସ୍କୃତିର ପ୍ରତିଫଳନ । ଦେଶର ବିକାଶରେ ଜନଜାତି ସମାଜର ଅବଦାନକୁ ନେଇ ଆମେ ଗର୍ବିତ । ସ୍ୱାଧୀନତାର ଅମୃତକାଳରେ ଅନୁଷ୍ଠିତ ହେଉଥିବା ଏହି ମହୋତ୍ସବକୁ ବିଶେଷ ଭାବରେ ଯୁବପିଢିମାନେ ଦେଖି ଅନୁପ୍ରାଣିତ ହେବେ ବୋଲି ମୋର ବିଶ୍ୱାସ ।

# ବିଜେବି ସ୍ୱୟଂଶାସିତ ମହାବିଦ୍ୟାଳୟରେ ବିଶ୍ୱ ସ୍ୱାସ୍ଥ୍ୟ ଦିବସ ପାଳିତ




ଭୁବନେଶ୍ୱର,୮/୪ (ନିପ୍ର): ବିଶ୍ୱ ସ୍ୱାସ୍ଥ୍ୟ ଦିବସ ପାଳନ ଅବସରରେ ବି.ଜେ.ବି. ସ୍ୱୟଂ ଶାସିତ ମହାବିଦ୍ୟାଳୟ ଯୁବ ରେଡକ୍ରସ ତରଫରୁ ଏକ ସଚେତନତା ରାଲିର ଆୟୋଜନ କରାଯାଇଥିଲା। ଉକ୍ତ ରାଲିରେ ରେଡକ୍ରସର ସ୍ୱେଚ୍ଛାସେବୀମାନେ ବି.ଜେ.ବି ନଗରସ୍ଥିତ ବିଭିନ୍ନ ଆଖପାଖ ଅଞ୍ଚଳ ପରିକ୍ରମା କରି ଲୋକମାନଙ୍କୁ ଉତ୍ତମ ସ୍ୱାସ୍ଥ୍ୟର ଗୁରୁତ୍ୱ ସମ୍ପର୍କରେ ଅବଗତ କରାଇଥିଲେ। ଏହି କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ଅଧକ୍ଷ ଡ. ଜି.ଏମ୍ ଖାନ ଏବଂ ଯୁବ ରେଡକ୍ରସର କାଉନସେଲର ଅଧକ୍ଷା ଲେଖା ଦାସ ଉପସ୍ଥିତ ଥିଲେ।

# ଯୁକ୍ତ ଦୁଇ ମୂଲ୍ୟାୟନରେ ସାମିଲ ହେବେ ୬୬୨ ବର୍ଗ ଅଧାପକ

ଭୁବନେଶ୍ୱର, ୦୮/୦୪ : ଯୁକ୍ତ ଦୁଇ ପରୀକ୍ଷା ଖାତା ମୂଲ୍ୟାୟନରେ ସହଯୋଗ କରିବେ ୬୬୨ ବର୍ଗ ଅଧାପକ। ମୁଖ୍ୟମନ୍ତ୍ରୀ ଓ ମୁଖ୍ୟ ସଚିବ ଜାପାନ ଗସ୍ତରେ ଥିବାରୁ ଆଲୋଚନା ଘୁଂଚିଛି। ତେଣୁ ମୂଲ୍ୟାୟନରେ ସହଯୋଗ କରିବାକୁ ନିଷ୍ପତି ନେଇଛି ୬୬୨ ବର୍ଗ କଲେଜ ଅଧାପକ ସଂଘ। ମାତ୍ର ପ୍ରତୀକ ଧାରଣା ଜାରି ରହିବ ବୋଲି ସଂଘ ପକ୍ଷରୁ କୁହାଯାଇଛି। ସୂଚନାଯୋଗ୍ୟ, ଗତ ଗୁରୁବାର ମୁହଁରେ କଳାପଟି ବାନ୍ଧି ୬୬୨ ବର୍ଗ କଲେଜ ଅଧାପକ ସଂଘ ପକ୍ଷରୁ ଆନ୍ଦୋଳନ କରାଯାଇଥିଲା। ଗତ ଫେବୃଆରି ୧୩ ତାରିଖରୁ ୧୫ଦିନ ଧରି ଅହୋରାତ୍ର ଆନ୍ଦୋଳନ ଚାଲିବା ପରେ ସରକାର ସଂଘକୁ ଆଲୋଚନା ପାଇଁ ଡାକିଥିଲେ। ମାର୍ଚ୍ଚ ୧୦ରୁ ୧୨ତାରିଖ ମଧ୍ୟରେ ମନ୍ତ୍ରୀସ୍ତରୀୟ କମିଟି ବସି ସମସ୍ତ ଦାବି ପୂରଣ କରାଯିବ ବୋଲି ପ୍ରତିଶ୍ରୁତି ଦିଆଯାଇଥିଲା। ଆଲୋଚନା ପରେ ସେମାନେ ଯୁକ୍ତ ୨ ପରୀକ୍ଷା ପରିଚାଳନାରେ ସହଯୋଗ କରିଥିଲେ। ମାତ୍ର ଦାବି ପୂରଣ ନହେବାରୁ ସେମାନେ ପୁଣି ଥରେ ଆନ୍ଦୋଳନକୁ ଓହ୍ଲାଇଥିଲେ ।

# ଉପାନ୍ତ ରାସ୍ତାରେ ବାଇକ୍ ଦୁର୍ଘଟଣା : ୨ ମୃତ, ୧ ସ୍ଥାନାନ୍ତର



ଜଳେଶ୍ୱର,୮/୪(ନିପ୍ର) : ଜଳେଶ୍ୱରରୁ କାନ୍ଥି ଅଭିମୁଖେ ଯାଇଥିବା ରାସ୍ତାରର ମାଟିପୁରା ଫିଲିଙ୍ଗ ଷ୍ଟେସନ ଠାରେ ଏକ ବାଇକ୍ ଦୁର୍ଘଟଣା ଘଟିଥିବା ଜଣାଯାଇଛି । ଏହି ବାଇକ୍‌ରେ ୩ଜଣ ଯାଉଥିବା ବେଳେ ଏକ ଅଜଣା ପିକପ୍ ଧକ୍କା ଦେଇଥିଲା । ଫଳରେ ଡବ୍ଲୁ-୩୪-ବିଜେଡ୍-୮୨୪୦ ବାଇକ୍‌ଟି ଦୁର୍ଘଟଣାର ସମ୍ମୁଖୀନ ହୋଇଥିଲା । ମେଦିନୀପୁର ଜିଲାର ଦାନ୍ତୁନ ଥାନା ଅନ୍ତର୍ଗତ ଚକିସ୍ମାଇଲପୁର ପଂଚାୟତର ସାଉଟିଆ ଗାଁର ଏହି ୩ଜଣ ଯୁବକ ଗଲାବେଳେ ଦୁର୍ଘଟଣା ଘଟିଥିଲା । ଜଣେ ଘଟଣାସ୍ଥଳରେ ମୃତ୍ୟୁବରଣ କରିଥିବା ବେଳେ ଅନ୍ୟ ଜଣେ ଜିକେଭଟ୍ଟର ହସ୍ପିଟାଲରେ ମୃତ୍ୟୁବରଣ କରିଛନ୍ତି । ଅନ୍ୟଜଣ ଗୁରୁତର ବ୍ୟକ୍ତିକୁ କୋଲକତା ସ୍ଥାନାନ୍ତର କରାଯାଇଛି ।

# ପାଣି ଟାଙ୍କିର କାର୍ଯ୍ୟ ନିମ୍ନମାନର ଅଭିଯୋଗ

ଲଙ୍ଗଳେଶ୍ୱର, ୮/୪(ନିପ୍ର): ସଦର ବ୍ଲକ ଅନ୍ତର୍ଗତ କଷାଫଳ ପଞ୍ଚାୟତର ସାର୍ଥା ବିନ୍ଧା ଗ୍ରାମ ର ନିର୍ମାଣ ହୋଇଥିବା ପାଣି ଟାଙ୍କିର କାର୍ଯ୍ୟ ନିମ୍ନମାନର ଅଭିଯୋଗ ହୋଇଛି। ରାଜ୍ୟ ସରକାର ର ପଞ୍ଚାୟତିରାଜ ଓ ପାନୀୟ ଜଳଯୋଗାଣ ବିଭାଗ ପକ୍ଷରୁ ଏଠାରେ ୭୦ ଲକ୍ଷ ଟଙ୍କା ବ୍ୟୟରେ ନିର୍ମିତ ଟାଙ୍କିର ବ୍ୟବହାର ହେଉଥିବା ସାମଗ୍ରୀ ଦୁଇ ନମ୍ବରି ରଡ୍ କାଦୁଆ ମିଶାବାଲି ମଲା ମେଟାଲ ଓ ଚିପ୍ସ ସିମେଣ୍ଟ ପ୍ରଭୃତି ଜିନିଷ ସବୁ ନିମ୍ନମାନର ବୋଲି ସେଠାରେ କାର୍ଯ୍ୟ କରୁଥିବା ଲେବର ପ୍ରଶାନ୍ତ ରଣା କହିଛନ୍ତି। ତାଙ୍କ କହିବା କଥା କାର୍ଯ୍ୟକୁ ତଦାରଖ କରିବାପାଇଁ ବିଭାଗୀୟ ଅଧିକାରୀ ମାନେ ଆସନ୍ତି ନାହିଁ ଫଳରେ ଏହାର ଫାଇଦା ଉଠାଉଛନ୍ତି ଠିକାଦାର । ଫଳରେ ସରକାରୀ ଯୋଜନା ଫଳପ୍ରଦ ହୋଇପାରୁନାହିଁ। ଏହି କାର୍ଯ୍ୟର ଉଚ୍ଚସ୍ତରୀୟ ତଦନ୍ତ କରିବାକୁ ଗ୍ରାମବାସୀ ଦାବି କରିଛନ୍ତି ଘଟଣା ସମ୍ପର୍କରେ ବିଭାଗୀୟ ଅଧିକାରୀଙ୍କୁ ଯୋଗାଯୋଗ କରିବା ରୁ ରଙ୍ଗ ନମ୍ବର କହି ଫୋନ୍ କାଟିଦେଲେ। ତେବେ ଠିକାଦାର କହିଲେ କାର୍ଯ୍ୟ ଠିକ ଭାବରେ ଚାଲିଛି ବୋଲି କହିଛନ୍ତି।

❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: **ସୃଷ୍ଟିଧର ପରିଡ଼ା**
❒ ସଂପାଦିକା : **ସୈରିନ୍ଧ୍ରୀ ସାହୁ**

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704,267078, Fax- (06782) 267078

❒ Managing & Executive Editor : Srustidhar Parida
❒ Editor: Sairindhree Sahoo